

ଆଇପିଏଲ୍ ସୁପରଷ୍ଟାର
ସୂର୍ଯ୍ୟବଂଶୀ
▶ପୃଷ୍ଠା ୧୨ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-334 •TUESDAY •2 JUNE 2026 •PAGE-12 •₹ 7.00 | SAMBALPUR | •ବର୍ଷ-୪୩ •ସଂଖ୍ୟା-୩୩୪ •ମଙ୍ଗଳବାର •୨ ଜୁନ୍ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦





# ୧୬ ବର୍ଷରୁ କମ୍ ପିଲାଙ୍କ ପାଇଁ ସାମାଜିକ ଗଣମାଧ୍ୟମ ବ୍ୟାନ୍ କଲା ମାଲେସିଆ



କୁଆଲାଲମ୍ପୁର, ୧।୬(ଏଜେନ୍ସି): ଶିଶୁମାନଙ୍କ ଅନଲାଇନ୍ ସୁରକ୍ଷାକୁ ଅଧିକ ମଜଭୁତ କରିବା ପାଇଁ ମାଲେସିଆ ସରକାର ସୋମବାରଠାରୁ ଏକ ବଡ଼ ନିୟମ ଲାଗୁ କରିଛନ୍ତି। ନୂତନ ନିୟମ ଅନୁଯାୟୀ, ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ସାମାଜିକ ଗଣମାଧ୍ୟମ (ସୋସିଆଲ୍ ମିଡିଆ) ଆକାଉଣ୍ଟ ଖୋଲିବା ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଯାଇଛି। ଫେସବୁକ୍, ଇନଷ୍ଟାଗ୍ରାମ, ଟିକଟକ୍ ଏବଂ ୟୁଟ୍ୟୁବ୍ ଭଳି ୮ ମିଲିୟନରୁ ଅଧିକ ବ୍ୟବହାରକାରୀ ଥିବା ପ୍ରତିଟି ପ୍ରମୁଖ ପ୍ଲାଟଫର୍ମକୁ ଏବେ ବୟସ ଯାଞ୍ଚ ପ୍ରଣାଳୀ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସରକାରଙ୍କ କହିବା ଅନୁଯାୟୀ, ପିଲାମାନଙ୍କୁ ସାଇବର ବୁଲିଂ, କ୍ଷତିକାରକ ବିଷୟବସ୍ତୁ ଏବଂ ସୋସିଆଲ ମିଡିଆର ଅତ୍ୟଧିକ ବ୍ୟବହାରରୁ ରକ୍ଷା କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଏହି ନିୟମ ଉଲ୍ଲଂଘନ କଲେ ସମ୍ପୃକ୍ତ କମ୍ପାନୀଗୁଡ଼ିକ ଉପରେ ୧୦ ମିଲିୟନ୍ ରିଙ୍ଗିଟ୍ (ପ୍ରାୟ ୨.୫ ମିଲିୟନ୍ ଆମେରିକୀୟ ଡଲାର) ପର୍ଯ୍ୟନ୍ତ ଜରିମାନା କରାଯିବାର ବ୍ୟବସ୍ଥା ରହିଛି। ତେବେ ଯଦି କୌଣସି ପିଲା ଏହି ନିୟମକୁ ଏଡ଼ାଇ ଆକାଉଣ୍ଟ ଖୋଲିବାରେ ସଫଳ ହୁଏ, ତେବେ ସେଥିପାଇଁ ପିତାମାତାଙ୍କୁ ଦଣ୍ଡିତ କରାଯିବ ନାହିଁ। ଅଷ୍ଟ୍ରେଲିଆ, ବ୍ରାଜିଲ ଏବଂ ଇଣ୍ଡୋନେସିଆ ଭଳି ଦେଶ ପରେ ମାଲେସିଆ ଏହି ଗ୍ଲୋବାଲ୍ ଟ୍ରେଣ୍ଡରେ ସାମିଲ ହୋଇଛି, ଯଦିଓ ଏହା ଦ୍ୱାରା ବ୍ୟକ୍ତିଗତ ତଥ୍ୟର ସୁରକ୍ଷା (ଡାଟା ପ୍ରାଇଭେସି) କୁ ନେଇ କେତେକ ବିଶେଷଜ୍ଞ ଚିନ୍ତା ପ୍ରକଟ କରିଛନ୍ତି।

# ଅନ୍‌ଲାଇନ୍ ପ୍ରେମ ପାଇଁ ଗିରଫ ହେଲେ ପିଓକେ ଯୁବକ

ଉରି, ୧।୬(ଏଜେନ୍ସି): ସାମାଜିକ ଗଣମାଧ୍ୟମରେ ଗଢ଼ି ଉଠିଥିବା ପ୍ରେମ ସମ୍ପର୍କ ପାଇଁ ଜଣେ ୨୨ ବର୍ଷୀୟ ଯୁବକ ବିଶ୍ୱର ସୀମା ପାର୍ କରି ଭାରତୀୟ ସୀମାରେ ପ୍ରବେଶ କରିଛନ୍ତି। ଜମ୍ମୁ-କାଶ୍ମୀରର ଉରି ସେକ୍ଟରରେ ନିଜ ପ୍ରେମିକାକୁ ଭେଟିବାକୁ ଚେଷ୍ଟା କରୁଥିବା ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ର ଏହି ଯୁବକଙ୍କୁ ଭାରତୀୟ ସେନା ସୀମା ପାର୍ ହେବାର କିଛି ସମୟ ମଧ୍ୟରେ ହିଁ ଗିରଫ କରିଛି। ରବିବାର ସକାଳ ପ୍ରାୟ ୯ଟା ୩୦ ମିନିଟରେ ଉରିର ସିଲିକୋଟ୍ ଅଞ୍ଚଳରେ ନିୟନ୍ତ୍ରଣ ରେଖା (ଏଲ୍‌ଓସି) ପାର୍ ହୋଇ ଜଣେ ବ୍ୟକ୍ତି ଭାରତୀୟ ସୀମା ଆଡ଼କୁ ଆସୁଥିବା ସେନା ଜବାନମାନେ ଦେଖିବାକୁ ପାଇଥିଲେ। ପରେ ତାଙ୍କୁ ସେଠାରେ ଅଟକ ରଖାଯାଇଥିଲା। ପଚରାଉଚରା ସମୟରେ ଯୁବକ ଜଣକ ନିଜର ପରିଚୟ ପିଓକେର ମୁଜାଫରାବାଦ ନିବାସୀ ଜୀଶାନ୍ ଅହମ୍ମଦ ମୀର ବୋଲି ଦେଇଛନ୍ତି ଏବଂ ତାଙ୍କ ନିକଟରୁ ଏକ ପାକିସ୍ତାନୀ ପରିଚୟ ପତ୍ର ମଧ୍ୟ ମିଳିଛି। ଜୀଶାନ୍ ସୁରକ୍ଷାକର୍ମୀଙ୍କୁ ଜଣାଇଛନ୍ତି ଯେ, ସାମାଜିକ ଗଣମାଧ୍ୟମ ଜରିଆରେ ଉରି ଅଞ୍ଚଳର ଇରମ୍ ବାନୋ ନାମକ ଜଣେ ଯୁବତୀଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ସେହି ଯୁବତୀଙ୍କୁ ଦେଖା କରିବା ପାଇଁ ସେ ଏଭଳି ବିପଜ୍ଜନକ ପଦକ୍ଷେପ ନେଇ ସୀମା ପାର୍ ହୋଇଛନ୍ତି। ବର୍ତ୍ତମାନ ସୁରକ୍ଷା ଏଜେନ୍ସିଗୁଡ଼ିକ ଯୁବକ ଏବଂ ସମ୍ପୃକ୍ତ ଯୁବତୀ ଦୁହିଁଙ୍କୁ ପଚରାଉଚରା କରିବା ସହ ସେମାନଙ୍କ ମଧ୍ୟରେ ହୋଇଥିବା ଅନ୍‌ଲାଇନ୍ କଥାବାର୍ତ୍ତାର ଡିଜିଟାଲ୍ ତଥ୍ୟ ଯାଞ୍ଚ କରୁଛନ୍ତି।

# ଗଛ ଉପରୁ ମାଙ୍କଡ଼ର 'ଟଙ୍କା ବର୍ଷା'



■ ବ୍ୟାଗ୍ ଛଡ଼ାଇ ଗଛରୁ ନୋଟ୍ ଉଡ଼ାଇଲା
■ ନୋଟ୍ ଗୋଟାଇବାକୁ ଲୋକଙ୍କ ଭିଡ଼

ଲକ୍ଷ୍ନୌ, ୧।୬(ଏଜେନ୍ସି): ଉତ୍ତରପ୍ରଦେଶର ବୁଲନ୍ଦସହର ଜିଲ୍ଲା ଅଦାଲତ ପରିସର ନିକଟରେ ଏକ ଅଜବ ଓ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ଏକ ମାଙ୍କଡ଼ ଜଣେ ବ୍ୟକ୍ତିଙ୍କ ହାତରୁ ୨,୦୦,୦୦୦ ଟଙ୍କା ଥିବା ବ୍ୟାଗ୍ ଛଡ଼ାଇ ନେଇ ଗଛ ଉପରୁ ନୋଟ୍ ବର୍ଷା କରିଛି। ଏହି ଦୃଶ୍ୟ ଦେଖି ସେଠାରେ ଉପସ୍ଥିତ ଥିବା ଲୋକଙ୍କ ମଧ୍ୟରେ ଟଙ୍କା ଗୋଟାଇବା ପାଇଁ ପ୍ରତିଯୋଗିତା ଓ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଶନିବାର ଦିନ ଜଣେ ବ୍ୟକ୍ତି ଜମି କିଣାବିକା ସମ୍ପର୍କିତ କାଗଜପତ୍ର କାମ ପାଇଁ ଅଦାଲତ ପରିସରରେ ଥିବା ଜଣେ ଓକିଲଙ୍କ ପ୍ରକୋଷ୍ଠକୁ ଆସିଥିଲେ। ସେ ନିଜ ସାଙ୍ଗରେ ବ୍ୟାଗ୍‌ରେ ୨,୦୦,୦୦୦ ଟଙ୍କା ନେଇ ଆସିଥିବା ବେଳେ ହଠାତ୍ ଏକ ମାଙ୍କଡ଼ ତାଙ୍କ ହାତରୁ ବ୍ୟାଗ୍‌ଟିକୁ ଝାମ୍ପି ନେଇ ଦ୍ରୁତ ଗତିରେ ପାଖରେ ଥିବା ଏକ ଗଛ ଉପରକୁ ଚଢ଼ି ଯାଇଥିଲା। ଗଛ ଉପରେ ବସି ମାଙ୍କଡ଼ଟି ଖାଦ୍ୟ ସନ୍ଧାନରେ ବ୍ୟାଗ୍‌ଟିକୁ ଖୋଜାଖୋଜି କରିବା ଆରମ୍ଭ କରିଥିଲା। ହେଲେ ଖାଦ୍ୟ ବଦଳରେ ସେଥିରୁ ୫୦୦ ଟଙ୍କିଆ ନୋଟ୍‌ର ବିଡ଼ା ବାହାରିଥିଲା। ଏହାପରେ ମାଙ୍କଡ଼ଟି ନୋଟ୍ ବିଡ଼ାଗୁଡ଼ିକୁ ଚିରି ଆକାଶରୁ ବର୍ଷା ହେବା ଭଳି ତଳକୁ ଫିଙ୍ଗିବାକୁ ଲାଗିଲା। ମାତ୍ର କିଛି ମିନିଟ୍ ମଧ୍ୟରେ ଗଛ ତଳେ ଏବଂ ଆଖପାଖ ରାସ୍ତାରେ ନୋଟ୍ ଉଡୁଥିବାର ଦେଖି ପ୍ରବଳ ଭିଡ଼ ଜମିଯାଇଥିଲା। ଏହି ସମଗ୍ର ଘଟଣାର ଏକ ୫୩ ସେକେଣ୍ଡର ଭିଡିଓ ବର୍ତ୍ତମାନ ସାମାଜିକ ଗଣମାଧ୍ୟମରେ ଖୁବ୍ ଭାଇରାଲ୍ ହେବାରେ ଲାଗିଛି। ବ୍ୟାଗ୍‌ର ମାଲିକ ଜଣକ ନିଜର ଟଙ୍କା ବଞ୍ଚାଇବା ପାଇଁ ଚିତ୍କାର କରିଥିବା ବେଳେ ସେଠାରେ ଥିବା ସ୍ଥାନୀୟ ଲୋକେ ଏବଂ ପ୍ରତ୍ୟକ୍ଷଦର୍ଶୀମାନେ ଟଙ୍କା ଗୋଟାଇବାରେ ଲାଗିପଡ଼ିଥିଲେ। ତେବେ ପରବର୍ତ୍ତୀ ସମୟରେ ସ୍ଥାନୀୟ ଲୋକଙ୍କ ସହାୟତାରେ ବ୍ୟାଗ୍ ମାଲିକ ନିଜର ପ୍ରାୟ ୧,୯୮,୦୦୦ ଟଙ୍କା ଫେରସ୍ତ ପାଇବାରେ ସଫଳ ହୋଇଛନ୍ତି। ମାଙ୍କଡ଼ର ଏଭଳି କାଣ୍ଡ ପୁରା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଗର୍ଭବତୀ ପତ୍ନୀଙ୍କ ପାଇଁ ରାସ୍ତା ଉପରେ ସ୍ୱାମୀଙ୍କ ଧାରଣା



ବେଙ୍ଗାଲୁର, ୧।୬(ଏଜେନ୍ସି): ବେଙ୍ଗାଲୁରୁର ଅତି ଜଟିଳ ଟ୍ରାଫିକ୍ ସମସ୍ୟା ମଧ୍ୟରେ ଜଣେ ସାଧାରଣ ନାଗରିକଙ୍କ ଅଭିନବ ବିରୋଧ ପ୍ରଦର୍ଶନର ଭିଡିଓ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। କର୍ଣ୍ଣାଟକର ରାଜ୍ୟପାଳ ଥାୱରଚାନ୍ଦ ଗେହଲଟଙ୍କ ଗସ୍ତ ପାଇଁ ଓଲ୍ଡ ଏୟାରପୋର୍ଟ ରୋଡ୍‌ରେ ଦୀର୍ଘ ସମୟ ଧରି ଟ୍ରାଫିକ୍ ଅଟକାଇ ଦିଆଯାଇଥିଲା। ଏହି ସମୟରେ ଗାଡ଼ିରେ ନିଜ ଗର୍ଭବତୀ ପତ୍ନୀଙ୍କ ସହ ଯାତ୍ରା କରୁଥିବା ଜଣେ ବ୍ୟକ୍ତି ଅତିଷ୍ଠ ହୋଇ ଗାଡ଼ିରୁ ଓହ୍ଲାଇ ରାସ୍ତା ମଝିରେ ବସି ପଡ଼ିଥିଲେ ଏବଂ ରାଜ୍ୟପାଳଙ୍କ କାର୍‌କେଡ୍ ଅର୍ଥାତ ଗାଡ଼ିର ଶୋଭାଯାତ୍ରାକୁ ଆଗୁ ଯିବାରେ ବାଧା ସୃଷ୍ଟି କରିଥିଲେ। ରାସ୍ତାରେ ବସି ରହିଥିବା ସେହି ବ୍ୟକ୍ତି ଜଣକ ଟ୍ରାଫିକ୍ ପୁଲିସ ସହ ଯୁକ୍ତିତର୍କ କରି କହିଥିଲେ, 'ମୋ ପତ୍ନୀ ଗର୍ଭବତୀ ଅଛନ୍ତି। ଆମର ମଧ୍ୟ ଜରୁରୀ କାମ ଅଛି। କେବଳ ରାଜ୍ୟପାଳ ଜଣେ ବଡ଼ ବ୍ୟକ୍ତି ବୋଲି ଆମେ କ'ଣ କେହି ନୁହଁ?' ପୁଲିସ ଅଫିସର ଜଣକ ତାଙ୍କୁ ବୁଝାଇବାକୁ ଚେଷ୍ଟା କରି ଆପଣ ମଧ୍ୟ ଜଣେ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି ବୋଲି କହିଥିଲେ ଏବଂ ସେଠାରୁ ଉଠିଯିବାକୁ ଅନୁରୋଧ କରିଥିଲେ, କିନ୍ତୁ ଯୁବକ ଜଣକ ସେଠାରୁ ହଟିବାକୁ ସିଧା ମନା କରିଦେଇଥିଲେ। ପରେ ପୁଲିସ ଗାଡ଼ି ଡକାଯିବା ପରେ ଏହି ସ୍ଥିତି ଶାନ୍ତ ପଡ଼ିଥିଲା। ଏହି ଘଟଣାଟି ଦେଶରେ ପୁଣି ଥରେ 'ଭିଆଇପି ସଂସ୍କୃତି' ଏବଂ ଏହା ଦ୍ୱାରା ସାଧାରଣ ଜନତା ଭୋଗୁଥିବା ଅସୁବିଧାକୁ ନେଇ ଏକ ବଡ଼ ବିତର୍କ ସୃଷ୍ଟି କରିଛି।

# ତାମିଲନାଡୁ ରାଜନୀତି ସରଗରମ, ବିଜେପି ଛାଡ଼ିବେ ଅନ୍ନାମଲାଇ!

ଚେନ୍ନାଇ, ୧।୬(ଏଜେନ୍ସି): ତାମିଲନାଡୁ ରାଜନୀତିରୁ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଦକ୍ଷିଣ ଭାରତରେ ବିଜେପି'ର ପ୍ରମୁଖ ତଥା ଚର୍ଚ୍ଚିତ ଚେହେରା ଭାବେ ଜଣାଶୁଣା ପୂର୍ବତନ ପ୍ରଦେଶ ସଭାପତି କେ. ଅନ୍ନାମଲାଇ ଦଳରୁ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଇଛନ୍ତି। ବିଜେପିର ବରିଷ୍ଠ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସେ ମଙ୍ଗଳବାର ଦିନ ଦିଲ୍ଲୀରେ ଦଳର ଜାତୀୟ ମୁଖ୍ୟ ନିତିନ ନବୀନଙ୍କୁ ଭେଟି ଆନୁଷ୍ଠାନିକ ଭାବେ ନିଜର ଏହି ନିଷ୍ପତ୍ତି ଜଣାଇବେ। ଅନ୍ନାମଲାଇ ସୋମବାର ରାତିରେ ହିଁ ଦିଲ୍ଲୀରେ ପହଞ୍ଚିବାକୁ ଥିବା ବେଳେ ତାଙ୍କର ଏହି ଗସ୍ତ କେବଳ ଏକ ରାଜନୈତିକ ବୈଠକ ନୁହେଁ, ବରଂ ଗତ ୬ ବର୍ଷର ସାଧାରଣ ଜୀବନ ମଧ୍ୟରେ ବିଜେପି ପକ୍ଷରୁ ମିଳିଥିବା ସୁଯୋଗ ପାଇଁ କୃତଜ୍ଞତା ଜଣାଇବାର ଏକ ମାଧ୍ୟମ ବୋଲି କୁହାଯାଉଛି। ଭାରତୀୟ ପୁଲିସ ସେବା (ଆଇପିଏସ) ପଦବୀରୁ ଇସ୍ତଫା ଦେଇ ରାଜନୀତିରେ ପ୍ରବେଶ କରିଥିବା ଅନ୍ନାମଲାଇଙ୍କର ଏହି ନିଷ୍ପତ୍ତି ରାଜ୍ୟ ରାଜନୀତିରେ ହଲଚଲ ସୃଷ୍ଟି କରିଛି। ଅଭିନେତାରୁ ନେତା ବନିଥିବା ସି. ଜୋସେଫ୍ ବିଜୟଙ୍କ ନିର୍ବାଚନୀ ବିଜୟ ପରେ ତାମିଲନାଡୁର ରାଜନୈତିକ ସମୀକରଣ ବଦଳିବାରେ ଲାଗିଛି।

# ଧୁରନ୍ଧର ଚଳଚ୍ଚିତ୍ରକୁ ନେଇ ଦାଉଦ୍ ଗ୍ୟାଙ୍ଗ କ୍ଷୁବ୍ଧ

ମୁମ୍ବାଇ, ୧।୬(ଏଜେନ୍ସି): ବଲିଉଡର ସୁପରହିଟ୍ ଗୁପ୍ତଚର ଭିତ୍ତିକ ଚଳଚ୍ଚିତ୍ର ଧୁରନ୍ଧର'କୁ ନେଇ ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦ୍ ଇବ୍ରାହିମର ଆତଙ୍କବାଦୀ ସଂଗଠନ ଡି-କମ୍ପାନୀ କ୍ଷୁବ୍ଧ ହୋଇପଡ଼ିଛି। ଚଳଚ୍ଚିତ୍ରରେ ଜଣେ ଚରିତ୍ରକୁ ଦାଉଦ୍ ଭଳି ଦେଖାଯିବା ସହ ତାଙ୍କର ମୃତ୍ୟୁ ଶଯ୍ୟା ଦୃଶ୍ୟକୁ ଦେଖାଯାଇଥିବାରୁ, ଦାଉଦ୍ ଏବେ ବି ଜୀବିତ ଅଛି ବୋଲି ପ୍ରମାଣ କରିବାକୁ ଏହି ଗ୍ୟାଙ୍ଗ ମୁମ୍ବାଇରେ ନିଜର ସକ୍ରିୟତା ବଢ଼ାଇଥିଲା। ତେବେ ଭାରତୀୟ ସୁରକ୍ଷା ଏଜେନ୍ସି ଏହି ବଡ଼ ଆତଙ୍କବାଦୀ ଷଡ଼ଯନ୍ତ୍ରକୁ ପଣ୍ଡ କରିଦେଇଛନ୍ତି। ସୂତ୍ର ଅନୁସାରେ, ପାକିସ୍ତାନରେ ରହୁଥିବା ଦାଉଦ୍‌ର ସଂଗଠନ ନିଜର ଅସ୍ତିତ୍ୱ ବଞ୍ଚାଇବା ପାଇଁ ଭାରତରେ ଏକ ବଡ଼ ଧରଣର ଆକ୍ରମଣ କିମ୍ବା କୌଣସି ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ଟାର୍ଗେଟ୍ କରିବାକୁ ଯୋଜନା କରୁଥିଲା। ଏଥିପାଇଁ ମୁମ୍ବାଇର ରାସ୍ତାରୁ ସାଧାରଣ ଯୁବକମାନଙ୍କୁ ଭୁଲ୍ ବୁଝାଇ ଦଳରେ ସାମିଲ କରାଯାଉଥିଲା। ପାକିସ୍ତାନର ଗୁପ୍ତଚର ସଂସ୍ଥା ଏହି ନୂତନ ସଦସ୍ୟମାନଙ୍କୁ ପ୍ରଶିକ୍ଷଣ ଓ ଅସ୍ତ୍ରଶସ୍ତ୍ର ଯୋଗାଇବା ଦାୟିତ୍ୱ ନେଇଥିଲା। ନିକଟରେ ଦିଲ୍ଲୀ ପୁଲିସ ଏହି ଆତଙ୍କବାଦୀ ନେଟୱର୍କର ପର୍ଦ୍ଦାଫାଶ କରିବା ସହ ପାକିସ୍ତାନୀ ଗୁପ୍ତଚର ସଂସ୍ଥା ଏବଂ ମୁମ୍ବାଇ ଅଣ୍ଡରୱାର୍ଲ୍ଡ ମଧ୍ୟରେ ଥିବା ସମ୍ପର୍କକୁ ସାମ୍ନାକୁ ଆଣିଛି।

# ଶୁଭେନ୍ଦୁ ଅଧିକାରୀ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ, ମନ୍ତ୍ରୀ ହେଲେ ଆଉ ୩୫ ବିଧାୟକ

କୋଲକାତା, ୧।୬(ଏଜେନ୍ସି): ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ମନ୍ତ୍ରୀମଣ୍ଡଳର ପ୍ରଥମ ସମ୍ପ୍ରସାରଣ ହୋଇଛି। ସୋମବାର ଲୋକ ଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ବିଜେପିର ୩୫ ଜଣ ବିଧାୟକଙ୍କୁ ରାଜ୍ୟପାଳ ଆର.ଏନ. ରବି ମନ୍ତ୍ରୀ ଭାବେ ଶପଥ ପାଠ କରାଇଛନ୍ତି। ଏହି ନୂତନ ସଦସ୍ୟମାନଙ୍କ ସାମିଲ ହେବା ପରେ ପଶ୍ଚିମବଙ୍ଗ ମନ୍ତ୍ରୀମଣ୍ଡଳର ସଦସ୍ୟ ସଂଖ୍ୟା ୪୧ରେ ପହଞ୍ଚିଛି। ୨୯୪ ଆସନ ବିଶିଷ୍ଟ ବିଧାନସଭା ନିୟମ ଅନୁଯାୟୀ ଏଠାରେ ସର୍ବାଧିକ ୪୪ ଜଣ ମନ୍ତ୍ରୀ ରହିପାରିବେ। ଏହି ସମ୍ପ୍ରସାରଣରେ ସ୍ୱପନ ଦାସଗୁପ୍ତ, ତାପସ ରାୟ, ମନୋଜ ଓରାଓଁ ଏବଂ ଶଙ୍କର ଘୋଷଙ୍କ ଭଳି ପ୍ରମୁଖ ବିଧାୟକମାନେ କ୍ୟାବିନେଟ୍ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ସେହିପରି ୩ ଜଣଙ୍କୁ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଏବ ୧୧ ଜଣଙ୍କୁ ରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ମିଳିଛି। ସୂଚନାଯୋଗ୍ୟ ଯେ, ଗତ ମେ ୯ ତାରିଖରେ ଶୁଭେନ୍ଦୁ ଅଧିକାରୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ। ପଶ୍ଚିମବଙ୍ଗ ନିର୍ବାଚନରେ ବିଜେପି ୨୦୮ଟି ଆସନ ଜିତି ସଂଖ୍ୟାଗରିଷ୍ଠତା ହାସଲ କରିବା ସହ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସର ୧୫ ବର୍ଷର ଶାସନର ଅନ୍ତ ଘଟାଇ ପ୍ରଥମ ଥର ପାଇଁ ରାଜ୍ୟରେ ସରକାର ଗଠନ କରିଛି।

# ଇରାନ ଉପରେ ଆମେରିକାର ପୁଣି ଆକ୍ରମଣ



ତେହରାନରେ ଆମେରିକା ବିରୋଧରେ ବିକ୍ଷୋଭ

ୱାଶିଂଟନ, ୧।୬(ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା ଏବେ ଚରମ ସୀମାରେ ପହଞ୍ଚିଛି। ଗତ ସପ୍ତାହ ଶେଷରେ ଆମେରିକା ସେନା ଇରାନର ଗୋରୁକ୍ ଏବଂ କେଶ୍ମ ଦ୍ୱୀପପୁଞ୍ଜରେ ଥିବା ରାଡାର ଏବଂ ଡ୍ରୋନ୍ ନିୟନ୍ତ୍ରଣ କେନ୍ଦ୍ରଗୁଡ଼ିକ ଉପରେ ଜବାବୀ ଆକ୍ରମଣ ବା 'ଆତ୍ମରକ୍ଷା ମୂଳକ ଏୟାର ଷ୍ଟ୍ରାଇକ୍' କରିଛି। ଆମେରିକାର ସେଣ୍ଟ୍ରାଲ କମାଣ୍ଡ (ସେଣ୍ଟକମ୍) ଅନୁଯାୟୀ, ଇରାନର ଆକ୍ରମଣାତ୍ମକ ଆଭିମୁଖ୍ୟର ଜବାବରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆଶ୍ଚର୍ଯ୍ୟର ବିଷୟ ହେଉଛି, ଏହି ଆକ୍ରମଣ ଏଭଳି ସମୟରେ ହୋଇଛି ଯେତେବେଳେ ଦୁଇ ଦେଶ ମଧ୍ୟରେ ଯୁଦ୍ଧବିରତି ଏବଂ ହର୍ମୁଜ ପ୍ରଣାଳୀ ଖୋଲିବା ପାଇଁ ଶାନ୍ତି ଆଲୋଚନା ଚାଲିଛି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସେଣ୍ଟକମ୍ ପକ୍ଷରୁ ସୂଚନା ଦିଆଯାଇଛି ଯେ, ଆନ୍ତର୍ଜାତୀୟ ଜଳସୀମା ଉପରେ ଉଡ଼ାଣ ଭରୁଥିବା ଆମେରିକାର ଏକ 'ଏମକ୍ୟୁ-୧ ପ୍ରେଡେଟର' ଡ୍ରୋନକୁ ଇରାନ ଗୁଳି କରି ଖସାଇ ଦେଇଥିଲା। ଏହାର ପ୍ରତିଶୋଧ ନେବାକୁ ଯାଇ ଆମେରିକାର ଯୁଦ୍ଧ ବିମାନଗୁଡ଼ିକ ଇରାନର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା, ଗୋଟିଏ ଗ୍ରାଉଣ୍ଡ କଣ୍ଟ୍ରୋଲ ଷ୍ଟେସନ ଏବଂ ୨ଟି ଆକ୍ରମଣକାରୀ ଡ୍ରୋନ୍‌କୁ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ କରିଦେଇଛନ୍ତି। ତେବେ ଏହି ଆକ୍ରମଣରେ ଆମେରିକାର କୌଣସି ସେନା କର୍ମଚାରୀ ଆହତ ହୋଇନାହାନ୍ତି। ଗତ ସପ୍ତାହରେ ମଧ୍ୟ ଦୁଇ ଦେଶ ମଧ୍ୟରେ ଏଭଳି ଆକ୍ରମଣ ପ୍ରତିଆକ୍ରମଣ ଦେଖିବାକୁ ମିଳିଥିଲା। ଅପରପକ୍ଷରେ ଇରାନର ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କୋର୍ପସ (ଆଇଆରଜିସି) ଦାବି କରିଛି ଯେ, ଆମେରିକା ଯେଉଁ ଏୟାରବେସ୍‌ରୁ ଇରାନର ସିରିକ୍ ଦ୍ୱୀପରେ ଥିବା ଏକ ଟେଲିକମ୍ ଟାୱାର ଉପରେ ଆକ୍ରମଣ କରିଥିଲା, ସେମାନେ ସେହି ଏୟାରବେସ୍‌କୁ ଟାର୍ଗେଟ କରି ଧ୍ୱଂସ କରିଦେଇଛନ୍ତି। ଏହି ଆକ୍ରମଣ ସମ୍ଭବତଃ କୁୱେତରେ ଥିବା ଆମେରିକା ସେନା ବେସ୍ ଉପରେ ହୋଇଥିବା ଅନୁମାନ କରାଯାଉଛି। କୁୱେତ ସରକାର ମଧ୍ୟ ସୋମବାର ସକାଳେ ସେମାନଙ୍କର ବାୟୁ ପ୍ରତିରକ୍ଷା ପ୍ରଣାଳୀ କିଛି କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣକୁ ପଣ୍ଡ କରିଥିବା ସ୍ପଷ୍ଟ କରିଛି।

# ଟିଏମସିରୁ ଦୁଇ ବିଧାୟକ ନିଲମ୍ବିତ

କଲିକତା, ୧।୬(ଏଜେନ୍ସି): ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୋମବାର ତାର ଦୁଇ ନବନିର୍ବାଚିତ ବିଧାୟକ ସନ୍ଦୀପନ ଶାହା ଏବଂ ରିତବ୍ରତ ବାନାର୍ଜୀଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ନିଲମ୍ବିତ କରିଛି। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏକ ସାମ୍ବାଦିକ ସମ୍ମିଳନୀରେ ଦଳୀୟ ଚିଠିରେ ଜାଲ୍ ଦସ୍ତଖତ ହୋଇଥିବା ଅଭିଯୋଗ କରିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ବିଧାନସଭାରେ ବିରୋଧୀ ଦଳ ନେତା ଭାବେ ଶୋଭନଦେବ ଚଟ୍ଟୋପାଧ୍ୟାୟଙ୍କ ନାମକୁ ସୁପାରିଶ କରିବା ପାଇଁ ଟିଏମସି ପକ୍ଷରୁ ଏକ ପ୍ରସ୍ତାବ ଦିଆଯାଇଥିଲା। ଏଥିରେ ୭୦ ଜଣ ବିଧାୟକଙ୍କ ଦସ୍ତଖତ ଥିବା ଦାବି କରାଯାଇଥିଲା। କିନ୍ତୁ ସନ୍ଦୀପନ ଏବଂ ରିତବ୍ରତ ସେମାନେ କୌଣସି ଏଭଳି ପ୍ରସ୍ତାବରେ ସ୍ୱାକ୍ଷର କରିନାହାଁନ୍ତି ବୋଲି ସ୍ପଷ୍ଟ କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଚିଠିରେ ୧୪ଟି ଦସ୍ତଖତ ଥିବାବେଳେ ଏବଂ ୩ ଜଣ ବିଧାୟକଙ୍କ ଜାଲ ଦସ୍ତଖତ ହୋଇଥିବା ଅଭିଯୋଗ କରିଥିଲେ।

# ଲେବାନନ୍ ଉପରେ ଇସ୍ରାଏଲ ଆକ୍ରମଣର ପ୍ରତିବାଦ: ଆମେରିକା ଆଲୋଚନା ସ୍ଥଗିତ କଲା ଇରାନ

ତେହରାନ, ୧।୬(ଏଜେନ୍ସି): ଲେବାନନ୍ ଉପରେ ଇସ୍ରାଏଲ୍ କରୁଥିବା ସାମରିକ ଆକ୍ରମଣର ପ୍ରତିବାଦରେ ଇରାନ ଆମେରିକା ସହ ଚାଲିଥିବା ଶାନ୍ତି ଆଲୋଚନାକୁ ସ୍ଥଗିତ ରଖିଛି। ଇରାନର ସରକାରୀ ସମ୍ବାଦ ସଂସ୍ଥା 'ତାସନିମ୍' ଅନୁସାରେ, ଯେପର୍ଯ୍ୟନ୍ତ ଏହି ଆଲୋଚନାରେ ଇରାନ ଏବଂ ତାର ସହଯୋଗୀ ସଂଗଠନଗୁଡ଼ିକର ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଇନାହିଁ, ସେପର୍ଯ୍ୟନ୍ତ ଏହି ସ୍ଥଗିତାଦେଶ ବଳବତ୍ତର ରହିବ। ଇରାନର ଏହି ନିଷ୍ପତ୍ତି ପରେ ୱାସିଂଟନ ଏବଂ ତେହେରାନ ମଧ୍ୟରେ ଚାଲିଥିବା ଅସ୍ଥାୟୀ ଯୁଦ୍ଧବିରତି ପ୍ରକ୍ରିୟା ଉପରେ ବଡ଼ ଚାପ ସୃଷ୍ଟି ହୋଇଛି। ଏହି ଖବର ସାମ୍ନାକୁ ଆସିବା ପରେ ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ (କ୍ରୁଡ୍ ଅଏଲ) ଦର ପ୍ରାୟ ୫ ପ୍ରତିଶତ ବୃଦ୍ଧି ପାଇ ବ୍ୟାରେଲ୍ ପିଛା ପ୍ରାୟ ୯୬ ଡଲାରରେ ପହଞ୍ଚିଛି। ଗତ ଏପ୍ରିଲ ମାସରୁ ଆରମ୍ଭ ହୋଇଥିବା ଯୁଦ୍ଧବିରତିର ଅବଧିକୁ ଆଉ ୬୦ ଦିନ ବଢ଼ାଇବା ପାଇଁ ଦୁଇ ଦେଶ ମଧ୍ୟସ୍ଥିମାନଙ୍କ ଜରିଆରେ ଆଲୋଚନା କରୁଥିଲେ। ଏହି ସମୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସାମାଜିକ ଗଣମାଧ୍ୟମରେ ଲେଖିଛନ୍ତି ଯେ ଇରାନ ପ୍ରକୃତରେ ଏକ ଚୁକ୍ତି କରିବାକୁ ଚାହୁଁଛି, ଯାହା ଆମେରିକା ପାଇଁ ଭଲ ସାବ୍ୟସ୍ତ ହେବ। ଅନ୍ୟପଟେ, ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ ଏବଂ ପ୍ରତିରକ୍ଷା ମନ୍ତ୍ରୀ ଲେବାନନ୍‌ର ରାଜଧାନୀ ବେରୁଟର ଦକ୍ଷିଣ ଉପକଣ୍ଠରେ ଥିବା ଇରାନ ସମର୍ଥିତ ହିଜବୁଲ୍ଲା ସଂଗଠନର ଆଡ୍ଡା ଉପରେ ଆକ୍ରମଣକୁ ଆହୁରି ଜୋରଦାର କରିବାକୁ ସେନାକୁ ନିର୍ଦ୍ଦେଶ ଦେଇଛନ୍ତି।

# ବିବାହର ମାତ୍ର କେଇ ଘଣ୍ଟା ପରେ ହେଲିକପ୍ଟର ଦୁର୍ଘଟଣା; ବର ମୃତ

ୱାସିଂଟନ, ୧।୬(ଏଜେନ୍ସି): ଆମେରିକାର ଜର୍ଜିଆଠାରେ ଏକ ମର୍ମନ୍ତୁଦ ହେଲିକପ୍ଟର ଦୁର୍ଘଟଣାରେ ଜଣେ ୨୬ ବର୍ଷୀୟ ଭାରତୀୟ ବଂଶୋଦ୍ଭବ ପାଇଲଟ୍‌ଙ୍କ ଆକାଳରେ ମୃତ୍ୟୁ ହୋଇଛି। ମୃତ ଯୁବକଜଣକ ହେଉଛନ୍ତି ଡେଲ୍ଟା ଏୟାରଲାଇନ୍ସର ପାଇଲଟ୍ ଡେଭ୍ ଫିଜି, ଯାହାଙ୍କ ପରିବାର କେରଳର ବୋଲି ଜଣାପଡ଼ିଛି। ବିବାହର ମାତ୍ର କେଇ ଘଣ୍ଟା ପରେ ପତ୍ନୀଙ୍କ ସହ ହନିମୁନ୍ ପାଇଁ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଛି। ଗତ ଶୁକ୍ରବାର ଦିନ ଡେଭ୍‌ଙ୍କର ଜେସନିଙ୍କ ସହ ବିବାହ ସମ୍ପନ୍ନ ହୋଇଥିଲା। ବିବାହ ଉତ୍ସବ ପରେ ଉଭୟ ଏକ ରବିନ୍‌ସନ୍ ଆର-୬୬ ହେଲିକପ୍ଟର ଯୋଗେ ଆଟଲାଣ୍ଟାର ଏକ ହୋଟେଲ ଅଭିମୁଖେ ବାହାରିଥିଲେ। ତେବେ ଖରାପ ପାଗ ଓ ଶୂନ୍ୟ ଦୃଶ୍ୟମାନତା ଯୋଗୁଁ ବିମାନ ବନ୍ଦରରେ ପହଞ୍ଚିବା ପୂର୍ବରୁ ହିଁ ଜଙ୍ଗଲ ମଧ୍ୟରେ ହେଲିକପ୍ଟରଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଡେଭ୍ ଏବଂ ହେଲିକପ୍ଟରର ପାଇଲଟ୍‌ଙ୍କର ମୃତ୍ୟୁ ହୋଇଛି। ପେଶାରେ ଜଣେ ନର୍ସ ଥିବା ଡେଭ୍‌ଙ୍କ ନବବିବାହିତା ପତ୍ନୀ ଜେସନି ଆହତ ଅବସ୍ଥାରେ ଏହି ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ସେ ପ୍ରାୟ ୬ ଘଣ୍ଟା ଧରି ହେଲିକପ୍ଟର ଭଙ୍ଗା ଅଂଶ ମଧ୍ୟରେ ଫସି ରହିଥିଲେ ଏବଂ ବର୍ତ୍ତମାନ ଚିକିତ୍ସିତ ହେଉଛନ୍ତି।



ପୂର୍ତ୍ତ ବିଭାଗ କର୍ମଚାରୀମାନେ ସୋମବାର ଦିନ କୋଲକାତାରେ ଆର୍ଜେଣ୍ଟିନାର ଫୁଟବଲ୍ କିମ୍ବଦନ୍ତୀ ଲିଓନେଲ୍ ମେସିଙ୍କ ଏକ ପ୍ରତିମୂର୍ତ୍ତିକୁ ଏକ ଗାଡ଼ି ସାହାଯ୍ୟରେ ସ୍ଥାନାନ୍ତର କରୁଛନ୍ତି।

# ପହଲଗାମ ଆକ୍ରମଣର ମୋବାଇଲ୍ ରହସ୍ୟ
# ୪ ବର୍ଷ ବନ୍ଦ ଥିବା ପାକିସ୍ତାନୀ ଫୋନ୍ ହୋଇଥିଲା ସକ୍ରିୟ



ନୂଆଦିଲ୍ଲୀ, ୧।୬(ଏଜେନ୍ସି): ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଏବଂ ଜମ୍ମୁ-କାଶ୍ମୀର ପୁଲିସର ମିଳିତ ତଦନ୍ତରୁ ୨୦୨୫ ପହଲଗାମ ଆତଙ୍କବାଦୀ ଆକ୍ରମଣର ପର୍ଦ୍ଦାଫାଶ ହୋଇଛି। ଏନକାଉଣ୍ଟରରେ ନିହତ ହୋଇଥିବା ଆତଙ୍କବାଦୀଙ୍କ ନିକଟରୁ ଜବତ ଦୁଇଟି ମୋବାଇଲ୍ ଫୋନରୁ ଜଣାପଡ଼ିଛି ଯେ ଏହି ଆକ୍ରମଣ ପାଇଁ ପାକିସ୍ତାନରେ ବହୁ ବର୍ଷ ପୂର୍ବରୁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଜବତ ହୋଇଥିବା ଦୁଇଟି ଯାକ ଫୋନ୍ ପାକିସ୍ତାନରୁ ଆସିଥିଲା। ସେଥିମଧ୍ୟରୁ ଗୋଟିଏ ଫୋନ୍ ୨୦୨୧ ମସିହାରେ କରାଚିର ଏକ କମ୍ପାନୀ ଦ୍ୱାରା ବୈଧ ଭାବେ ଅଣାଯାଇଥିଲା ଏବଂ ଏଥିପାଇଁ ଆତଙ୍କବାଦୀ ପାଣ୍ଠି ସହ ଜଡ଼ିତ ଅଭିଯୋଗ ଥିବା ଫୈସଲ ବ୍ୟାଙ୍କ ଆର୍ଥିକ ସହାୟତା କରିଥିଲା। ଆଶ୍ଚର୍ଯ୍ୟର କଥା ହେଉଛି, ପାକିସ୍ତାନ ଆସିବା ପରେ ଦୀର୍ଘ ୪ ବର୍ଷ ଧରି ଏହି ଫୋନରେ କୌଣସି ସିମ୍ କାର୍ଡ ପଡ଼ିନଥିଲା କିମ୍ବା ଏହାକୁ ଅନ୍ କରାଯାଇ ନ ଥିଲା। ଆକ୍ରମଣର ଠିକ୍ ପୂର୍ବରୁ ଏହାକୁ ହଠାତ୍ ସକ୍ରିୟ କରାଯାଇଥିଲା। ଦ୍ୱିତୀୟ ଫୋନଟି ୨୦୨୩ରେ ଲାହୋରରୁ ଅଣାଯାଇଥିଲା ଏବଂ ତାହା ମଧ୍ୟ ଆକ୍ରମଣ ପୂର୍ବ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ତଦନ୍ତକାରୀ ସଂସ୍ଥା ଅନୁସାରେ, ଏହି ଫୋନଗୁଡ଼ିକୁ ବିଶେଷ ଭାବେ ଆତଙ୍କବାଦୀ ଆକ୍ରମଣ ପାଇଁ ହିଁ ସୁରକ୍ଷିତ ରଖାଯାଇଥିଲା। ଫୋନରେ କୌଣସି କଲ୍ ରେକର୍ଡ ବା ମେସେଜ୍ ନ ମିଳିବାର କାରଣ ହେଉଛି ଆତଙ୍କବାଦୀମାନେ ଯୋଗାଯୋଗ ପାଇଁ ଇଣ୍ଟରନେଟ୍ ବଦଳରେ ଦୂରଗାମୀ ରେଡିଓ ତରଙ୍ଗ ପ୍ରଯୁକ୍ତିର ବ୍ୟବହାର କରୁଥିଲେ। ଗତ ବର୍ଷ ପହଲଗାମରେ ହୋଇଥିବା ଏହି ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକ ପ୍ରାଣ ହରାଇଥିଲେ, ଯାହାକୁ ନେଇ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସାମରିକ ସଂଘର୍ଷ ଦେଖାଦେଇଥିଲା। ବର୍ତ୍ତମାନ ଏହି ମୋବାଇଲ୍ ଲିଙ୍କ୍ ମିଳିବା ପରେ ପାକିସ୍ତାନର ସମ୍ପୃକ୍ତିକୁ ନେଇ ଭାରତୀୟ ସଂସ୍ଥାଗୁଡ଼ିକ ତଦନ୍ତକୁ ଆହୁରି ଜୋରଦାର କରିଛନ୍ତି।

# ୬ରେ ଭାରତ ଫେରି ଆନ୍ଦୋଳନ କରିବେ 'କକ୍ରୋଚ୍ ଜନତା ପାର୍ଟି'ର ପ୍ରତିଷ୍ଠାତା



ନୂଆଦିଲ୍ଲୀ, ୧।୬(ଏଜେନ୍ସି): କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରି ଆସନ୍ତା ଜୁନ୍ ୬ ତାରିଖରୁ ପ୍ରତିବାଦ ପ୍ରଦର୍ଶନ କରିବ 'କକ୍ରୋଚ୍ ଜନତା ପାର୍ଟି' (ସିଜେପି)। ସୋସିଆଲ୍ ମିଡିଆରେ ବେଶ୍ ଚର୍ଚ୍ଚିତ ବ୍ୟଙ୍ଗାତ୍ମକ ଆନ୍ଦୋଳନ କରିଥିବା 'କକ୍ରୋଚ୍ ଜନତା ପାର୍ଟି'ର ପ୍ରତିଷ୍ଠାତା ଅଭିଜିତ ଦୀପ୍‌କେ ଏକ ଭିଡିଓ ବାର୍ତ୍ତା ଜରିଆରେ ଏହି ଘୋଷଣା କରିଛନ୍ତି। ସେ ଆମେରିକାର ବୋଷ୍ଟନରୁ ଜୁନ୍ ୬ ସକାଳେ ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରୁ ସମର୍ଥକମାନଙ୍କ ସହ ଜନ୍ତର ମନ୍ତରଠାରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବା ପାଇଁ ଅନୁମତି ମାଗିବେ। ମନ୍ତ୍ରୀଙ୍କ ଇସ୍ତଫା ପାଇଁ ହୋଇଥିବା ଅନଲାଇନ୍ ଅଭିଯାନରେ ୬ ଲକ୍ଷ ଦସ୍ତଖତ ସଂଗ୍ରହ ହୋଇଥିବା ସେ କହିଛନ୍ତି। ଅଭିଜିତ ଅଭିଯୋଗ କରିଛନ୍ତି ଯେ, ନିଟ୍, ସିବିଏସ୍‌ଇ, ସିୟୁଇଟି ଏବଂ ଏସ୍‌ଏସ୍‌ସିଜିଡି ଭଳି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାରେ ଦେଖାଦେଇଥିବା ବିବାଦ ଓ ଅନିୟମିତତା ଯୋଗୁଁ ଦେଶର ୧ କୋଟିରୁ ଅଧିକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଇଛି। ଏତେ ବଡ଼ ବିବାଦ ସତ୍ତ୍ୱେ ସରକାରଙ୍କ ପକ୍ଷରୁ କୌଣସି ଜବାବ ଦିଆଯାଇନାହିଁ। କିଛି ଦିନ ପୂର୍ବେ ସୁପ୍ରିମକୋର୍ଟଙ୍କ ଏକ ଶୁଣାଣି ସମୟରେ ଆସିଥିବା ଏକ ବିବାଦୀୟ ମନ୍ତବ୍ୟକୁ ନେଇ ଏହି ବ୍ୟଙ୍ଗାତ୍ମକ 'କକ୍ରୋଚ୍ ଜନତା ପାର୍ଟି'ର ସୃଷ୍ଟି ହୋଇଥିଲା, ଯାହା ଇନ୍‌ଷ୍ଟାଗ୍ରାମରେ କୋଟି କୋଟି ଯୁବପିଢ଼ିଙ୍କ ସମର୍ଥନ ପାଇଛି। ବର୍ତ୍ତମାନ ଏହି ଆକାଉଣ୍ଟକୁ ବନ୍ଦ କରାଯିବା ନେଇ କୋର୍ଟରେ ଆଇନଗତ ଲଢେଇ ମଧ୍ୟ ଚାଲିଛି।



ଜୁନ୍ ୧୫ରେ 'ବଟୱାରା ୧୯୪୭'ର ଟିଜର୍

▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-334 ◆TUESDAY ◆2 JUNE 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୩୩୪ ◆ମଙ୍ଗଳବାର ◆୨ ଜୁନ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ଅନ୍‌ଲାଇନ୍ ପରୀକ୍ଷା ଆବେଦନକୁ ସୁପ୍ରିମକୋର୍ଟଙ୍କ ଅଗ୍ରାହ୍ୟ

■ ନୂଆଦିଲ୍ଲୀ, ୧।୬(ଏଜେନ୍ସି): ଆସନ୍ତା ଜୁନ୍ ୨୧ ତାରିଖରେ ହେବାକୁ ଥିବା ନିଟ୍ ପୁନଃ-ପରୀକ୍ଷାକୁ ଅନ୍‌ଲାଇନ୍ (ସିବିଟି) ମାଧ୍ୟମରେ କରିବା ପାଇଁ ଆବେଦନକୁ ସୁପ୍ରିମକୋର୍ଟ ଆଜି ଅଗ୍ରାହ୍ୟ କରିଦେଇଛନ୍ତି। ଜଷ୍ଟିସ୍ ପିଏସ୍ ନରସିଂହ ଏବଂ ଜଷ୍ଟିସ୍ ଅରବିନ୍ଦ କୁମାରଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି କହିଛନ୍ତି ଯେ ବର୍ତ୍ତମାନ ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥାଗୁଡ଼ିକ ଚାପରେ ଅଛନ୍ତି। ତେଣୁ ଏହି ସମୟରେ ପରୀକ୍ଷା ପଦ୍ଧତିରେ ପରିବର୍ତ୍ତନ କରିବା ସମ୍ଭବ ନୁହେଁ। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ମାସରେ କରିବାକୁ ଧାର୍ଯ୍ୟ କରିଛନ୍ତି। ଗତ ମେ ୩ ତାରିଖରେ ଦେଶବ୍ୟାପୀ ଅନୁଷ୍ଠିତ ନିଟ୍ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ଆସିବା ପରେ ମେ ୧୨ ରେ ପରୀକ୍ଷାକୁ ବାତିଲ କରାଯାଇଥିଲା। ପ୍ରଶ୍ନପତ୍ର ଲିକ୍ ମାମଲାର ତଦନ୍ତ ସିବିଆଇ କରୁଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୩ ଜଣଙ୍କୁ ଗିରଫ କରାଯାଇଛି। ଆରଜେଡି ସାଂସଦ ସୁଧାକର ସିଂହଙ୍କ ଦ୍ୱାରା

**ନିଟ୍ ପୁନଃ-ପରୀକ୍ଷା ପୂର୍ବଭଳି କାଗଜକଲମ ମାଧ୍ୟମରେ ହେବ**

ଦାଖଲ ହୋଇଥିବା ଏହି ଆବେଦନରେ ପରୀକ୍ଷା ପରିଚାଳନା ସଂସ୍ଥା ଏନ୍‌ଟିଏ ବଦଳରେ ଏକ ନୂତନ ସ୍ୱାଧୀନ ସଂସ୍ଥା ଗଠନ କରିବା ଏବଂ ପରୀକ୍ଷାରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ତଥା ▶ପୃଷ୍ଠା-୭



## ସ୍ୱେଚ୍ଛାକୃତ ବେଶ୍ୟାବୃତ୍ତି ବେଆଇନ ନୁହେଁ: ସୁପ୍ରିମକୋର୍ଟ

■ ନୂଆଦିଲ୍ଲୀ, ୧।୬(ଏଜେନ୍ସି): ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇ ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ନିଜ ଇଚ୍ଛାରେ ବେଶ୍ୟାବୃତ୍ତି କରୁଥିବା ପ୍ରାପ୍ତବୟସ୍କଙ୍କ ଉପରେ ପୁଲିସ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ

**ପ୍ରାପ୍ତବୟସ୍କଙ୍କୁ ହଇରାଣ କରିପାରିବ ନାହିଁ ପୁଲିସ**

ଗ୍ରହଣ କରିପାରିବେ ନାହିଁ କିମ୍ବା ସେମାନଙ୍କୁ ହଇରାଣ କରିପାରିବେ ନାହିଁ। ଯୌନ ଶୋଷଣ ପାଇଁ ଚାଲାଣର ଶିକାର ହେଉଥିବା କର୍ମୀଙ୍କ ସୁରକ୍ଷା ଓ ଅଧିକାରକୁ ଦୃଷ୍ଟିରେ ରଖି ଅଦାଲତ କହିଛନ୍ତି ଯେ ସେମାନଙ୍କର ପୁନର୍ବାସ, ସମାଜରେ ପୁନଃସ୍ଥାପନ ଏବଂ ସୁରକ୍ଷିତ ଗୃହରେ ରଖିବା ନିଷ୍ପତ୍ତିରେ ସମ୍ପୃକ୍ତ ବୟସ୍କ ଯୌନକର୍ମୀଙ୍କ ସମ୍ମତିକୁ ସବୁଠାରୁ ଅଧିକ ପ୍ରାଧାନ୍ୟ ଦିଆଯିବା ଉଚିତ। ଅନୈତିକ ଚାଲାଣ ପ୍ରତିରୋଧ ଅଧିନିୟମର ସମୀକ୍ଷା କରି ସୁପ୍ରିମକୋର୍ଟ କହିଛନ୍ତି ଯେ, ଏହି ୭୦ ବର୍ଷ ପୁରୁଣା ଆଇନ ପୁଲିସକୁ ସ୍ୱେଚ୍ଛାକୃତ ଯୌନକର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କ୍ଷମତା ଦେଇନାହିଁ। କୋର୍ଟ ଆହୁରି ମଧ୍ୟ କହିଛନ୍ତି ଯେ ବେଶ୍ୟାଳୟ ଚଲାଇବା ନିଶ୍ଚିତ ଭାବେ ବେଆଇନ, ମାତ୍ର ଚଢ଼ଉ ସମୟରେ ଧରାପଡ଼ିଥିବା ସ୍ୱେଚ୍ଛାକୃତ ଯୌନକର୍ମୀଙ୍କୁ ଅପରାଧୀ ବିବେଚନା କରାଯାଇ ପାରିବ ନାହିଁ କିମ୍ବା ସେମାନଙ୍କୁ ଗିରଫ କରାଯାଇ ପାରିବ ନାହିଁ। ବିଚାରପତି ଜେ ବି ▶ପୃଷ୍ଠା-୭

### ବିବାଦରେ କବିସୂର୍ଯ୍ୟନଗର ଥାନା ପୁଲିସ

# ଥାର୍ଡ ଡିଗ୍ରୀ ଦେଇ ଦିବ୍ୟାଙ୍ଗଙ୍କୁ ମାରିଦେଲେ



**୭ ଦିନ ଧରି ଥାନାରେ ଅଟକ ରଖିଥିଲେ**

**ପ୍ରୋବେସନାରୀ ଆଇପିଏସ୍‌ଙ୍କୁ ବଦଳି, ୩ ପୁଲିସ ନିଲମ୍ବିତ**

**ଥାନା ଓ ଫାଣ୍ଡି ଖାଲି କରିବାକୁ ଆଇଜିଙ୍କ ନିର୍ଦ୍ଦେଶ**

**କ୍ଷୋଭ ପ୍ରକାଶ କଲେ ସାଂସଦ ମାନସ**

■ ବ୍ରହ୍ମପୁର/କବିସୂର୍ଯ୍ୟନଗର, ୧।୬ (ସମିସ): ରାଜ୍ୟର ଏକାଧିକ ଥାନାରେ 'ଥାର୍ଡ ଡିଗ୍ରୀ' ପାଇଁ ବିବାଦରେ ଫସିଥିବା ଓଡ଼ିଶା ପୁଲିସ୍ ପାଇଁ ପୁଣି ନୂଆ ସମସ୍ୟା ସୃଷ୍ଟି କରିଛି ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା। ଏଠାରେ ଜଣେ ଦିବ୍ୟାଙ୍ଗ ଯୁବକଙ୍କୁ ପୁଲିସ ୭ ଦିନ ଧରି ଥାନାରେ ଅଟକ ରଖି ଅମାନୁଷିକ ନିର୍ଯାତନା ଦେବା ଏବଂ ଏଥିଯୋଗୁଁ ତାଙ୍କର ମୃତ୍ୟୁ ହେବା ଭଳି ଏକ ସାଂଘାତିକ ଅଭିଯୋଗ ପଦାକୁ ଆସିବା ପରେ ରାଜ୍ୟବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ମୃତକ ହେଲେ, କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ସୁବୁଳିଆ ଗାଁର ସୁଶାନ୍ତ କୁମାର ସାହୁ (୩୩)। ଉଦ୍‌ବେଗର ବିଷୟ ହେଲା, ସୁଶାନ୍ତଙ୍କ ମୃତ୍ୟୁ ପରେ ଘଟଣାକୁ ଚପାଇବାକୁ କବିସୂର୍ଯ୍ୟନଗର ପୁଲିସ ଜୋର୍‌ଦାର୍ ଉଦ୍ୟମ କରିଥିଲା। ସୁଶାନ୍ତଙ୍କ ବାପା ଓ ଭାଇଙ୍କୁ ଥାନାକୁ ଡାକି ଧମକଚମକ ଦେବା ସହ ସାଦା କାଗଜରେ ଦସ୍ତଖତ ପାଇଁ ଚାପ ପକାଇଥିଲା। ଏଥିରେ ରାଜି ନ ହେଲେ, ସେମାନଙ୍କ ବିରୋଧରେ ମାମଲା ରୁଜୁ କରାଯିବ ବୋଲି ପୁଲିସ ଧମକ ଦେଇଥିବା ସୁଶାନ୍ତଙ୍କ ପରିବାରଲୋକ ଅଭିଯୋଗ କରିଛନ୍ତି। ପୁଲିସର ଏହି କାରନାମା ପଦାକୁ ଆସିବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ବାରଙ୍ଗ ଥାନା ପୁଲିସର ଥାର୍ଡ ଡିଗ୍ରୀ ଘଟଣାକୁ ▶ପୃଷ୍ଠା-୭

## ନିଜ ସୁରକ୍ଷା ଲାଗି ଅଧସ୍ତନଙ୍କୁ ବଳି...

■ ଭୁବନେଶ୍ୱର ୧।୬ (ସମିସ): ଥାନା କାର୍ଯ୍ୟ ତଦାରଖ, ସମ୍ବେଦନଶୀଳ ମାମଲାର ତଦନ୍ତ, ଅପରାଧ ନିୟନ୍ତ୍ରଣ ପାଇଁ ନୀତି ପ୍ରସ୍ତୁତି ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଆଇପିଏସ୍ ଅଧିକାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଥାନାରେ ପୁଲିସଠାରୁ ନ୍ୟାୟ ନ ମିଳିଲେ ପୀଡ଼ିତ ବରିଷ୍ଠ ଅଧିକାରୀ ପଦରେ ଅବସ୍ଥାପିତ ଆଇପିଏସ୍‌ଙ୍କ ଦ୍ୱାରସ୍ଥ ହୋଇଥାଆନ୍ତି। ମାତ୍ର କ୍ଷେତ ବାଡ଼ ଖାଇବା ପରି ଓଡ଼ିଶାରେ ଅନେକ ଘଟଣାରେ ଖୋଦ୍ ଆଇପିଏସ୍ ଅଧିକାରୀଙ୍କ ସମ୍ପୃକ୍ତି ଏବେ ରାଜ୍ୟ ପ୍ରଶାସନର ଶୀରପିଡ଼ା ହୋଇଛି। ▶ପୃଷ୍ଠା-୭

## ଗାନ୍ଧୀ ମାର୍ଗରେ ବିଷ ପିଇଲେ ଦୁଇ ଆନ୍ଦୋଳନକାରୀ ମହିଳା



■ ଭୁବନେଶ୍ୱର, ୧।୬ (ସମିସ): ରାଜ୍ୟରେ ଅଭିଯୋଗ ଶୁଣାଣି ବ୍ୟବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି। ସ୍ଥାନୀୟ ଅଞ୍ଚଳରେ ପ୍ରଶାସନ କିମ୍ବା ରାଜନୈତିକ ମହଲରେ କେହି କିଛି ଶୁଣୁ ନାହାନ୍ତି। ତେଣୁ ଲୋକେ ନ୍ୟାୟ ପାଇଁ ରାଜଧାନୀ ମୁହାଁ ହେଉଛନ୍ତି। ସରକାର, ମନ୍ତ୍ରୀ, ବଡ଼ ଅଫିସରଙ୍କୁ ଭେଟି ନ୍ୟାୟ ଦାବି କରୁଛନ୍ତି। ମାତ୍ର ଜଟିଳ ବ୍ୟବସ୍ଥା ଯୋଗୁଁ ସେମାନଙ୍କୁ ନ୍ୟାୟ ମିଳୁନାହିଁ ଓ ଅନନ୍ୟୋପାୟ ହୋଇ ପୀଡ଼ିତ ଲୋକମାନେ ଆତ୍ମହତ୍ୟା ପାଇଁ ଉଦ୍ୟମ କରୁଛନ୍ତି। ରାଜଧାନୀରେ ଏପରି ଏକ ଘଟଣା ସମଗ୍ର ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନ୍ୟାୟ ନ ପାଇ ଗୋଟିଏ ପରିବାରର ଦୁଇଜଣ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଅତ୍ୟନ୍ତ ସଙ୍କଟାପନ୍ନ ଅବସ୍ଥାରେ ସେମାନଙ୍କୁ କ୍ୟାପିଟାଲ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁସାରେ ଘରୋଇ ଗଣ୍ଡଗୋଳ ଏବଂ ଜମିବାଡ଼ି ବିବାଦକୁ ନେଇ ବାଣପୁର ଅଞ୍ଚଳରୁ ଏକ ପରିବାର ଗାନ୍ଧୀମାର୍ଗରେ ଧାରଣାରେ ▶ପୃଷ୍ଠା-୭

### ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଘଟଣ

## ବୃଦ୍ଧଙ୍କ ଆତ୍ମଦାହ ଉଦ୍ୟମ



■ ଯାଜପୁର, ୧।୬ (ସମିସ): ବାରମ୍ବାର ଅଭିଯୋଗ ପରେ ବି କେହି ଶୁଣିନଥିଲେ। ଭାବିଥିଲେ, ଯୁଗ୍ମ ଜନଶୁଣାଣିରେ ତାଙ୍କ ସମସ୍ୟାର ସମାଧାନ ହୋଇଯିବ। କିନ୍ତୁ ସେଠାରେ ବି ତାଙ୍କୁ ନିରାଶାର ମୁହଁ ଦେଖିବାକୁ ପଡ଼ିଲା। ସବୁଆଡ଼ୁ ନିରାଶ, ହତାଶ ହେବା ପରେ ଜୀବନ ହାରିବାକୁ ଚେଷ୍ଟା କରି ଆଜି ଜଣେ ବୃଦ୍ଧ ଆତ୍ମାହୁତି ଉଦ୍ୟମ କରିଛନ୍ତି। ଯାଜପୁର ଜିଲ୍ଲା ପ୍ରଶାସନର ଯୁଗ୍ମ ଜନଶୁଣାଣି ଶିବିର ବେଳେ ଏପରି ଏକ ଅଭାବନୀୟ ଘଟଣା ଘଟିଛି। ଆତ୍ମାହୁତି ଉଦ୍ୟମ କରିଥିବା ବୃଦ୍ଧଜଣଙ୍କ ହେଲେ, ଦଶରଥପୁର ବ୍ଲକ ଆନ୍ଦୋଳା ଗାଁର ଯୋଗେନ୍ଦ୍ର ନାୟକ। ସେ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ପାଇଁ ଉଦ୍ୟମ କରିବା ବେଳେ ଘଟଣାସ୍ଥଳରେ ଉପସ୍ଥିତ ପୁଲିସ ତାଙ୍କୁ କାବୁ କରିନେଇଥିଲେ। ଜମିବାଡ଼ି ବିବାଦ ସମାଧାନ ପାଇଁ ଯୋଗେନ୍ଦ୍ର ବାରମ୍ବାର ଜିଲ୍ଲା ପ୍ରଶାସନ ନିକଟକୁ ଦୌଡ଼ିଥିଲେ ହେଁ କୌଣସି ସୁଫଳ ମିଳିନଥିଲା। ତେଣୁ, ସେ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ ▶ପୃଷ୍ଠା-୭

## କଟକ ମାଛ ଗୋଦାମରେ ନିଆଁ



**ପୋଡ଼ିଗଲା କୁଇଣ୍ଟାଲ କୁଇଣ୍ଟାଲ ମାଛ**

**ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ବି ଭସ୍ମୀଭୂତ: ପୋଡ଼ି ଯାଇଥିବା ଲକ୍ଷ ଲକ୍ଷ ଟଙ୍କାର ଆକଳନ ହୋଇନାହିଁ**

■ କଟକ, ୧।୬(ସମିସ): ମଧୁପାଟଣା ଥାନା ଅନ୍ତର୍ଗତ ପ୍ରେସ୍‌ଛକ ନିକଟସ୍ଥ ମାଛ ଗୋଦାମରେ ଗତ ରାତି ୧ଟା ୪୦ ମିନିଟ୍‌ରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଏଠାରୁ ନିଆଁ ବ୍ୟାପି ପାଖରେ ଥିବା ୩ ମହଲା ବିଲ୍ଡିଂ ସମ୍ପୂର୍ଣ୍ଣ ଜଳିପୋଡ଼ି ପାଉଁଶ ହୋଇଯାଇଛି। ଏହି ବିଲ୍ଡିଂର ତଳ ମହାଲାରେ ଥିବା ରଙ୍ଗ ଗୋଦାମ, ଦ୍ୱିତୀୟ ମହାଲାରେ ଥିବା ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଏବଂ ତୃତୀୟ ମହାଲାରେ ଥିବା ରଙ୍ଗ ଗୋଦାମ ଷ୍ଟୋର୍‌ରୁମ୍ ଜଳିଯାଇଛି। ତେବେ ୧୯ଟି ମାଛ ଗୋଦାମରେ ଥିବା ଲକ୍ଷ ଲକ୍ଷ ଟଙ୍କାର ମାଛ, ଆଲମାରି ଓ କ୍ୟାସ୍‌ବାକ୍ସରେ ଥିବା ୨୦ଲକ୍ଷରୁ ଅଧିକ ଟଙ୍କା ଏବଂ ସମସ୍ତ ଆସବାବପତ୍ର ଭସ୍ମୀଭୂତ ହୋଇଛି। ଦୀର୍ଘ ୩୫ ବର୍ଷ ହେବ, ମାଛ ବ୍ୟବସାୟ କରୁଥିବା ୧୯ଟି ପରିବାର ସର୍ବସ୍ୱାନ୍ତ ହୋଇଯାଇଛନ୍ତି।

ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ସମସ୍ତ କାଗଜପତ୍ର, କମ୍ପ୍ୟୁଟର୍, ଏସି, ଇଲେକ୍ଟ୍ରିକ୍ ୱେୟାରିଂ, ସୋଫା ସମେତ ସମସ୍ତ ଅଫିସିଆଲ୍ ଆସବାବପତ୍ର ଜଳିଯାଇଛି। ବ୍ୟାଙ୍କ୍ ଲକର୍‌ରେ ରହିଥିବା ସୁନା ଓ ଟଙ୍କାର ଆକଳନ କରାଯାଇ ନଥିବା ବେଳେ ଖୁବଶୀଘ୍ର ଏହାର ଆକଳନ କରାଯିବ ବୋଲି ବ୍ୟାଙ୍କ୍ ▶ପୃଷ୍ଠା-୭

## ପୁଲିସ, କ୍ରାଇମ୍‌ବ୍ରାଞ୍ଚ ଓ ଜିଆର୍‌ପି ଅଧିକାରୀଙ୍କୁ ଏନ୍‌ଏଚ୍‌ଆର୍‌ସିର ଜେରା

**ବାଲିଅନ୍ତା ଭିଡ଼ହତ୍ୟା**



■ ଭୁବନେଶ୍ୱର, ୧।୬ (ସମିସ): ରାଜଧାନୀ ଉପକଣ୍ଠ ବାଲିଅନ୍ତାରେ ଜିଆର୍‌ପି କନଷ୍ଟେବଲ ସୌମ୍ୟରଞ୍ଜନ ସ୍ୱାଇଁ ହତ୍ୟା ଘଟଣାରେ ଖୋଳତାଡ଼ ଆରମ୍ଭ କରିଛନ୍ତି ଜାତୀୟ ମାନବାଧିକାର କମିସନ। କମିସନଙ୍କ ଦୁଇ ଜଣିଆ ସଦସ୍ୟ ରାଜେନ୍ଦ୍ର ସିଂ ଏବଂ ଅବିନାଶ କୁମାର ଆଜି ଏହି ମାମଲାରେ କ୍ରାଇମ୍‌ବ୍ରାଞ୍ଚ ଏସ୍‌ପି ଅନିରୁଦ୍ଧ ରାଉତରାୟ, ଡିଏସ୍‌ପି ରତ୍ନପ୍ରଭା ଶତପଥୀ, ବାଲିଅନ୍ତା ଥାନା ପୂର୍ବତନ ଆଇଆଇସି ଅନିଲ ପରିଡ଼ା ଓ ଜିଆର୍‌ପି ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତାଙ୍କୁ ଜେରା କରିଛନ୍ତି। ରାଜ୍ୟ ଅତିଥି ଭବନରେ ଦୀର୍ଘ ସମୟ ଧରି ଭିଡ଼ ହତ୍ୟା ସମ୍ପର୍କରେ ଏହି ଅଧିକାରୀମାନଙ୍କୁ ପଚରାଉଚରା କରାଯାଇଛି। ଏନ୍‌ଏଚ୍‌ଆର୍‌ସିର ସଦସ୍ୟଦ୍ୱୟ ▶ପୃଷ୍ଠା-୭

## ୭ ଦିନିଆ ଦିଲ୍ଲୀ ଗସ୍ତରେ ନବୀନ



■ ଭୁବନେଶ୍ୱର, ୧।୬ (ସମିସ): ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ସୋମବାର ୭ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଏହି ଗସ୍ତ ସମୟରେ ସେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ ଓ ୭ ତାରିଖରେ ସେ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିବେ ବୋଲି ଜଣାପଡ଼ିଛି। ବରିଷ୍ଠ ବିଜେଡି ନେତା ଦେବୀ ପ୍ରସାଦ ମିଶ୍ରଙ୍କ ସୂଚନା ଅନୁସାରେ ଏହା ଏକ ରୁଟିନ ଗସ୍ତ। ପ୍ରାୟ ସପ୍ତାହେ ବ୍ୟାପି ସେ ଦିଲ୍ଲୀରେ ରହିବେ ଓ ବିଭିନ୍ନ ନିର୍ଦ୍ଧାରିତ କାର୍ଯ୍ୟକ୍ରମରେ ସାମିଲ ହେବା ସହ ଏକାଧିକ ରାଜନୈତିକ ଓ ବ୍ୟକ୍ତିଗତ କାର୍ଯ୍ୟକ୍ରମରେ ଯୋଗଦେବେ। ଅପରପକ୍ଷେ ନବୀନ ପଟ୍ଟନାୟକ ଏହି ଗସ୍ତ ସମୟରେ କିଛି କେନ୍ଦ୍ରୀୟ ନେତାଙ୍କୁ ଭେଟିପାରନ୍ତି ବୋଲି ସୂଚନା ପ୍ରାପ୍ତ ହୋଇଛି। ଦିଲ୍ଲୀ ଗସ୍ତ ବେଳେ ଆଜି ▶ପୃଷ୍ଠା-୭

### ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍‌ର ଦିଶାହୀନ ଗତି

## ୨୪ ଘଣ୍ଟିଆ ପାଣି ସୁନିଶ୍ଚିତ କରିପାରୁନି ୱାଟ୍‌କୋ

■ ଭୁବନେଶ୍ୱର, ୧।୬ (ସମିସ): ନବୀନ ସରକାର ସମୟରେ ଓଡ଼ିଶାର "ଡ୍ରିଙ୍କ ଫ୍ରମ ଟ୍ୟାପ୍' ସାରା ଦେଶ ପାଇଁ ରୋଲ ମଡେଲ୍ ହୋଇଥିଲା। ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ସରକାର ଲୋକମାନଙ୍କୁ ସିଧା ନଳରୁ ଜଳ ପିଇବା ପାଇଁ ବ୍ୟବସ୍ଥା କରିଥିଲେ। ପ୍ରଥମ ସହର ଭାବେ ପୁରୀରେ ଏହି ଯୋଜନା ଆରମ୍ଭ ହୋଇ ଅନ୍ୟ ସହରାଞ୍ଚଳରେ କାର୍ଯ୍ୟକାରୀ ହୋଇଥିଲା। ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ଓଡ଼ିଶାର "ଡ୍ରିଙ୍କ ଫ୍ରମ ଟ୍ୟାପ୍' ମିଶନ କେବଳ ଜଳ ଯୋଗାଣ ନୁହେଁ, ଏକ ସ୍ୱାସ୍ଥ୍ୟ ଓ ବିକାଶର ମଡେଲ୍ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ଏହାକୁ ବହୁ ରାଜ୍ୟ ଆପଣାଇଥିଲେ। ମାତ୍ର ୨ ବର୍ଷ ମଧ୍ୟରେ ତତ୍‌କାଳୀନ ସରକାରଙ୍କ ଏହି ମହତ୍ୱାକାଂକ୍ଷୀ ଯୋଜନା ଏବେ ଦିଗହରା ହୋଇ ପଡ଼ିଛି। ୨୪ ଘଣ୍ଟିଆ ଜଳ ଯୋଗାଣ ବ୍ୟବସ୍ଥାରେ

**ଯୋଜନାରେ ସାମିଲ ହୋଇପାରୁନି ଅନ୍ୟ ସହର**

ଏବେ ଘୋର ସମସ୍ୟା ସୃଷ୍ଟି ହୋଇଛି। ଖୋଦ୍ ରାଜଧାନୀରେ ଏହି ବ୍ୟବସ୍ଥାର କାର୍ଯ୍ୟକାରିତା ଉପରେ ଗୁରୁତର ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ କେଉଁଠି ଦିନରେ ଦୁଇ ଥର ତ କେଉଁଠି ଦିନରେ ଥରେ ପାଣି ଆସୁଛି। ଯଦିଓ ଏହାର ମାନକୁ ନେଇ ବିଶେଷ କିଛି ବଡ଼ ସମସ୍ୟା ସୃଷ୍ଟି ହୋଇ ନାହିଁ, ହେଲେ ଅନେକ ସ୍ଥାନରେ 'ଆର୍‌ଓ' ମାନର ପାଣି ବଦଳରେ ପାଣି ଗୁଣ୍ଡି



କିମ୍ବା ସାମାନ୍ୟ ହଳଦିଆ ପାଣି ଆସୁଥିବା ଅଭିଯୋଗ ହୋଇଛି। ଭୁବନେଶ୍ୱରର ଲେକ୍‌ଭେଲି ଅଞ୍ଚଳରେ ଏବେ ସକାଳେ ଓ ସନ୍ଧ୍ୟାରେ ପାଣି ଆସୁଛି। ଅନ୍ୟ କେତେକ ସ୍ଥାନରେ ପାଣି ଅଭାବ ହେତୁ ୨୪ ଘଣ୍ଟିଆ ଜଳ ଯୋଗାଣ ହେଉ ନ ଥିବା ଅଭିଯୋଗ ହୋଇଛି।

୨୦୧୭ ମସିହାରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଘରୁ ଟ୍ୟାପ୍‌ରୁ ସିଧାସଳଖ ପାନୀୟ ଜଳ ଯୋଗାଇବା ଲକ୍ଷ୍ୟ ରଖାଯାଇଥିଲା। ବିନା କୌଣସି ଫିଲ୍ଟରରେ ଲୋକେ ଆର୍‌ଓ ମାନର ପାଣି ପିଇବେ ବୋଲି ଲକ୍ଷ୍ୟ ରଖି ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଯୋଜନାର ଶୁଭାରମ୍ଭ କରିଥିଲେ। ଭାରତର ପ୍ରଥମ ସହର ଭାବେ ପୁରୀରେ ପୂର୍ଣ୍ଣରୂପେ ଏହି ଯୋଜନା କାର୍ଯ୍ୟକ୍ଷମ ହୋଇଥିବା ବେଳେ ବିଶ୍ୱସ୍ତରରେ ▶ପୃଷ୍ଠା-୭




# ବିଭିନ୍ନ ପ୍ରକଳ୍ପର ସମୀକ୍ଷା କଲେ ପର୍ଯ୍ୟଟନ ସଚିବ

ସମ୍ବଲପୁର, ୧୬ (ସମିସ)

ରାଜ୍ୟ ପର୍ଯ୍ୟଟନ ବିଭାଗ ଆୟୁକ୍ତ ତଥା ସଚିବ ବଲବନ୍ତ ସିଂହ ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼ ଜିଲ୍ଲା ଗସ୍ତରେ ଆସି ଆଜି ସମ୍ବଲପୁର ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା ଏବଂ ଐତିହାସିକ ସ୍ଥଳର ବିକାଶମୂଳକ କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ଆଜି ଅପରାହ୍ନରେ ଝାରସୁଗୁଡ଼ାରୁ ଶ୍ରୀ ସିଂହ ସମ୍ବଲପୁରଠାରେ ପହଞ୍ଚିବା ପରେ ଲକ୍ଷ୍ମୀନାଥ ବେଜବରୁଆ ବାସଭବନ, ଭିକ୍ଟୋରିଆ ଟାଉନ୍ ହଲ୍ ଏବଂ ବୀର ସୁରେନ୍ଦ୍ର ସାଏ ମ୍ୟୁଜିୟମ ପରିଦର୍ଶନ କରିଛନ୍ତି। ଏହାପରେ ସେ ଐତିହାସିକ ପ୍ରାସାଦ 'ରାଜା ବଖରା' ପରିଦର୍ଶନ କରି ଏହାର ସ୍ଥିତି ପରଖିଥିଲେ। ସନ୍ଧ୍ୟା ସମୟରେ ପର୍ଯ୍ୟଟନ ସଚିବ ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ପୀଠକୁ ଯାଇ ସେଠାରେ ନବନିର୍ମିତ ୱାଟରବଡି ଶୋ' ଦେଖିବାସହ 'ମହାନଦୀ ଆଳତି'ର ଟ୍ରାଏଲ୍ ରନ୍ କାର୍ଯ୍ୟକ୍ରମ ସମୀକ୍ଷା କରିଛନ୍ତି।



ଆସନ୍ତାକାଲି ପର୍ଯ୍ୟଟନ ସଚିବ ଶ୍ରୀ ସିଂହ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ପ୍ରକଳ୍ପ ଗୁଡ଼ିକର ତଦାରଖ କରିବାସହ ସମୀକ୍ଷା ବୈଠକ କରିବେ। ଏହାପରେ ଏମସିଏଲ୍ ମୁଖ୍ୟାଳୟ ନିକଟରେ ପ୍ରସ୍ତୁତ ହେଉଥିବା ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ'ର ଯାଞ୍ଚ କରିବା ପରେ ସେ ହୀରାକୁଦ ବନ୍ଧ ଅଞ୍ଚଳକୁ ଯିବେ। ସେଠାରେ ନିର୍ମାଣ ଆରମ୍ଭ ହୋଇଥିବା ଆରାଇଭାଲ୍ ପ୍ଲାଜା, ହୀରାକୁଦ ଡ୍ୟାମ୍ ମ୍ୟୁଜିୟମ ଏବଂ ହୀରାକୁଦ ଜଳଭଣ୍ଡାର ସାଇଟ୍ ପରିଦର୍ଶନ କରିବା ସହ ପ୍ରସିଦ୍ଧ ଜବାହର ପାର୍କର ଯୋଜନାବଦ୍ଧ ବିକାଶ ପାଇଁ ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମ ଏବଂ ବୈଷୟିକ ବିଶେଷଜ୍ଞଙ୍କ ସହ ଆଲୋଚନା କରିବେ। ଏହାସହ ହୀରାକୁଦ ରିଂରୋଡ୍ ଏବଂ ସେଠାରେ ନିର୍ମାଣ ହେବାକୁ ଥିବା ଆଇକନିକ୍ ବ୍ରିଜ୍ ସମ୍ପର୍କରେ ପୂର୍ତ୍ତ ବିଭାଗର ଅଧିକାରୀମାନଙ୍କ ସହ ଆଲୋଚନା କରିବେ। ଅପରାହ୍ନରେ ସଚିବ କର୍ଡୋଲା ଶିଳ୍ପୀ ଗ୍ରାମ ପରିଦର୍ଶନ କରି ସେଠାକାର କଳା ଓ ସଂସ୍କୃତି ସ୍ଥିତି ଅନୁଧ୍ୟାନ କରିବେ। ଏହାପରେ ପଥରସେନୀ ମନ୍ଦିର, ହୁମାରେ ଶଣି ଅଞ୍ଚଳ ପରିଦର୍ଶନ କରିବେ ସହ ସେଠାରେ ପ୍ରସ୍ତାବିତ 'ଟୟ ଟ୍ରେନ୍ ପ୍ରକଳ୍ପ' ଏବଂ ସମ୍ଭାବ୍ୟ 'କ୍ରୁଜ୍ ଟର୍ମିନାଲ' ପ୍ରତିଷ୍ଠା ନେଇ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିବେ। ସମ୍ବଲପୁରରୁ ବରଗଡ଼ ଯାଇ ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ରାଜମହଲ ନିର୍ମାଣ କାର୍ଯ୍ୟ ଓ ବିଭିନ୍ନ ଗ୍ରାମୀଣ ଅଞ୍ଚଳର ପରିଦର୍ଶନ ସାରି ସେ ପୁଣିଥରେ ସମ୍ବଲପୁର ଫେରି ରାତ୍ରିଯାପନ କରିବେ। ଆସନ୍ତା ୩ ତାରିଖ ଭୀମମଣ୍ଡଳୀ ପର୍ଯ୍ୟଟନ ସ୍ଥଳୀ ପରିଦର୍ଶନ କରି ଭୁବନେଶ୍ୱର ଫେରିଯିବା କାର୍ଯ୍ୟକ୍ରମ ରହିଛି।

# ଦୁଇ ଭାଇଙ୍କୁ ଖଣ୍ଡା ଆକ୍ରମଣ ; ୨ ଭାଇ ଗିରଫ



ରେଢ଼ାଖୋଲ, ୧୬(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ କ୍ୱାଥସାହି ଛକ ନିକଟରେ ରବିବାର ବିଳମ୍ବିତ ରାତିରେ ଗୋଷ୍ଠୀ ସଂଘର୍ଷରେ ଦୁଇ ଭାଇଙ୍କୁ ୩ ଜଣ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ କ୍ୱାଥସାହିର ବାସିନ୍ଦା ଦ୍ୱିତି କୃଷ୍ଣ ସାହୁ ଓ ତାଙ୍କ ଭାଇ ରଞ୍ଜନ ସାହୁ ଆହତ ହୋଇଛନ୍ତି। ସେମାନଙ୍କୁ ରେଢ଼ାଖୋଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେପଟେ ଆକ୍ରମଣ କରିଥିବା ଦୁଇଭାଇ ଅଭିଯୁକ୍ତ ଆକାଶ ସେଠୀ ଓ ବାଦଲ ସେଠୀଙ୍କୁ ପୁଲିସ ଗିରଫ କରି ସୋମବାର ଦିନ କୋର୍ଟ ଚାଲାଣ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମଣ୍ଟୁ ପୁରୋହିତ ଫେରାର ହୋଇ ଯାଇଥିବା ଜଣାପଡ଼ିଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ଦ୍ୱିତିକୃଷ୍ଣ ସାହୁ, ଆକାଶ ସେଠୀ ଓ ମଣ୍ଟୁ ପୁରୋହିତ ମିଳିତ ଭାବରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଉକ୍ତ ଦୁଇ ଭାଇଙ୍କ ସହିତ ବଚସା ହୋଇଥିଲା। ଉଭୟ ଗୋଷ୍ଠୀ ମଧ୍ୟରେ ଗାଳିଗୁଲଜ ହେବା ପରେ ଉତ୍ତେଜନା ସୃଷ୍ଟି ହୋଇ ଉଗ୍ର ରୂପ ନେଇ ଶେଷରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ହଣାକଟା ହୋଇଥିଲେ। ଏଥିରେ ୩ ଜଣ ଉତ୍ତ୍ୟକ୍ତ ହୋଇ ଏକ ଖଣ୍ଡାରେ ଦ୍ୱିତିକୃଷ୍ଣ ସାହୁ ଓ ରଞ୍ଜନ ସାହୁଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଉକ୍ତ ଦୁଇ ଭାଇ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହୋଇଛନ୍ତି। ଏ ସଂକ୍ରାନ୍ତରେ ରେଢ଼ାଖୋଲ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗ କ୍ରମେ ରେଢ଼ାଖୋଲ ପୁଲିସ ତଦନ୍ତ ଆରମ୍ଭ କରି ମାମଲା ରୁଜୁ କରି ଉକ୍ତ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ସମ୍ବଲପୁରରେ ଏସ୍ଆଇଆର୍ ପ୍ରକ୍ରିୟା

ସମ୍ବଲପୁର, ୧୬ (ସମିସ) : ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟବ୍ୟାପୀ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ୨୦୨୬ ପ୍ରକ୍ରିୟା ସମ୍ପର୍କରେ ଆଜି ଅପରାହ୍ଣରେ ସମ୍ବଲପୁର ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସମଗ୍ର ଶିକ୍ଷା ସମ୍ମିଳନୀ କକ୍ଷଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ କହିଲେ ଯେ, ଏସ୍ଆଇଆର୍ ପ୍ରକ୍ରିୟାର ମୂଳ ଉଦ୍ଦେଶ୍ୟ ହେଉଛି ଭୋଟର ତାଲିକାକୁ ନିର୍ଭୁଲ ଓ ତ୍ରୁଟିମୁକ୍ତ କରିବା। ଏହା ମାଧ୍ୟମରେ ଯୋଗ୍ୟ ନାଗରିକଙ୍କ ନାମ ଭୋଟର ତାଲିକାରେ ସାମିଲ କରାଯିବା ସହ ମୃତ, ସ୍ଥାନାନ୍ତରିତ ଏବଂ ଦ୍ୱିତୀୟ ନାମଭୁକ୍ତିଗୁଡ଼ିକୁ ଚିହ୍ନଟ କରି ଆବଶ୍ୟକ ସଂଶୋଧନ କରାଯିବ। ସମ୍ବଲପୁର ଜିଲ୍ଲାର ସମସ୍ତ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ମୋଟ ୯୪୮ ଜଣ ବୁଥ୍ସ୍ତରୀୟ ଅଧିକାରୀ (ବିଏଲ୍ଓ) ନିୟୋଜିତ ହୋଇ ଘରକୁ ଘର ବୁଲି ସର୍ଭେ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହି ସର୍ଭେ ମେ ୩୦ ତାରିଖରେ ଆରମ୍ଭ ହୋଇଥିବାବେଳେ ଜୁନ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ବିଏଲ୍ଓମାନେ ପ୍ରତ୍ୟେକ ଘରକୁ ଯାଇ ଏନୁମରେଶନ ଫର୍ମ ବଣ୍ଟନ କରିବେ ଏବଂ ପୂରଣ ହୋଇଥିବା ଫର୍ମ ସଂଗ୍ରହ କରିବେ। ଆସନ୍ତା ଜୁଲାଇ ୫ ତାରିଖରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବ ଏବଂ ସେପ୍ଟେମ୍ବର ୬ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ।ଅଧିକ ସୂଚନା ପାଇଁ ଟୋଲ୍ ଫ୍ରି ହେଲ୍ପଲାଇନ୍ ନମ୍ବର ୧୯୫୦ ଏବଂ ଭୋଟର୍ ହେଲ୍ପଲାଇନ୍ ଆପ୍ ମାଧ୍ୟମରେ ସେବା ଉପଲବ୍ଧ ରହିଛି।

**ଟୋଲ୍ ଫ୍ରି ହେଲ୍ପଲାଇନ୍ ନମ୍ବର ୧୯୫୦ ଏବଂ ଭୋଟର୍ ହେଲ୍ପଲାଇନ୍ ଆପ୍ ଉପଲବ୍ଧ**

ଏହି ଅବସରରେ ଜିଲ୍ଲାପାଳ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ ଯେ, ବିଏଲ୍ଓମାନଙ୍କ ସହ ସମ୍ପୂର୍ଣ୍ଣ ସହଯୋଗ କରି ସଠିକ୍ ତଥ୍ୟ ପ୍ରଦାନ କରନ୍ତୁ। ସମସ୍ତ ବିଏଲ୍ଓ ବୈଧ ପରିଚୟପତ୍ର ସହିତ ଘରକୁ ଯିବେ ଏବଂ ସେମାନଙ୍କୁ ଏହି କାର୍ଯ୍ୟ ପାଇଁ ଯଥୋଚିତ ପ୍ରଶିକ୍ଷଣ ଦିଆଯାଇଛି। ଜୁଲାଇ ୫ ତାରିଖରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବ। ଏହାପରେ ଜୁଲାଇ ୫ ରୁ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ଏନେଇ ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ। ଏହି ସମୟ ମଧ୍ୟରେ ଯଦି କୌଣସି ଯୋଗ୍ୟ ନାଗରିକଙ୍କ ନାମ ତାଲିକାରୁ ବାଦ ପଡ଼ିଥାଏ କିମ୍ବା କୌଣସି ତ୍ରୁଟି ଥାଏ, ତେବେ ସେମାନେ ଆବଶ୍ୟକ ଆବେଦନ ଦାଖଲ କରିପାରିବେ। ସମ୍ବଲପୁର, ରେଙ୍ଗାଲି, ରେଢ଼ାଖୋଲ ଓ କୁଚିଣ୍ଡାର ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଇଆରଓ)ମାନେ ଏହି ଆପତ୍ତି ଓ ଅଭିଯୋଗର ଶୁଣାଣି କରି ନିଷ୍ପତ୍ତି ଗ୍ରହଣ କରିବେ। ଯେଉଁ ନାଗରିକମାନଙ୍କ ନାମ ବର୍ତ୍ତମାନର ଭୋଟର ତାଲିକାରେ ନାହିଁ କିମ୍ବା ୨୦୦୨ ଭୋଟର ତାଲିକା ସହ କୌଣସି ସମ୍ପର୍କ ସ୍ଥାପିତ ହୋଇନାହିଁ, ସେମାନଙ୍କ ନାମ ସାମିଲ କରିବା ପାଇଁ ଆବଶ୍ୟକ ଦସ୍ତାବିଜ୍ ସହ ଆବେଦନ କରିବାର ସୁଯୋଗ ରହିଛି। ସରକାରଙ୍କ ଦ୍ୱାରା ସ୍ୱୀକୃତ ୧୨ ପ୍ରକାରର ଦସ୍ତାବିଜ୍ ଏଥିପାଇଁ ଗ୍ରହଣ କରାଯିବ। ଏସ୍ଆଇଆର୍ ସମ୍ପର୍କିତ କୌଣସି ଭ୍ରମାତ୍ମକ ସୂଚନାକୁ ବିଶ୍ୱାସ ନକରି ନାଗରିକମାନେ କେବଳ ନିର୍ବାଚନ ଆୟୋଗ ଓ ଜିଲ୍ଲା ପ୍ରଶାସନର ଅଧିକୃତ ସୂଚନା ଉପରେ ନିର୍ଭର କରିବାକୁ ଜିଲ୍ଲାପାଳ ଅନୁରୋଧ କରିଥିଲେ।

ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ, ଡେପୁଟି କଲେକ୍ଟର (ନିର୍ବାଚନ) ଗୀତିକା ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲ୍ଲୁ ଉପସ୍ଥିତ ଥିଲେ।

**ଯୁଯୋମୁରା ଅଞ୍ଚଳରେ ହାତୀପଲ**

# ଜୋର୍‌ରେ ଗାଧୋଉଛନ୍ତି, ନଷ୍ଟ କରୁଛନ୍ତି ଆମ୍ବ ବଗିଚା



ସମ୍ବଲପୁର, ୧୬ (ସମିସ) : ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଏପରିସ୍ଥଳେ ଜନଜୀବନ ଅସ୍ତବ୍ୟସ୍ତ ହେବାସହ କଲବଲ ହେଉଛନ୍ତି ଜୀବଜନ୍ତୁ ଓ ପକ୍ଷୀ। ଯୁଯୋମୁରା ଓ ଜମନକିରା ଅଞ୍ଚଳର ଲଡ଼ଲଡ଼ି କୁଲଚେର ଜଙ୍ଗଲ, ଗୁଲୁମ ଜଙ୍ଗଲ, ମୁର୍ଗାବାରୀ ଜଙ୍ଗଲ ଆଦିରେ ହାତୀ ପଲ ଚଳପ୍ରଚଳ ହେଉଥିବା ଦେଖାଯାଇଛି। ମୁଣ୍ଡେର କଟା (ପୋଖରୀ)ରେ ହାତୀପଲ ପଶି ବହୁ ସମୟ ଧରି ପାଣି ଭିତରେ ରହିଥିଲେ। ଏହାସହ ଛୋଟ ଛୋଟ ହାତୀ ପାଣିରେ ଖେଳୁଥିବା ଦେଖାଯାଇଥିଲା। ତାପମାତ୍ରା ଅତ୍ୟଧିକ ରହିବାସହ ଗୁଳୁଗୁଳି ଅନୁଭୂତ ହେଉଥିବାବେଳେ ହାତୀମାନେ କଟାରେ ପଶି ଗାଧେଇଥିଲେ।

ଅନ୍ୟପକ୍ଷରେ ଏବେ ଆମ୍ବ ପାଚିବା ସହ ତାହାର ବାସ୍ନା ଚାରିଆଡ଼େ ହେଉଥିବାବେଳେ ତାଲବେଡ଼ିଆ, ବଡ଼ସାହିର, ମୁଣ୍ଡେର, ପାବପାଲି, ବଲଣ୍ଡା, ହିରୋ ଆଦି ବିଭିନ୍ନ ଗାଁମାନଙ୍କରେ ରହିଥିବା ଆମ୍ବ ବଗିଚାରେ ହାତୀ ପଲ ପଶି ଆମ୍ବ ଖାଇବାସହ ଡାଳ ଭାଙ୍ଗି ନଷ୍ଟ କରି ଦେଉଛନ୍ତି। ଚାଷୀ ମାନଙ୍କ ଶହ ଶହ ଗଛ ବିଶିଷ୍ଟ ଆମ୍ବ ବୁରେଇ (ତୋଟା)କୁ ହାତୀ ପଶି ଆମ୍ବ ଖାଇ ଭାଙ୍ଗିରୁଜି ଦେଉଛନ୍ତି। ବହୁ ଆମ୍ବ ଚାଷୀ ହାତୀପଲର ଉତ୍ପାତରେ ବ୍ୟତିବ୍ୟସ୍ତ ହୋଇ ପଡ଼ିଲେଣି। ଗାଁ ଗାଁରେ ଲୋକେ କେବଳ ବନବିଭାଗ ଉପରେ ନିର୍ଭର ନ କରି ନିଜ ଛୋଟ ଛୋଟ ହ୍ୱାଟ୍ସଆପ୍ ଗ୍ରୁପ୍ କରି ହାତୀପଲ କେଉଁଆଡ଼କୁ ମୁହାଁଉଛନ୍ତି ତାହା ଉପରେ ନଜର ରଖିଛନ୍ତି। ବନବିଭାଗ କର୍ମଚାରୀମାନେ ମଧ୍ୟ ହାତୀ ଚଳପ୍ରଚଳ ଉପରେ ସତର୍କତା ଦୃଷ୍ଟି ରଖିଛନ୍ତି। କେତେକ ଗାଁରେ ହାତୀ ଭାଙ୍ଗିଦେଇଥିବା ଆମ୍ବ ବୁରେଇର କ୍ଷୟକ୍ଷତି ଆକଳନ ହୋଇଥିବା ସୂଚନା ମିଳିଛି।

# ସାଥ୍ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସହାୟତା



ସମ୍ବଲପୁର, ୧୬(ସମିସ): ସାଥ୍ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆଜି ଦୁଇ ଜଣ ଅସହାୟଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। କାର୍ଯ୍ୟକାରୀ ସଭାପତି ସିଦ୍ଧାର୍ଥ ସାହାଙ୍କ ପ୍ରଚେଷ୍ଟାରେ କୁନି ଝିଅ ଶ୍ରବଣୀଙ୍କୁ ୨୦ ହଜାର ଆର୍ଥିକ ସହାୟତା ଦିଆଯାଇଥିଲା। ପରେ ଆଉ ଜଣେ ପୀଡିତ ସୁରେନ୍ଦ୍ର ବାଗଙ୍କୁ ୫ ହଜାର ଟଙ୍କା ଦିଆଯାଇଥିଲା। ଅରୁଣ ପଟୱାରୀ, କମଲ ଅଗ୍ରୱାଲ, ଭଗତ ଭାଇ, ଶିବ ପ୍ରଧାନ, ଏବଂ ଯୁବ ସାଥ୍ ଉପସ୍ଥିତ ଥିଲେ। ସାଥ୍ ସର୍ବଦା ଅସହାୟଙ୍କୁ ସାହାଯ୍ୟ କରୁଥିବା ନଜିର ରହିଛି।

# ଅଙ୍ଗନବାଡ଼ି ଉପରେ ଭାଙ୍ଗିପଡ଼ିଛି ଗଛ



ସମ୍ବଲପୁର, ୧୬ (ସମିସ) : ଗତ ୩୦ ତାରିଖ ସନ୍ଧ୍ୟାରେ ହୋଇଥିବା ପ୍ରବଳ କାଳବୈଶାଖୀ ଝଡ଼ରେ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନଂ ୨୨, ପ୍ରାଥମିକ ବିଦ୍ୟାଳୟ ପାଖରେ ଥିବା ଅଙ୍ଗନବାଡି କେନ୍ଦ୍ର ଉପରେ ବିରାଟ ଗଛ ଭାଙ୍ଗି ପଡ଼ିଯାଇଛି। ସୌଭାଗ୍ୟବଶତଃ ଘଟଣା ସମୟରେ କେନ୍ଦ୍ର ବନ୍ଦ ଥିବାରୁ କୌଣସି ଶିଶୁ ବା କର୍ମଚାରୀ ଆହତ ହୋଇନାହାନ୍ତି। କିନ୍ତୁ ଛାତ, କାନ୍ଥ ଓ ବାରଣ୍ଡା ଉପରେ ଗଛର ଡାଳ ମାଡ଼ି ରହିଛି। ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିବା ଅଭିଯୋଗ ହୋଇଛି। ଏହି ଅଙ୍ଗନବାଡି କେନ୍ଦ୍ରକୁ ପ୍ରତିଦିନ ୨୦ରୁ ଅଧିକ ଶିଶୁ ଆସୁଥିବାରୁ ଅଞ୍ଚଳବାସୀ ଗଛ ହଟାଇ ତୁରନ୍ତ ଉପରୋକ୍ତ ସ୍ଥାନ ସଫା କରିବାକୁ ଦାବି ଜଣାଇଛନ୍ତି।

# କଂଗ୍ରେସ ବରିଷ୍ଠ ନେତାଙ୍କ ବିୟୋଗ

ସମ୍ବଲପୁର, ୧୬(ସମିସ):ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟିର ବରିଷ୍ଠ ନେତା ଏମ୍ ଡି ସଲିମ ଖାନ୍‌ଙ୍କ ହୃଦ୍‌ଘାତରେ ବିୟୋଗ ହୋଇଛି। ଏଥିରେ କଂଗ୍ରେସ କମିଟିର କର୍ମକର୍ତ୍ତା ଶୋକ ପ୍ରକାଶ କରିଛନ୍ତି। ଏମ୍‌ଡି ସଲିମ୍ ଖାଁ ପୂର୍ବତନ ଜିଲ୍ଲା କଂଗ୍ରେସ କମିଟିର ଜିଲ୍ଲା ସମ୍ପାଦକ ପଦ ଦାୟିତ୍ୱ ସୁଚାରୁ ରୂପେ ତୁଲାଇଛନ୍ତି। ୫୫ ବର୍ଷ ବୟସରେ ସେ ତାଙ୍କର ୩ ପୁଅ ଓ ଦୁଇ ଝିଅଙ୍କୁ ଛାଡି ଦୁନିଆରୁ ବିଦାୟ ନେଇଛନ୍ତି। ଆତ୍ମାର ସଦଗତି କାମନା ନିମନ୍ତେ ଜିଲ୍ଲା କଂଗ୍ରେସ କମିଟିର ପୂର୍ବତନ ସଭାପତି ଜୟ ଶଙ୍କର ମିଶ୍ର, ଜିଲ୍ଲା ସଭାପତି ଅମିତ୍ କୁମାର ଗୁରୁ, ରବି ରାଉତ, ସଦାନନ୍ଦ ବରାଳ, ଦୀନବନ୍ଧୁ ପରିଡ଼ା, ମୋହନ ଶାହା, ସଞ୍ଜୟ ଛୁରିଆ, ସଞ୍ଜୀବ ଗାର୍ଡିଆ, ଜୟନ୍ତ ସାହୁ, ଏମ୍ ଡି ରୋହିମ୍, ଏମ୍ ଡି ସକ୍କୁ, ଏମ୍ ଡି ମୁକ୍ତାର, ନିତ୍ୟାନନ୍ଦ ନାଗ ସଲିମ ଖାଁଙ୍କ ଶେଷ ଦର୍ଶନ କରି ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।



# କୁଚିଣ୍ଡା ପଞ୍ଚାୟତ ସମିତିରେ ଜନଅଭିଯୋଗ ଶୁଣାଣି

କୁଚିଣ୍ଡା, ୧୬(ସମିସ): କୁଚିଣ୍ଡା ପଞ୍ଚାୟତ ସମିତି ସଭାଗୃହରେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବାଳିରାମ ବୋନ୍ଦର ଙ୍କ ଅନୁପସ୍ଥିତିରେ ପିଡି ଡିଆରଡିଏ ପ୍ରସନ୍ନ ପାତ୍ର, କୁଚିଣ୍ଡା ଉପଜିଲ୍ଲାପାଳ ସରୱାନନ୍ ସ, ତହସିଲଦାର ସରିତା ଓରାମ, ଏସ୍‌ଡିପିଓ ପ୍ରଦିପ ଦାସ, ବିଡ଼ିଓ ଜୟନ୍ତ ସାହୁ, ଏନ୍ଏସି ଇଓ ମନୋରଞ୍ଜନ ସୁନା, ଆଇଆଇସି ରମାକାନ୍ତ ବାରିକ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ଜନସାଧାରଣଙ୍କ ସମସ୍ୟାର ସିଧାସଳଖ ଶୁଣାଣି କରିଛନ୍ତି।ଶିବିରରେ ମୋଟ ୯୮ ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା, ଯେଉଁଥିରେ ୬୮ ଟି ବ୍ୟକ୍ତିଗତ ଏବଂ ୩୦ ଟି ସାମୂହିକ/ଗୋଷ୍ଠୀଗତ ଅଭିଯୋଗ ସାମିଲ ଥିଲା। ଆସିଥିବା ସମସ୍ତ ସମସ୍ୟାଗୁଡ଼ିକର ଶୀଘ୍ର ଏବଂ ସମୟସୀମା ମଧ୍ୟରେ ସମାଧାନ କରିବା ପାଇଁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ସମ୍ବଲପୁରୀ ଦିନ୍ ପାଇଁ କର୍ମକର୍ତ୍ତା ଚୟନ

ସମ୍ବଲପୁର, ୧୬(ସମିସ): 'ସମ୍ବଲପୁରୀ ଦିନ-୨୦୨୬'କୁ ଭବ୍ୟ ଭାବରେ ପାଳନ କରିବା ପାଇଁ 'ସମ୍ବଲପୁରୀ ଏକତା ମଞ୍ଚ' ପକ୍ଷରୁ ରବିବାର ବୈଠକରେ କର୍ମକର୍ତ୍ତା ଚୟନ ସମ୍ପୂର୍ଣ୍ଣ ହୋଇଛି। ନୂତନ କର୍ମକର୍ତ୍ତା ଭାବେ ସୁଶାନ୍ତ ପୁରୋହିତ ସଭାପତି, ଭୋଲା ଶଙ୍କର ମହନ୍ତ କାର୍ଯ୍ୟକାରୀ ସଭାପତି, ଅମିତ କୁମାର ପତି ସଂଯୋଜକ, ମହେଶ ପଟେଲ ସହସଂଯୋଜକ ଓ ନନ୍ଦ କିଶୋର ସାହୁ ସାଂସ୍କୃତିକ ଓ ମଞ୍ଚ ଆବାହକ ଦାୟିତ୍ୱ ନିର୍ବାହ କରିବେ। ସେହିପରି ଉପସଭାପତି ଭାବେ ରାମଶଙ୍କର ମିଶ୍ର, ଅନୁପ ତରିଆ ଓ ସ୍ୱପ୍ନଜିତ ପଟ୍ଟନାୟକ, ସମ୍ପାଦକ ଭାବେ ସୂର୍ଯ୍ୟ ପ୍ରକାଶ ଗୁରୁ, ସହକାରୀ ସମ୍ପାଦକ ଭାବେ ସୁପ୍ରିତ ଠେଲା ଓ ସୁପ୍ରଭା ସାହାଣୀ ଚୟନ ହୋଇଛନ୍ତି। ବରିଷ୍ଠ ସଦସ୍ୟ ସମୀର ବାବୁ ଓ ଡାକ୍ତର ସଞ୍ଜୀବ ମିଶ୍ର ଆର୍ଥିକ ବ୍ୟାପାର ଓ ରାଜୀବ ଲୋଚନ ସାହୁ କୋଷାଧ୍ୟକ୍ଷ ଦାୟିତ୍ୱ ତୁଲାଇବେ। ପେଣ୍ଟିଂ ଏବଂ ଡ୍ରଇଂରେ ମନୋଜ କୁମାର ଚୌଧୁରୀ ଓ ସୀମା ଷଣ୍ଢ, କବିତାରେ କମଳ ଲୋଚନ ପଣ୍ଡା ଓ ସୌମିକ ବାବୁ, କାର୍ଯ୍ୟକ୍ରମ ଉପସ୍ଥାପନା ପାଇଁ ପାୟଲ ଭୋଇ ଓ ଉମାଶଙ୍କର ଦାଶ ଚୟନ ହୋଇଛନ୍ତି। ସେହିପରି ଅଭ୍ୟର୍ଥନାରେ ବିନାୟକ ରାମ, ସାମାଜିକ ଗଣମାଧ୍ୟମ ଅନୁଜ ଜେନା, ଖାଦ୍ୟ ବ୍ୟବସ୍ଥା ଅଜିତ ବେହେରା, ପ୍ରକାଶନ ସୌମଜିତ ପଟ୍ଟନାୟକ, ଶୃଙ୍ଖଳା ବ୍ୟାପାର ଅରୁଣ କୁମାର ଦାସ, ସ୍ମୃତି କମିଟି ପାଇଁ ତ୍ରିଲୋଚନ ତ୍ରିପାଠୀ ଓ ସତ୍ୟ ନାରାୟଣ ଠାକୁର, ଗଣମାଧ୍ୟମ ସଂଯୋଜକ ତର୍ପଣ ପ୍ରଧାନ, ଆଇନଗତ ପରାମର୍ଶଦାତା ଭାବେ ଫଣୀ ଭୂଷଣ ମିଶ୍ର ରହିଛନ୍ତି। ଉପଦେଷ୍ଟା ମଣ୍ଡଳୀରେ ପ୍ରଫୁଲ୍ଲ ହୋତା, ଦୁର୍ଗା ଦାଶ, ସୁଶାନ୍ତ ମିଶ୍ର, ସୁନୀଲ ତ୍ରିପାଠୀ, କୃଷ୍ଣଚନ୍ଦ୍ର ବାଗ, ଅପର୍ଣ୍ଣା ପାଢ଼ୀ, ସୁବାସ ତ୍ରିପାଠୀ, ରତନ ପୂଜାରୀ, ଶଙ୍କର ବେହେରା ଓ ମହମ୍ମଦ ପରଭେଜ ଅଲ୍ଲୀ ଖାଁ ରହିଛନ୍ତି। ଚଳିତବର୍ଷ କାର୍ଯ୍ୟକ୍ରମରେ ସମ୍ବଲପୁରୀ ତଥା ପଶ୍ଚିମ ଓଡ଼ିଶାର ଲୋକନୃତ୍ୟ, ସଙ୍ଗୀତ, ଭାଷା, ସାହିତ୍ୟ ଓ ପାରମ୍ପରିକ ଚଳଣିକୁ ନେଇ ବିଭିନ୍ନ ସେଗ୍‌ମେଣ୍ଟ ରହିବ। ବୈଠକରେ କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିବା ନେଇ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା।



# ପବ୍ଲିକ ଲାଇବ୍ରେରୀରେ 'ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି' ଶିବିର

ସମ୍ବଲପୁର, ୧୬ (ସମିସ) : ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ଆନୁକୂଲ୍ୟରେ ଆୟୋଜିତ 'ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି' ଶିବିରର ସପ୍ତମ ରବିବାସରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୨୩ଟି ବିଦ୍ୟାଳୟର ୪୬ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ପ୍ରାର୍ଥନାସଭା ପରେ ସ୍ୱଳ୍ପ ସମୟ ପାଇଁ ଅବସରପ୍ରାପ୍ତ ଇଂରାଜୀ ଶିକ୍ଷକ ପଦ୍ମନାଭ ମହାକୁଡ଼ ନିର୍ଭୁଲ ଇଂରାଜୀ କହିବାର କୌଶଳ ଶିକ୍ଷା ଦେଇଥିଲେ। ପ୍ରଥମ ଅଧିବେଶନରେ 'ଜୀବନ କୌଶଳ ଶିକ୍ଷା' ଅନ୍ତର୍ଗତ 'ଏକତା ଓ ସାଧୁତା' ସମ୍ପର୍କରେ ଭାଷାବିତ୍ ପ୍ରଫେସର ସୁରେନ୍ଦ୍ର ପ୍ରସାଦ ପଣ୍ଡା ଆଲୋଚନା କରିଥିଲେ। ନିଜର ସୁଦୀର୍ଘ ଜୀବନର ଅନୁଭୂତିକୁ ମାଧ୍ୟମ କରି, ବିଭିନ୍ନ ଉଦାହରଣ ଦେଇ ଜୀବନରେ ଏକତା ସୂତ୍ରରେ ବାନ୍ଧି ହେବା ତଥା ସାଧୁତା ଆଚରଣ ଦ୍ୱାରା ମର୍ତ୍ତ୍ୟର ସ୍ୱର୍ଗ ସୃଷ୍ଟି ସମ୍ଭବ ବୋଲି ବୁଝାଇଥିଲେ।

ଦ୍ୱିତୀୟ ଅଧିବେଶନରେ ଆଗାମୀ 'ବିଶ୍ୱ ପରିବେଶ ଦିବସ' ଉପଲକ୍ଷେ ଶୁମିଙ୍ଗ ଶିକ୍ଷାର୍ଥୀଙ୍କ ମଧ୍ୟରେ ବକ୍ତୃତା ତଥା ପ୍ରବନ୍ଧ ପ୍ରତିଯୋଗିତା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ଆଞ୍ଚଳିକ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ କରାଯାଇଥିଲା। ଏସ୍‌ପିସିବି ଆଞ୍ଚଳିକ ଅଧିକାରୀ ଡଃ ସତ୍ୟ ନାରାୟଣ ନନ୍ଦଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାରେ ଅବସରପ୍ରାପ୍ତ ଶିକ୍ଷକ ଉଦିତ ଚନ୍ଦ୍ର ପାଟଯୋଶୀ, ହରିନାରାୟଣ ପଣ୍ଡା ଓ ପଦ୍ମନାଭ ମହାକୁଡ଼ ବିଚାରକ ଦାୟିତ୍ୱ ତୁଲାଇଥିଲେ। ଡଃ ଗିରିଧାରୀ ହୋତା ପ୍ରବନ୍ଧ ପ୍ରତିଯୋଗିତା ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଆଗାମୀ ଜୁନ, ୫ ତାରିଖ ଆୟୋଜିତ ହେବାକୁ ଥିବା ସ୍ୱତନ୍ତ୍ର ଉତ୍ସବରେ ପୁରସ୍କୃତ କରାଯିବ। ସମ୍ବଲପୁର ପବ୍ଲିକ ଲାଇବ୍ରେରୀର ସଭ୍ୟ ସମ୍ପାଦକ ରଘୁନାଥ ମିଶ୍ର, ଇଂ. ସୁଶାନ୍ତ କୁମାର ଗୁରୁ, ଅଶୋକ ମିଶ୍ର, ପୃଥ୍ୱୀରାଜ ମିଶ୍ର, ଡଃ ଅଶୋକ ହୋତା ତଥା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ଅଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ-ସଂଯୋଜକ ଶିବ ଶଙ୍କର ଷଡ଼ଙ୍ଗୀ ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ଶିବିର ପରିଚାଳନା କରିଥିବାବେଳେ ସହକାରୀ ବିଜୟ କୁମାର ସାହୁ ଓ ଭୁବନ କୁମୁରା ବୈଷୟିକ ସହାୟତା ପ୍ରଦାନ କରିଥିଲେ।




# ଜିଲ୍ଲା ଏଡିଇଓ ସଂଘର ସାଧାରଣ ସଭା

ସମ୍ବଲପୁର, ୧୬(ସମିସ): ସମ୍ବଲପୁର ଜିଲ୍ଲା ଏଡିଇଓ ସଂଘର ସଫଳତାର ସହ ୨ ବର୍ଷ କାର୍ଯ୍ୟକାଳ ପୂର୍ତ୍ତି ଉପଲକ୍ଷେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଛି।ଉକ୍ତ ସଭାରେ ସଂଘର ଜିଲ୍ଲା ସଭାପତି ରାଜେଶ କୁମାର ବେହେରା ସଭାପତିତ୍ୱ କରିଥିଲେ। ଏହା ସହ ସମ୍ପାଦକ ନବକ୍ରୀଷ୍ଣ ପ୍ରଧାନ, କୋଷାଧ୍ୟକ୍ଷ ସାନ୍ତାରାମ କୁମାର ସାହୁ, ଉପ-ସଭାପତି ସୁଶାନ୍ତ କୁମାର ପଟେଲ, ସହ-ସମ୍ପାଦକ ସଞ୍ଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।ଜିଲ୍ଲାର ସମସ୍ତ ବ୍ଲକରୁ ଆସିଥିବା ବ୍ଲକ ସଭାପତି, ସମ୍ପାଦକ ଏବଂ ସମସ୍ତ ଏଡିଇଓ ମାନେ ଉପସ୍ଥିତ ରହି ସଂଘର ବିଭିନ୍ନ ସମସ୍ୟା ଓ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ବିସ୍ତୃତ ଆଲୋଚନା କରିଥିଲେ।ସେମାନଙ୍କ ଦାବି ଅନୁସାରେ ନିଯୁକ୍ତି ପାଇଥିବା ସମସ୍ତ ଏଡିଇଓ ମାନଙ୍କୁ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଦାୟିତ୍ୱ ହସ୍ତାନ୍ତର କରାଯାଇ ନାହିଁ। ତେଣୁ ନିର୍ଦ୍ଧାରିତ ଅନୁସାରେ ସମସ୍ତ କାର୍ଯ୍ୟ ସମ୍ପାଦନ କରିବା ପାଇଁ ଜିଲ୍ଲା ପ୍ରଶାସନ ତଥା ବ୍ଲକ ପ୍ରଶାସନକୁ ଅନୁରୋଧ କରାଯିବା ନେଇ ସଂଘ ପକ୍ଷରୁ ପ୍ରସ୍ତାବ ପାରିତ ହୋଇଛି। ଗତ ୨୦୨୪ ମସିହାରୁ ଜିଆରଏସ ପଦବୀରୁ ଏଡିଇଓକୁ ପଦୋନ୍ନତି ହୋଇଥିବା ଯୋଗୁଁ ଜିଲ୍ଲାରେ ଅନେକ ଜିଆରଏସ ପଦବୀ ଖାଲି ପଡ଼ିଛି। ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ୍ୟ ଅଦ୍ୟାବଧି ସେହି ସ୍ଥାନଗୁଡ଼ିକ ପୂରଣ ହୋଇପାରିନାହିଁ। ଫଳରେ ଏଡିଇଓ ମାନେ ଅତ୍ୟଧିକ କାର୍ଯ୍ୟଚାପର ସମ୍ମୁଖୀନ ହୋଇ ଜିଆରଏସର କାର୍ଯ୍ୟ ମଧ୍ୟ ତୁଲାଉଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଅତିଶୀଘ୍ର ନୂତନ ଜିଆରଏସ ନିଯୁକ୍ତି ଦେବାକୁ ସଂଘ ଦାବି କରିଛି।ବରିଷ୍ଠ ଏଡିଇଓ ସରୋଜ ଆଚାର୍ଯ୍ୟ ସଭା ପରିଚାଳନା କରିଥିଲେ।



# ଲଣ୍ଡନ ଗଲା ସମ୍ବଲପୁରୀ ଆମ୍ବ

ସମ୍ବଲପୁର, ୧୬ (ସମିସ)

ବିଦେଶରେ ମିଳିବ ସମ୍ବଲପୁରର ଆମ୍ବ। ପୂର୍ବରୁ ଇଉରୋପର ଆୟରଲ୍ୟାଣ୍ଡକୁ ପଠାଯାଇଥିବାବେଳେ ଏବେ ଲଣ୍ଡନରେ ମିଳିବ ଆମ୍ବ। ଆଜି ଦ୍ୱିତୀୟ ପର୍ଯ୍ୟାୟରେ ଜିଲ୍ଲା ପ୍ରଶାସନ ଓ ଓର୍‌ମାସ୍ ପକ୍ଷରୁ ୧୦ କ୍ୱିଣ୍ଟାଲ ଆମ୍ରପଲ୍ଲୀ ଆମ୍ବ ଲଣ୍ଡନ ପଠାଯାଇଥିବା ଓରମାସ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀମନ୍ତ ହୋତା ସୂଚନା ଦେଇଛନ୍ତି। ସ୍ୱତନ୍ତ୍ର କାର୍ଟନରେ ଭର୍ତ୍ତି ଆମ୍ବ ଗୁଡ଼ିକ ସଡ଼କ ପଥରେ କୋଲକାତାକୁ ପଠାଯାଇଥିବାବେଳେ ସେଠାରୁ ବିମାନ ଯୋଗେ ଲଣ୍ଡନ ପଠାଯିବାକୁ ବ୍ୟବସ୍ଥା ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ମେ ୨୩ ତାରିଖରେ ପ୍ରଥମ ପର୍ଯ୍ୟାୟରେ ସବୁଜ ସନାତନପାଲି ଏଫ୍‌ପିଓରୁ ୧୦ କ୍ୱିଣ୍ଟାଲ ଆମ୍ବ ଆୟରଲ୍ୟାଣ୍ଡକୁ ପଠାଯାଇଥିଲା। ଏହି ଆମ୍ବ ସମ୍ବଲପୁରରୁ କୋଲକାତାକୁ ପଠାଯାଉଥିବାବେଳେ ତାହା ବିମାନ ଯୋଗେ ଇଉରୋପର ବିଭିନ୍ନ ଦେଶକୁ ପଠାଯାଇଥାଏ। କେବଳ ଆମ୍ରପଲ୍ଲୀ କିସମ ଆମ୍ବ ବିଦେଶକୁ ରପ୍ତାନୀ ହେଉଛି। ଗତବର୍ଷ ଗ୍ରୀଷ୍ମଋତୁରେ ଦୁବାଇ, ବର୍ମିହାମ୍ ଓ ଲଣ୍ଡନ ଆଦି ବିଭିନ୍ନ ଦେଶକୁ ସମ୍ବଲପୁରରୁ ପ୍ରାୟ ୫୧ କ୍ୱିଣ୍ଟାଲ ଆମ୍ବ ପଠାଯାଇଥିଲା। ଏହାସହିତ ପୂର୍ବବର୍ଷ ଭଳି ଚଳିତବର୍ଷ ମଧ୍ୟ ମଦର ଡାଏରୀ, ଦିଲ୍ଲୀକୁ ମଲ୍ଲିକା, ଲେଙ୍ଗଡ଼ା ଓ ଦଶେରୀ ଆଦି କିସମର ଆମ୍ବ ଦୁଇଟି ପର୍ଯ୍ୟାୟରେ ସବୁଜ ସନାତନପାଲି ଏଫ୍‌ପିଓ ଏବଂ ଓରମାସ ପକ୍ଷରୁ ଟ୍ରେନ୍ ଯୋଗେ ଯଥାକ୍ରମେ ୨୦ ଓ ୨୫ କ୍ୱିଣ୍ଟାଲ ଆମ୍ବ ପଠାଯାଇଛି।




ଅନ୍ୟପକ୍ଷରେ, ସମ୍ବଲପୁର ସହରରେ ଆଜିଠାରୁ ଓରମାସ ପକ୍ଷରୁ ଆରମ୍ଭ ହେବାକୁ ଥିବା ରାଜ୍ୟସ୍ତରୀୟ ଆମ୍ବ ଉତ୍ସବର ଉଦ୍‌ଘାଟନୀ ଘୁଞ୍ଚିଯାଇଛି। ଗତ ମେ ୩୦ ତାରିଖ କାଳବୈଶାଖୀ ପ୍ରଭାବରେ ଗୁରୁ ସତ୍ୟନାରାୟଣ ଡେରାଠାରେ ପ୍ରସ୍ତୁତ କରାଯାଇଥିବା ସମସ୍ତ ୪୫ଟି ଯାକ ଭାଙ୍ଗିରୁଜି ଯାଇଛି। ଆଜି ଜୁନ ୧ ତାରିଖ ଏହି ରାଜ୍ୟସ୍ତରୀୟ ଆମ୍ବ ଉତ୍ସବର ଉଦ୍‌ଘାଟନୀ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ବ୍ୟାପକ କ୍ଷୟକ୍ଷତି ହୋଇଥିବାରୁ ଏବେ ଆମ୍ବ ଉତ୍ସବ ଆଉ ରାଜ୍ୟସ୍ତରୀୟ ହେବା ସମ୍ଭବପର ନୁହେଁ। ଖୁବ୍ ଶୀଘ୍ର ଜେଲଖାନା ଛକ ନିକଟସ୍ଥ ଆହାର କେନ୍ଦ୍ରଠାରେ ଜିଲ୍ଲାସ୍ତରୀୟ ଆମ୍ବ ଉତ୍ସବ ଉଦ୍‌ଘାଟିତ ହେବ ବୋଲି ଓରମାସ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ହୋତା ସୂଚନା ଦେଇଛନ୍ତି।

**ଘୁଞ୍ଚିଲା ଆମ୍ବ ଉତ୍ସବ ଉଦ୍‌ଘାଟନୀ**

## ସାମାଜିକ ସୁରକ୍ଷା ଯୋଜନା ବାଟବଣା

# ଦୁଇମାସ ହେଲା ୯୨୮୯ ହିତାଧିକାରୀ ଭତ୍ତା ପାଇନାହାନ୍ତି

**ଖଡ଼ିଆଳ, ୧।୬(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅଞ୍ଚଳରେ ଆଜିକୁ ଦୁଇ ମାସ ହେବ ୯୨୮୯ ଜଣ ହିତାଧିକାରୀଙ୍କ ଖାତାକୁ ଭତ୍ତା ଟଙ୍କା ଆସିନି। ସୂଚନା ଯୋଗ୍ୟ ଯେ ଜିଲ୍ଲା ଖଡ଼ିଆଳ ବ୍ଲକରେ ମୋଟ ୧୯୬୨୭ ଜଣ ହିତାଧିକାରୀ ବିଭିନ୍ନ ଭତ୍ତା ଯୋଜନାରେ ସାମିଲ ହୋଇଥିବା ବେଳେ ମଧୁବାବୁ ପେନସନ ଯୋଜନାରେ ଭତ୍ତା ୧୧, ୬୧୬, ଇନ୍ଦିରାଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ୬୨୬୨, ଇନ୍ଦିରାଗାନ୍ଧୀ ଜାତୀୟ ବିଧବା ଭତ୍ତା ୧୪୫୧, ଦିବ୍ୟାଙ୍ଗ (୮୦ %) ୨୯୭ ଓ ୮୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧବୃଦ୍ଧା ୧୨୭୮ ଭତ୍ତା ଯୋଜନାରେ ସାମିଲ ହୋଇଛନ୍ତି। ହେଲେ ବ୍ୟାଙ୍କ ଖାତାରେ ଭତ୍ତା ପାଉଥିବା ୯୨୮୯ ଜଣ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଗତ ଦୁଇ ମାସ ହେଲା ଭତ୍ତା ଟଙ୍କା ଆସିନାହିଁ। ଫଳରେ ହିତାଧିକାରୀ ମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟସ୍ତରରେ ପୋର୍ଟାଲ ଇଣ୍ଟିଗ୍ରେସନ କାର୍ଯ୍ୟରେ ବିଳମ୍ବ ହେଉଥିବାରୁ ସମସ୍ୟା ହୋଇଥିବା ବିଭାଗ ପକ୍ଷରୁ କୁହାଯାଉଛି। ଫଳରେ ହଜାର ହଜାର ବୃଦ୍ଧବୃଦ୍ଧା, ବିଧବା ଓ ଦିବ୍ୟାଙ୍ଗ ବ୍ୟକ୍ତି ଭତ୍ତା ନପାଇ ହନ୍ତସନ୍ତ ହେଉଛନ୍ତି। ବଭତ୍ତା ବନ୍ଦ ହୋଇ ଯିବାରୁ ସେମାନଙ୍କ ଜୀବନ ଯାପନ ଦୁର୍ବିସହ ହୋଇ ପଡ଼ିଛି। ଭତ୍ତା ଟଙ୍କା କେବେ ଆସିବ ସେନେଇ କୌଣସି ସ୍ପଷ୍ଟ ସୂଚନା ବିଭାଗ ପାଖରେ ନାହିଁ। ଏପ୍ରିଲ ଓ ମେ ମାସର ଭତ୍ତା ଟଙ୍କା ହିତାଧିକାରୀଙ୍କ ଖାତାକୁ ଆସିନାହିଁ। ଅନ୍ୟପକ୍ଷରେ ଭତ୍ତା ଟଙ୍କା ଆସିଛି କି ନାହିଁ ଜାଣିବା ପାଇଁ ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟ ଓ ଗ୍ରାମାଞ୍ଚଳରେ ଥିବା ଗ୍ରାହକ ସେବା କେନ୍ଦ୍ର ଓ ବ୍ୟାଙ୍କ ସମ୍ମୁଖରେ ଭତ୍ତା ପାଇଁ ହିତାଧିକାରୀ ପ୍ରତିଦିନ ଭିଡ଼ ଜମୁଥିବା ଦେଖାଯାଉଛି। ଏପଟେ ଭତ୍ତା ନ ମିଳିବା ଓ ବୃଦ୍ଧ ବୃଦ୍ଧାମାନେ ଘଣ୍ଟା ଘଣ୍ଟା ଧରି ବ୍ୟାଙ୍କ ସମ୍ମୁଖରେ ରହି ନିରାଶ ହେଉଥିବା ସେମାନଙ୍କ ସମସ୍ୟାକୁ ଆହୁରି ଗମ୍ଭୀର କରିଛି।

## ପାଇଖାନା ଟାଙ୍କିରେ ୬ଜଣଙ୍କ ମୃତ୍ୟୁ ଘଟଣା

# ପରିବାର ବର୍ଗଙ୍କୁ ଭେଟିଲେ ପିସିସି ସଭାପତି

**ମ.ରାମପୁର, ୧।୬ (ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ଥାନା ଗୌଡ କର୍ଲାଖୁଣ୍ଟାରେ ପାଇଖାନା ଟାଙ୍କି ଟ୍ରାଜେଡି ଘଟଣାଟି ସାରା ରାଜ୍ୟରେ ଚହଳ ସୃଷ୍ଟି କରିଥିବା ବେଳେ



ସୋମବାର ପିସିସି ସଭାପତି ପରିବାରବର୍ଗଙ୍କୁ ଭେଟି ଜଣଙ୍କୁ ୨୦ହଜାର ଟଙ୍କା ଲେଖାଏଁ ଅର୍ଥ ରାଶି ସହାୟତା କରିଛନ୍ତି। ମୃତକ ୬ ଜଣ ଏବଂ ଆହତଙ୍କ ପରିବାରକୁ ମଧ୍ୟ ଅର୍ଥରାଶି ପ୍ରଦାନ କରିଛନ୍ତି। କଳାହାଣ୍ଡି ଜିଲ୍ଲା ମ.ରାମପୁର ଥାନା ଗୌଡ କର୍ଲାଖୁଣ୍ଟାରେ ଗତ ମଙ୍ଗଳବାର ସକାଳେ ପାଇଖାନା ଟାଙ୍କି ଭିତରେ ଶ୍ୱାସରୁଦ୍ଧ ହୋଇ ବାପ-ପୁଅ, ଶଳା-ଭିଣୋଇଙ୍କ ସମେତ ୬ଜଣଙ୍କ ଜୀବନ ଚାଲିଯାଇଥିବା ଘଟଣା ଆଲୋଡନ ସୃଷ୍ଟି କରିଛି।ସୋମବାର ପିସିସି ସଭାପତି ଭକ୍ତ ଚରଣ ଦାସ ପରିବାରବର୍ଗଙ୍କୁ ଭେଟିବା ସହିତ ଆର୍ଥିକ ସହାୟତା ଏବଂ ଗୃହକର୍ତ୍ତା ନିମାଇଙ୍କ ଝିଅର ଉଚ୍ଚ ଶିକ୍ଷା ପାଇଁ ନିଜେ ସମସ୍ତ ଅର୍ଥ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପରିଦର୍ଶନ ସମୟରେ ଶ୍ରୀଦାସଙ୍କ ସହିତ ଜିଲ୍ଲା ସଭାପତି ଜଳନ୍ଧର ନାଏ. ପୂର୍ବତନ ଜିଲ୍ଲା ସଭାପତି ଭାରତ ଭୂଷଣ ବେମାଲ, ଜିଲ୍ଲା ଉପସଭାପତି ଇନ୍ଦ୍ରଜିତ ମହାଖୁଡ, କିଶାନ ସେଲର ଜିଲ୍ଲା ସଭାପତି ସିଦ୍ଧାର୍ଥ ନାଏକ, ଜିଲ୍ଲା ଉପସଭାପତି ରାଜ କିଶୋର ମିଶ୍ର ମ.ରାମପୁର ବ୍ଲକ ସଭାପତି ରୁଦ୍ର ପ୍ରତାପ ସିଂହ, କୋଷାଧ୍ୟକ୍ଷ ରଶ୍ମି ରଞ୍ଜନ ପ୍ରହରାଜ, ସମ୍ପାଦକ କିଶୋର ମହାନନ୍ଦ, ଆଦିବାସୀ ସେଲର ବ୍ଲକ ସଭାପତି ସମରେନ୍ଦ୍ର ମାଝୀ, ଚମରା ବଗର୍ତ୍ତୀ, ବସନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବିଷକ୍ରିୟାରେ ଯୁବକଙ୍କ ମୃତ୍ୟୁ ଅଭିଯୋଗ

**କଲମପୁର, ୧।୬(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ଥାନା ଚୁରାଗାଁ ଗ୍ରାମର ଅଜାମ୍ବର ବିଶ୍ୱାଳଙ୍କ ପୁଅ ବୈଲୋଚନ ବିଶ୍ୱାଳ (୩୦) ବିଷକ୍ରିୟାରେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ସୋମବାର ସକାଳୁ ବୈଲୋଚନ ଶୌଚ ପାଇଁ ନିକଟବର୍ତ୍ତୀ ବିଲକୁ ଯାଇଥିଲା, କିଛି ସମୟପରେ ଗାଁ ଲୋକେ ବୈଲୋଚନ ବିଲରେ ପଡ଼ିଥିବା ଖବର ପରିବାର ବର୍ଗଙ୍କୁ ଜଣାଇଲେ। ପରିବାର ବର୍ଗ ଯାଇ ବୈଲୋଚନ ଅଚେତ ଅବସ୍ଥାରେ ବିଲରେ ପଡ଼ିଥିବା ଦେଖି ଉଦ୍ଧାର କରି କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ।ସେଠାରେ ଭାରପ୍ରାପ୍ତ ଡାକ୍ତର ବୈଲୋଚନକୁ ମୃତ ଘୋଷଣା କରିଥିଲେ।ବୈଲୋଚନ ବିଷପାନ କରିଥିବା ଅନୁମାନ ହେଉଥିବା ବେଳେ କଲମପୁର ଥାନା ଏଏସ୍‌ଆଇ ଶିବ ଶଙ୍କର ମହାନ୍ତି ଓ ନାନକ ସାହୁ ଡାକ୍ତରଖାନାରେ ପହଞ୍ଚି ଅପମୃତ୍ୟୁ ମାମଲା ପଞ୍ଜିକୃତ କରି ଶବ ବ୍ୟବଚ୍ଛେଦ ପାଇଁ ଜୟପାଟଣା ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତକ ବୈଲୋଚନଙ୍କ ଛୋଟ ଛୋଟ ଦୁଇ ସନ୍ତାନ ରହିଛନ୍ତି। ଗରିବ ଶ୍ରେଣୀର ହୋଇଥିବା ବେଳେ ପ୍ରଶାସନ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବୁଢ଼ାରଜାଦେବଙ୍କ ମୁଖ୍ୟ ପୁଝାରିଣୀଙ୍କ ପରଲୋକ

**କୋକସରା, ୧।୬(ସମିସ):** କଳାହାଣ୍ଡି ଜିଲ୍ଲାର ଆରାଧ୍ୟ ଦେବତା ଆମପାଣିର ବୁଢ଼ାରଜା ଦେବଙ୍କ ମୁଖ୍ୟ ପୂଜକ ଫକୀର ମୋହନ ପୁଝାରୀଙ୍କ ମାତା ତଥା ମୁଖ୍ୟ ପୁଝାରିଣୀ ବୁଢ଼ୀ ଉଁଆସୀ ପୂଝାରୀଙ୍କ(୮୭)ଙ୍କ ପରଲୋକ ଘଟିଛି। ସେ ଦୀର୍ଘ ଦିନ ଧରି ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ଦେଇ ଗତି କରୁଥିଲେ। ତାଙ୍କ ବିୟୋଗ ଖବର ପ୍ରସାରିତ ହେବା ପରେ ଆମପାଣି



ସମେତ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ଶେଷ ଦର୍ଶନ ଲାଗି ବାସଭବନରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସ୍ଥାନୀୟ ଲୋକେ ଉପସ୍ଥିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଶବଯାତ୍ରାରେ ସାମିଲ ହୋଇଥିଲେ। ବଡ଼ ପୁଅ ଫକୀର ମୋହନ ପୁଝାରୀ ମୁଖାଗ୍ନି ଦେଇଥିବା ବେଳେ ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି।

## ବିଦ୍ୟୁତ୍ ଓ ପାନୀୟ ଜଳ ସମସ୍ୟାକୁ ନେଇ ରାସ୍ତା ଅବରୋଧ

# ଗରା, ବାଲ୍‌ଟି ଓ ମାଠିଆ ରଖି ରାସ୍ତାରେ ବସିଲେ ମହିଳା

**ଲାଞ୍ଜିଗଡ଼, ୧।୬(ସମିସ)**



କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଚମ୍ପାଦେଇପୁର ପଞ୍ଚାୟତ ହରିହରପୁର ଗ୍ରାମର ହରିଜନପଡ଼ାରେ ଜଳସଙ୍କଟ ଦେଖାଦେଇଛି। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ୪୫ ଡିଗ୍ରୀ ତାପମାତ୍ରା ରହୁଥିବା ବେଳେ ପାଣି ସମସ୍ୟା ପଡ଼ାବାସୀଙ୍କୁ ହନ୍ତସନ୍ତ କରୁଛି। ପଡ଼ାର ମହିଳାମାନେ ବିଦ୍ୟୁତ୍ ଓ ପାନୀୟ ଜଳ ସମସ୍ୟାକୁ ନେଇ ସୋମବାର ବିଶ୍ୱନାଥପୁର ଠାରୁ ଲାଞ୍ଜିଗଡ଼କୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ହାଣ୍ଡି, ଗରା, ବାଲ୍ଟି, ମାଠିଆ ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ମୁଖ୍ୟ ରାସ୍ତାରେ ପ୍ରାୟ ୩ଘଣ୍ଟା କାଳ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଥିଲା। ଖବର ପାଇ ଚମ୍ପାଦେଇପୁର ପଞ୍ଚାୟତ ସରପଞ୍ଚ ନରେନ୍ଦ୍ର ମାଝୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଗଣେଶ ସାହୁ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା। ସୂଚନା ଅନୁସାରେ ଚମ୍ପାଦେଇପୁର ପଞ୍ଚାୟତ ଅଧୀନରେ ଥିବା ହରିହରପୁର ଗ୍ରାମରେ ତିନିଟି ପଡ଼ାରେ ୧୪୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ହରିଜନପଡ଼ାରେ ୪୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ହରିହରପୁର ଗ୍ରାମରେ ଆଜିକୁ ୪ଦିନ ହେଲା ବିଦ୍ୟୁତ୍ ନଥିବା ହେତୁ ପାନୀୟ ଜଳ ସମସ୍ୟା ଦେଖା ଦେଇଥିବା ବେଳେ ପାଣି ଦୋକାନରୁ କିଣି ପିଉଥିବା କହୁଛନ୍ତି ପଡ଼ାବାସୀ। ପଡ଼ାରେ ଦୁଇଟି ନଳକୂପ ରହିଥିବା ବେଳେ ଗ୍ରୀଷ୍ମ ଋତୁରେ ପାଣି ନିଅଣ୍ଟ ହେଉଥିବା ବେଳେ ଦୁଇମାସ ହେବ ଖରାପ ହୋଇ ପଡ଼ିଛି। ପଞ୍ଚାୟତ ପକ୍ଷରୁ ପାଣି ଟ୍ୟାଙ୍କର ଦ୍ୱାରା ଜଳ ଯୋଗାଣ ପାଇଁ ବ୍ୟବସ୍ଥା ରହିଥିଲେ ମଧ୍ୟ ତାହାର ବ୍ୟବସ୍ଥା କାଯାଇନଥିବା ଯୋଗୁଁ ପଡ଼ାରେ ଘୋର ଜଳସଙ୍କଟ ଦେଖାଦେଇଛି। ପଞ୍ଚାୟତ ଠାରୁ ବ୍ଲକ ପର୍ଯ୍ୟନ୍ତ ଯାଇ ବାରମ୍ବାର ଗୁହାରୀ ଜଣାଇବା ପରେ ଏହାକୁ ନେଇ ବିଭିନ୍ନ ତ୍ରୁଟି ଦେଖାଉଛନ୍ତି। ବିଦ୍ୟୁତ୍ ବିଭାଗ କିମ୍ବା ପଞ୍ଚାୟତ ଓ ବ୍ଲକର କୌଣସି ଅଧିକାରୀ ଅଭିଯୋଗ ପାଇଁ ଫୋନ କଲେ ଫୋନ କଲ ଗ୍ରହଣ କରୁନାହାନ୍ତି। ବାରମ୍ବାର ଅଭିଯୋଗ ପରେ କେହି କର୍ଣ୍ଣପାତ ନକରିବାରୁ ସୋମବାର ହରିହରପୁର ହରିଜନପଡ଼ାର ସବିତା ହରିଜନ, ପ୍ରତିମା ହରିଜନ, ସସ୍ମିତା ହରିଜନ, କଳ୍ପନା ହରିଜନ, କୁନ୍ତୀ ହରିଜନ, ଚଞ୍ଚଳା ହରିଜନ, ସଂଯୁକ୍ତା ହରିଜନ ସମତେ ବହୁସଂଖ୍ୟାରେ ମହିଳାମାନେ ପାନୀୟ ଜଳ ସମସ୍ୟାକୁ ନେଇ ବିଶ୍ୱନାଥପୁର ଠାରୁ ଲାଞ୍ଜିଗଡ଼କୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାକୁ ସକାଳୁ ଅବରୋଧ କରିଥିଲେ। ଘଟଣାସ୍ଥଳରେ ବିଶ୍ୱନାଥପୁର ମଣ୍ଡଳ ସଭାପତି ତୁଳସୀ ମାଝୀ ପହଞ୍ଚି ମହିଳା ମାନଙ୍କୁ ବୁଝାସୁଝା କରିଥିଲେ। ଖବର ପାଇ ଚମ୍ପାଦେଇପୁର ସରପଞ୍ଚ ନରେନ୍ଦ୍ର ମାଝୀ, ଚମ୍ପାଦେଇପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ ଗଣେଶ ସାହୁ ପହଞ୍ଚି ଉକ୍ତ ପଡ଼ାକୁ ତିନିଚାରି ଘଣ୍ଟା ଭିତରେ ଟ୍ୟାଙ୍କର ଦ୍ୱାରା ପାଣି ଯୋଗାଇ ଦିଆଯିବା ସହିତ ବିଦ୍ୟୁତ୍ ସରବରାହ ପାଇଁ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀଙ୍କୁ ଯୋଗାଯୋଗ କରି ତୁରନ୍ତ ବିଦ୍ୟୁତ୍ ସଂଯୋଗ ପାଇଁ କହିଥିଲେ। ନଳକୂପ ତିଆରି ଗାଡି ଉପଲବ୍ଧ ନଥିବା ହେତୁ ଆଜି ସନ୍ଧ୍ୟା କିମ୍ବା ଆସନ୍ତାକାଲି ସୁଦ୍ଧା ନଳକୂପ ତିଆରି କରାଯିବ ବୋଲି ସରପଞ୍ଚ ଶ୍ରୀ ମାଝୀ ପ୍ରତିଶ୍ରୁତି ଦେବା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

# ଜନସମସ୍ୟାର ତ୍ୱରିତ୍ ସମାଧାନ ପାଇଁ ନିର୍ଦ୍ଦେଶ

**ନୂଆପଡ଼ା, ୧।୬(ସମିସ):** ନୂଆପଡ଼ା ଜିଲ୍ଲା ସଦର ମହକୁମାସ୍ଥିତ ସଦଭାବନା ସଭାଗୃହରେ ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଆମ୍ରିତପାଲ ସିଂଙ୍କ ଅଧ୍ୟକ୍ଷତାରେ ଯୁଗ୍ମଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।ଶିବିରରେ ୮୨ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ସେଥିମଧ୍ୟରୁ ୭୩ଟି ବ୍ୟକ୍ତିଗତ ଓ ୯ଟି ଗୋଷ୍ଠୀଗତ ଅଭିଯୋଗ ରହିଥିଲା। ଶିବିରରେ ଜିଲ୍ଲାପାଳ ପ୍ରତ୍ୟେକ ଅଭିଯୋଗର ଗୁରୁତ୍ୱ ଅନୁଧ୍ୟାନ କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ପଦକ୍ଷେପ ଗ୍ରହଣ କରି



ନିର୍ଦ୍ଧାରିତ ସମୟ ମଧ୍ୟରେ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।ସ୍ୱଚ୍ଛତା କ୍ଷେତ୍ରରେ ଉଲ୍ଲେଖନୀୟଅବଦାନ ପାଇଁ ବୁଏରବାଡ଼ି ଗ୍ରାମ ପଞ୍ଚାୟତର ମିତ୍ରଭାନୁ ରାଉତ, ଟାନୱଟ ଗ୍ରାମ ପଞ୍ଚାୟତର ଅନ୍ତରାମ ଶବର ଏବଂ ଆମାନରା ପଞ୍ଚାୟତର ଚେନ ସିଂ ବରିହଙ୍କୁ'ସ୍ୱଚ୍ଛତା ଦୂତ ସମ୍ମାନ' ପ୍ରଦାନ କରାଯାଇଥିଲା।ଶିବିର ଅବସରରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିବା ବେଳେ ଟାନୱଟ ଠାରେ ପଶୁ ସ୍ୱାସ୍ଥ୍ୟ ଶିବିର ମଧ୍ୟ ଅନୁଷ୍ଠିତ ହୋଇଥିଲା। ଜନ ଶୁଣାଣି ଅବସରରେ ଜିଲ୍ଲାପାଳ ସମସ୍ତ ବିଡିଓମାନଙ୍କୁ ପେନସନ ବଣ୍ଟନର ସ୍ଥିତି ନିୟମିତ ସମୀକ୍ଷା କରି ଯୋଗ୍ୟ ହିତାଧିକାରୀମାନେ ଯେପରି ଠିକ୍ ସମୟରେ ସୁବିଧା ପାଇପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ କହିଥିଲେ। ସେହିପରି ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ବିଭିନ୍ନ ସ୍ଥାନରେ ଅନଧିକୃତ ଧାନ ମହଜୁଦ ସମ୍ପର୍କରେ ଯାଞ୍ଚ କରି ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ।ଶିକ୍ଷା କ୍ଷେତ୍ରରେ ଡ୍ରପଆଉଟ ସମସ୍ୟାକୁ ଗୁରୁତ୍ୱ ଦେଇ ଜିଲ୍ଲାପାଳ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଆର୍ଥିକ କାରଣରୁ ପାଠପଢ଼ା ଛାଡ଼ିଥିବା ଯୁକ୍ତ ଦୁଇ ଛାତ୍ରଛାତ୍ରୀଙ୍କ ସର୍ଭେ କରିବା ସହ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଗ୍ରାମସଭା ମାଧ୍ୟମରେ ସଚେତନତା ଓ ସମାଧାନମୂଳକ ପଦକ୍ଷେପ ଗ୍ରହଣ କରିବାକୁ କହିଥିଲେ।ଶିବିରରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ, ବନଖଣ୍ଡ ଅଧିକାରୀ (ବନ୍ୟପ୍ରାଣୀ) ସମୀର କୁମାର ସାହୁ, ବନଖଣ୍ଡ ଅଧିକାରୀ (କେନ୍ଦୁପତ୍ର) ଏ. ମାଧବୀଲତା, ବନଖଣ୍ଡ ଅଧିକାରୀ (ପ୍ରାନ୍ତୀୟ) ଆଜିଜ ଖାନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଦ୍ୱାରିକାନାଥ ଶତପଥୀ, ନୂଆପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଜିଲ୍ଲା ପରିଷଦ ସଦସ୍ୟା ଉମା ଠାକୁର ପ୍ରମୁଖ ଉପସ୍ଥିତ ଥିଲେ।ଡେପୁଟି ଜିଲ୍ଲାପାଳ ଶେଖ ନସୀମ ଶିବିର ପରିଚାଳନାରେ ସହଯୋଗ କରିଥିବା ବେଳେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ, ଲାଇନ ବିଭାଗ ଅଧିକାରୀ, ବ୍ଲକସ୍ତରୀୟ କର୍ମଚାରୀ ଉପସ୍ଥିତ ଥିଲେ।

# ଭଙ୍ଗା ଘରେ ୮୬ ବର୍ଷୀୟା ବୃଦ୍ଧା କଳାବତୀ

**କୋକସରା, ୧।୬(ସମିସ):** ବୟସ ୮୬ ଛୁଇଁଲାଣି। ଆଖିକୁ ଠିକ୍ ଭାବେ ଦେଖାଯାଉନାହିଁ କି ଚାଲିବାକୁ ଗୋଡ଼ରେ ବଳ ନାହିଁ। ପାରାଲିସିସ୍ ଆକ୍ରାନ୍ତ ହେବା ପରେ ଏବେ ଜୀବନ୍ତ କଙ୍କାଳ। ଯେଉଁ ପୁଅ ବାର୍ଦ୍ଧକ୍ୟର ସାହାରା ହେବା କଥା, ସିଏ କୁଆଡ଼େ ଚାଲିଯାଇଛି କୌଣସି ଖବର ନାହିଁ। ନିଜେ ରାନ୍ଧିବାକୁ ଅକ୍ଷମ ହୋଇପଡ଼ିଥିବା ବେଳେ ପଡ଼ୋଶୀ ଆହା ପଦେ କହି ଦି'ମୁଠା ଦେଲେ



ପେଟକୁ ଦାନା ଗଣ୍ଡେ ଯାଉଛି, ନଚେତ୍ ଓଦା କନା ପେଟରେ ଦେଇ ରାତି କଟିଯାଉଛି। ଏଭଳି ଅତି ଦୟନୀୟ ଓ ନିରାଶ୍ରୟ ଜୀବନ ବିତାଉଛନ୍ତି କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ଗ୍ରାମର ବୃଦ୍ଧା କଳାବତୀ ବେଓ୍ୱା। ସରକାରୀ ସହାୟତା କହିଲେ କଳାବତୀଙ୍କୁ ମିଳୁଛି ମାତ୍ର ୫ କେଜି ରାସନ ଚାଉଳ ଏବଂ ମାସିକ ହଜାର ଟଙ୍କାର ବିଧବା ଭତ୍ତା। କଳାବତୀ ରହୁଥିବା ଘରର ଅବସ୍ଥା ଅତି ଶୋଚନୀୟ। ବର୍ଷ ବର୍ଷର ପୁରୁଣା ଭଙ୍ଗା ଦଦରା ଘର, ଯେଉଁଠି ଦିନରେ ସୂର୍ଯ୍ୟଙ୍କ କିରଣ ଗଳୁଛି ତ' ରାତିରେ ଘର ଭିତରୁ ସିଧା ଚନ୍ଦ୍ର ଦେଖାଯାଉଛି। କେତେବେଳେ ଯେ' ଏହି ଅଧାଭଙ୍ଗା କାନ୍ଥ ଭୁଶୁଡ଼ି ପଡ଼ିବ କହି ହେବନି। ସରକାର ଗରିବଙ୍କ ପାଇଁ ଅନ୍ତ୍ୟୋଦୟ ଗୃହ ଯୋଜନା କରୁଥିବା ବେଳେ କଳାବତୀଙ୍କ ଭଳି ଜଣେ ପ୍ରକୃତ ହିତାଧିକାରୀଙ୍କ ପାଖରେ ଆଜି ପର୍ଯ୍ୟନ୍ତ ପହଞ୍ଚିପାରି ନାହିଁ। ତାଙ୍କୁ ତୁରନ୍ତ ସରକାରୀ ଘର ଯୋଗାଇ ଦେବାକୁ ବିଭିନ୍ନ ମହଲରୁ ପ୍ରଶାସନ ନିକଟରେ ଦାବି କରିଛନ୍ତି। ସରକାର ଓ ପ୍ରଶାସନ ମୋ ଗୁହାରି ଟିକେ ଶୁଣନ୍ତୁ ବୋଲି 'ସକାଳ' ଆଗରେ ଅଶ୍ରୁଳ ନୟନରେ ନିଜ ଦୁଃଖ ବଖାଣିଛନ୍ତି କଳାବତୀ।କୋକସରା ବିଡ଼ିଓ ଡ଼ଃ ହିମାଞ୍ଚଳ ମାଝୀଙ୍କ ପ୍ରତିକ୍ରିୟା ନେବାରୁ କଣ ହୋଇଛି ତଦନ୍ତ କରିବା ବୋଲି କହିଛନ୍ତି।

# ଓଲଟିଲା କୋଇଲା ବୋଝେଇ ଟ୍ରକ୍

**ଲାଞ୍ଜିଗଡ଼, ୧।୬(ସମିସ):** କଳାହାଣ୍ଡି ଜିଲ୍ଲା ଭବାନିପାଟଣା ଠାରୁ ବିଶାଖାପାଟଣାକୁ ସଂଯୋଗ କରୁଥିବା ୬ ନମ୍ବର ରାଜ୍ୟ ରାଜପଥର ସିକେରକୁପା ଛକ ବୁଲାଣିରେ ସୋମବାର କୋଇଲା ବୋଝେଇ ଟ୍ରକ ସିଜି-୦୪- ପିଡି-୪୩୧୨ ନମ୍ବର ବିଶିଷ୍ଟ ବିଶାଖାପାଟଣାରୁ କୋଇଲା ବୋଝେଇ କରି ରାୟଗଡ଼ା



ଅଭିମୁଖେ ଯାଉଥିବା ବେଳେ ସିକେରକୁପା ଛକ ବୁଲାଣିରେ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଛି। ଫଳରେ ଚାଳକ ଆହତ ହୋଇ ଅଳ୍ପକେ ବର୍ତ୍ତିଛନ୍ତି। ଖବର ପାଇ ସିକେରକୁପା ଫାଣ୍ଡି ଅଧିକାରୀ ମୂରଲୀ ମୋହନ ପିଡିକା ଘଟଣା ସ୍ଥଳରେ ପହଞ୍ଚି ଚାଳକକୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିବା ଜଣାପଡ଼ିଛି। ଏହି ରାଜ୍ୟ ରାଜପଥରେ ଦିନ ପ୍ରତିଦିନ ଦୁର୍ଘଟଣା ଘଟୁଥିବାରୁ ଯାତାୟତ ପାଇଁ ଲୋକେ ଭୟ କରୁଛନ୍ତି।

# ବିଶ୍ୱବିଦ୍ୟାଳୟ ସ୍ନାତକ ପରୀକ୍ଷାରେ ଛାତ୍ରୀଙ୍କ ସଫଳତା

**ଭବାନୀପାଟଣା, ୧।୬ (ସମିସ):** ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ସ୍ନାତକ ପରୀକ୍ଷାରେ ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ବିଭିନ୍ନ ବିଭାଗରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି। ଇତିହାସ ବିଭାଗ ଛାତ୍ରୀ ପ୍ରତ୍ୟାଶା ପ୍ରିୟଦର୍ଶିନୀ ସାହୁ ୮.୭୪%, ଗୃହ ବିଜ୍ଞାନ ବିଭାଗର ଅଙ୍କିତା ବେହେରା ୮.୩୭%, ମନୋବିଜ୍ଞାନ ବିଭାଗ



ଛାତ୍ରୀ, ସୁଭଦ୍ରା ଗୋପାଳ ୭.୩୬% ଓ ସମାଜ ଶାସ୍ତ୍ରର ଚୁମକୀ ଛତ୍ରିଆ ୮.୬୧% ମାର୍କ ରଖି ଶ୍ରେଷ୍ଠ ସ୍ନାତକ ହୋଇ ମହାବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି।ଏହି ସଫଳତା ପାଇଁ ମହାବିଦ୍ୟାଳୟ ଓ ଛାତ୍ରୀମାନଙ୍କୁ ଅନେକ ଶୁଭେଚ୍ଛା ଆସିବା ସହିତ ଅଭିଭାବକ ମହଲରେ ଖୁସିର ଲହରୀ ଖେଳିଯାଇଛି। ଏହାର ସମସ୍ତ ଶ୍ରେୟ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ତ୍ରିଲୋଚନ ଜେନା ଓ ସମସ୍ତ ଅଧ୍ୟାପକ, ଅଧ୍ୟାପିକାଙ୍କୁ ଦେବା ସହିତ ଅନେକ ଛାତ୍ରୀଙ୍କୁ ପ୍ରେରଣା ଯୋଗାଇଛି।

## ସାଲିସବିହୀନ ଭାବମୂର୍ତ୍ତିର ଦାବାନଳ ପରଶୁରାମ

# ସାହିତ୍ୟିକ ପରଶୁରାମ ମୁଣ୍ଡ ବକ୍ତୃତାମାଳା




**ଭବାନୀପାଟଣା, ୧।୬ (ସମିସ):** ସାରସ୍ୱତ ସୃଷ୍ଟି ପାଖରେ ସମ୍ପର୍କ-ସ୍ୱାର୍ଥ-ସମୟାଦିର କୌଣସି ମୂଲ୍ୟ ନ ଥିବାରୁ ତାହା ଉତ୍ତର ପିଢ଼ି ପାଇଁ ମୂଲ୍ୟବୋଧର ରୂପ ନେଇଥାଏ। ଏହାର ଏକ ଦୃଷ୍ଟାନ୍ତ ହେଉଛନ୍ତି ସାହିତ୍ୟିକ ପରଶୁରାମ ମୁଣ୍ଡ ବୋଲି ସର୍ବଶ୍ରୀ ସବାଖିଆ ସାହିତ୍ୟ ସଂସଦ ତରଫରୁ ଧାରାବାହିକ ୨୩୨ ସଂଖ୍ୟକ ସାରସ୍ୱତ ଆସରକ୍ରମରେ ଆୟୋଜିତ ଜିଲ୍ଲାସ୍ତରୀୟ ତର୍ପଣ କାର୍ଯ୍ୟକ୍ରମ-ସାହିତ୍ୟିକ ପରଶୁରାମ ବକ୍ତୃତାମାଳା ପାଳନ ଅବସରରେ ମତ ପ୍ରକାଶ ପାଇଛି। ଭବାନୀପାଟଣାସ୍ଥିତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପରିସରରେ ଅନୁଷ୍ଠିତ ପୂଜ୍ୟପୂଜା କାର୍ଯ୍ୟକ୍ରମରେ ଅଧ୍ୟାପକ ତଥା ଗବେଷକ ପରମେଶ୍ୱର ମୁଣ୍ଡ ଅତିଥି ବକ୍ତା ଭାବେ ଯୋଗ ଦେଇଥିଲେ। ସଂସଦର ବରିଷ୍ଠ ସଦସ୍ୟ କବି ସ୍ୱର୍ଣ୍ଣକାନ୍ତି ବୈକାର ପୌରୋହିତ୍ୟ କରିଥିବା ବେଳେ ସମାଜସେବୀ ଶୁଭଲକ୍ଷ୍ମୀ ନାୟକ ଉଦ୍‌ଘାଟନ କରିଥିଲେ।ସାହିତ୍ୟିକ ପରଶୁରାମ ମୁଣ୍ଡ ଷାଠିଏ ଦଶକ ବେଳର ଅନ୍ୟାୟ-ଶୋଷଣ -ଅତ୍ୟାଚାର-ଅବ୍ୟବସ୍ଥା ଉପରେ ନିର୍ଭୀକ ଭାବେ ଶାଣିତ ଶବ୍ଦଦେଇ ଲେଖନୀ ଚାଳନା କରି ତତ୍କାଳୀକ ଶାସକ ଓ ଶାସନକୁ ଦୋହଲାଇ ଦେଉଥିଲେ। ମୂଲିଆ ପିଲା, ବସୁନ୍ଧରାର ମାଟି, ମିଗନିନା, ମକେ ସତେ କେଁ ହେତାସ, ମଦନ ଘୋଗି, ଶତାଧିକ ଘୁମୁରା ଗୀତ ଆଦି ତାଙ୍କରି ବହୁ ଚର୍ଚ୍ଚିତ ସୃଷ୍ଟି। ତାଙ୍କ ସମ୍ପାଦିତ ଓ ପ୍ରକାଶିତ 'ଦାବାନଳ' ପତ୍ରିକା ଦୁର୍ନୀତିଖୋର ଓ ବ୍ୟବସ୍ଥା ପ୍ରତି ତୀର୍ଯ୍ୟକ ପ୍ରହାର ସକାଶେ ଚହଳ ସୃଷ୍ଟି କରିଥିଲା। ଭବାନୀପାଟଣା ପୌର ପରିଷଦର ପ୍ରଥମ ଅଧ୍ୟକ୍ଷ ହେବା ସହ ଜଣେ ସଫଳ ରାଜନେତା, ଦକ୍ଷ ଶିକ୍ଷକ, ଚତୁର ସଂଗଠକ ଭାବେ ସେ ସୁନାମ ଅର୍ଜନ କରିଥିଲେ। ଏଭଳି ଜଣେ ବହୁମୁଖୀ ପ୍ରତିଭାଙ୍କୁ ପ୍ରଶାସନ ଭୁଲିଯିବା ସମାଜ ପାଇଁ ମଙ୍ଗଳକର ନୁହଁ ବୋଲି ଲେଖକଗଣ ଦୁଃଖ ପ୍ରକାଶ କରିଥିଲେ। ଶ୍ରୀଜଗନ୍ନାଥ ସଙ୍ଗୀତ କଳା ବିଦ୍ୟାଳୟର କଣ୍ଠଶିଳ୍ପୀ ଆଶୁତୋଷ ମିଶ୍ର ପ୍ରାରମ୍ଭିକ ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ସାହିତ୍ୟିକ ଅଶୋକ କୁମାର ଖମାରୀ, ଆନନ୍ଦିନୀ ପାତ୍ର, ସବିତା ଶତପଥୀ, ତିଳକରାମ ନିଆଲ, ଦୀପ୍ତି ମୁଣ୍ଡ, ସାଗର ବୈଠାରୁ, ମକୁନ୍ଦ ନାଏକ, ସଞ୍ଜୀବ କୁମାର ପଣ୍ଡା, କିଶୋର ମହାନନ୍ଦ, ଭାଗିରଥି ବେହେରା, ଆଶିଷ ମହାପାତ୍ର, ବାଲ୍ମୀକି କରୁଆଁ, ହିତେଶ ମାଝୀ ପ୍ରମୁଖ ବହୁ ଲେଖକ ଯୋଗଦେଇଥିଲେ। ସଂସଦ ସମ୍ପାଦକ ବିରଞ୍ଚି ନାରାୟଣ ମୁଣ୍ଡ, ଚିତ୍ତ ରଞ୍ଜନ କର, ଲୋକନାଥ ମାଝୀ ଓ ଉଦିତ ପାନ ସହଯୋଗ କରିଥିବାବେଳେ ଯୁବ ପ୍ରତିଭା ପ୍ରତାପ ଚନ୍ଦ୍ର ପଣ୍ଡା ମଞ୍ଚ ପରିଚାଳନା ଓ ଯୁବକବି ଆଶୁତୋଷ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ■ ଜଙ୍ଗଲ ରାସ୍ତାରେ ମୃତଦେହ ସହ ବୃଦ୍ଧାଙ୍କୁ ଛାଡ଼ି ଗାଡ଼ି ଚାଳକ ପଳାଇଲା

# ବିଧାୟକଙ୍କ ଚେଷ୍ଟାରେ ଘରକୁ ପଠାଗଲା ମୃତଦେହ

**ଥୁଆମୂଳରାମପୁର, ୧।୬(ସମିସ)**

ସମାଜରୁ ଧୀରେ ଧୀରେ ମାନବିକତା ହଜିଯାଉଥିବାର ଆଉ ଏକ ହୃଦୟବିଦାରକ ଚିତ୍ର କଳାହାଣ୍ଡି ଜିଲ୍ଲାର ଥୁଆମୂଳରାମପୁର ଅଞ୍ଚଳରୁ ସାମ୍ନାକୁ ଆସିଛି। ଥୁଆମୂଳରାମପୁର-ଭବାନୀପାଟଣା ରାସ୍ତାର କିଆପଦର ଛକ ନିକଟସ୍ଥ ତେନ୍ତୁଳିପଦର ଜଙ୍ଗଲ ଅଞ୍ଚଳରେ ଜଣେ ରୋଗୀଙ୍କ ମୃତ୍ୟୁ ପରେ ବୋଲେରୋ ଚାଳକ ମୃତଦେହ ସହ ତାଙ୍କ ବୃଦ୍ଧା ସ୍ତ୍ରୀ ଓ ସମ୍ପର୍କୀୟଙ୍କୁ ନିଛାଟିଆ ଜଙ୍ଗଲରେ ଛାଡ଼ି ଚାଲିଯାଇଥିବା ଘଟଣା ସାଧାରଣରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ବଡ଼ଛତ୍ରଙ୍ଗ ଗ୍ରାମର ବୃନ୍ଦାବନ ସାହୁ (୫୮) ଗୁରୁତର ଅସୁସ୍ଥ ହୋଇ କଳାହାଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଡାକ୍ତରମାନେ ତାଙ୍କୁ ବୁର୍ଲା ରେଫର କରିଥିଲେ ମଧ୍ୟ ଆର୍ଥିକ ଅନଟନ ଯୋଗୁଁ



ପରିବାର ଲୋକେ ତାଙ୍କୁ ଭଡ଼ା ବୋଲେରୋ ଯୋଗେ ଘରକୁ ଫେରାଇ ଆଣୁଥିଲେ। ତେବେ ରାସ୍ତାରେ ତେନ୍ତୁଳିପଦର ନିକଟ ଜଙ୍ଗଲ ଅଞ୍ଚଳରେ ବୃନ୍ଦାବନଙ୍କ ମୃତ୍ୟୁ ଘଟିଥିଲା। ମୃତ୍ୟୁ ଘଟିବା ପରେ ବୋଲେରୋ ଚାଳକ ସାମାନ୍ୟ ମାନବିକତା ନ ଦେଖାଇ ମୃତଦେହ ସହ ବୃଦ୍ଧା ସ୍ତ୍ରୀ ଓ ପରିବାର ଲୋକଙ୍କୁ ଜଙ୍ଗଲ ମଧ୍ୟରେ ଓହ୍ଲାଇ ଦେଇ ଚାଲିଯାଇଥିବା ଅଭିଯୋଗ ହୋଇଛି। ନିର୍ଜନ ଜଙ୍ଗଲରେ ସ୍ୱାମୀଙ୍କ ମୃତଦେହ ପାଖରେ ଅସହାୟ ଭାବେ ବସି ରହିଥିବା ବୃଦ୍ଧାଙ୍କ ଦୃଶ୍ୟ ଏକଦା ସାରା ଦେଶକୁ ଆନ୍ଦୋଳିତ କରିଥିବା 'ଦାନ ମାଝୀ' ଘଟଣାର ସ୍ମୃତିକୁ ପୁଣି ଥରେ ଉଜାଗର କରିଛି। ଘଟଣା ସମ୍ପର୍କରେ ଖବର ପାଇ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦୀସାରୀ ତୁରନ୍ତ ବ୍ଲକ ପ୍ରତିନିଧି ମାଣିକ୍ୟ ଚନ୍ଦ୍ର ନାଏକଙ୍କ ସହ ଯୋଗାଯୋଗ କରି ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ବିଧାୟକଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ବିଜେଡି ନେତା ଭୀମସେନ ସୁନାନି, ନରେନ୍ଦ୍ର ବିଭାର ଓ ପଞ୍ଚାୟତ ସଭାପତି କାମେଶ୍ୱର ନାଏକ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ନୂତନ ବସ୍ତ୍ରରେ ଆଚ୍ଛାଦିତ କରିବା ସହ ପରିବାର ଲୋକଙ୍କୁ ଆଶ୍ୱାସନା ଦେଇଥିଲେ। ପରେ ଥୁଆମୂଳରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ଓ ଫାର୍ମାସିଷ୍ଟଙ୍କ ତତ୍ପରତାରେ ସରକାରୀ 'ମହାପ୍ରୟାଣ' ଗାଡ଼ି ଯୋଗେ ମୃତଦେହକୁ ସମ୍ମାନର ସହ ବଡ଼ଛତ୍ରଙ୍ଗ ଗ୍ରାମକୁ ପଠାଯାଇଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ, ସମାଜସେବୀ ଓ ସାଧାରଣ ଲୋକ ତୀବ୍ର ନିନ୍ଦା ପ୍ରକାଶ କରିଛନ୍ତି।

THE SAKALA

# ସମ୍ପାଦକୀୟ



ଅତୀତର ଅଭିଜ୍ଞତାକୁ ପାଥେୟ କରି ତଥା ଭବିଷ୍ୟତର ଆଶା ନେଇ, ଆଜିର ଜୀବନ ବଂଚିବା ଶିଖ!
-ଆଲବର୍ଟ ଆଇନଷ୍ଟାଇନ

## ଏକ ଯଥାର୍ଥ ଆନ୍ଦୋଳନ

ଐତିହାସିକ ଓ ପୌରାଣିକ ଗୁରୁତ୍ୱ ବହନ କରୁଥିବା ଦକ୍ଷିଣ ଓଡ଼ିଶାର ମହେନ୍ଦ୍ରଗିରି ପର୍ବତର ପ୍ରାକୃତିକ ସୁରକ୍ଷା ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ଉଦ୍ୟମ ପ୍ରଶଂସନୀୟ। ଇକୋ ଟୁରିଜିମ୍ ଓ ରାମାୟଣ କରିଡର ଆଳରେ ବିରଳ ଖଣିଜ ଓ ଜୈବ ବିବିଧତାପୂର୍ଣ୍ଣ ମହେନ୍ଦ୍ରଗିରିକୁ ଯେଭଳି ବିପଦ ମୁହଁକୁ ଠେଲି ଦିଆଯାଇଛି ସେହ ଧାରା ଜାରି ରହିଲେ ଖୁବ୍‌ଶୀଘ୍ର କେରଳର ୱାଇନାଡ୍ ଭଳି ସ୍ଥିତି ଓଡ଼ିଶାରେ ସୃଷ୍ଟି ହେବ ଏବଂ ପୃଥିବୀ ପୃଷ୍ଠରୁ ଏକ ଜୈବ ବିବିଧତାପୂର୍ଣ୍ଣ ଅଞ୍ଚଳ ଖୁବ୍‌ଶୀଘ୍ର ବିଲୁପ୍ତ ହୋଇଯିବ ବୋଲି ବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି। ଏହି ପୃଷ୍ଠଭୂମିରେ ଏହି ସ୍ଥାନୀୟ ଜନ ଆନ୍ଦୋଳନ ଅନେକ ଗୁରୁତ୍ୱ ବହନ କରେ।

ବିରଳ ଜୈବବିବିଧତାରେ ପରିପୂର୍ଣ୍ଣ ଏବଂ ଐତିହାସିକ ଓ ପୌରାଣିକ ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ ଗଜପତି ଜିଲ୍ଲାର ପ୍ରସିଦ୍ଧ ମହେନ୍ଦ୍ରଗିରିକୁ ସଂରକ୍ଷିତ ଜୈବ ମଣ୍ଡଳ ମାନ୍ୟତା ପାଇଁ ବହୁଦିନରୁ ଦାବି ହୋଇ ଆସୁଛି। ସମସ୍ତ ଐତିହାସିକ, ବୈଜ୍ଞାନିକ ଓ ଭୌଗୋଳିକ ତଥ୍ୟ ପ୍ରମାଣ ସତ୍ତ୍ୱେ ଏହି ମାନ୍ୟତା ପାଇବାରେ ଓଡ଼ିଶା ଗତାନୁଗତିକ ଐତିହାସିକ ଅବହେଳାର ଶିକାର ହୋଇଛି। ସଂରକ୍ଷିତ ଜୈବମଣ୍ଡଳ ମାନ୍ୟତା ମିଳିଲେ ଏହି ଅଞ୍ଚଳର ଜୈବବିବିଧତା, ଐତିହ୍ୟ, କୀର୍ତ୍ତିରାଜୀ, ମୌଳିକ ସଂସ୍କୃତିର ସୁରକ୍ଷା ହୋଇପାରିବ। ମାନ୍ୟତା ଦୂରେ ଥାଉ ଏବେ ମହେନ୍ଦ୍ରଗିରିକୁ ପର୍ଯ୍ୟଟନ ଅର୍ଥନୀତିର ଏକ ଅଂଶ କରିବା ପାଇଁ ବିଧିବଦ୍ଧ ଷଡ଼ଯନ୍ତ୍ର ଆରମ୍ଭ ହୋଇସାରିଛି, ଯାହାଫଳରେ ଏହାର ଜୈବବିବିଧତା ପ୍ରତି ଗୁରୁତର ବିପଦ ସୃଷ୍ଟି ହୋଇଛି। ପ୍ରାପ୍ତ ସୂଚନା ଅନୁଯାୟୀ ମହେନ୍ଦ୍ରଗିରିରେ ପୁରାଣ ପ୍ରସିଦ୍ଧ ପର୍ଶୁରାମ ମନ୍ଦିରକୁ ଭାଙ୍ଗି ଏକ ଭବ୍ୟମନ୍ଦିର ନିର୍ମାଣ କରିବା ଲାଗି ଯୋଜନା ଚୂଡ଼ାନ୍ତ ହୋଇ ପ୍ରସ୍ତୁତି ଆରମ୍ଭ ହୋଇଛି। 'ମହେନ୍ଦ୍ରଗିରି ପରିକ୍ରମା ପ୍ରକଳ୍ପ' ନାମରେ ଯୁଧିଷ୍ଠିର ମନ୍ଦିରଠାରୁ ଦାରୁବ୍ରହ୍ମ ପର୍ଯ୍ୟନ୍ତ ସ୍ଥାନକୁ ଚିହ୍ନଟ କରାଯାଇଛି। ଆହୁରି ଉଦ୍‌ବେଗଜନକ ସୂଚନା ହେଲା ମହେନ୍ଦ୍ରଗିରି ସଂରକ୍ଷିତ ଜଙ୍ଗଲର ୦.୯ ହେକ୍ଟର ଜମିକୁ ଏହି ପ୍ରକଳ୍ପ ଲାଗି କିସମ ପରିବର୍ତ୍ତନ କରାଯାଇ ଜିଲ୍ଲା ରାଜସ୍ୱ ପ୍ରଶାସନକୁ ହସ୍ତାନ୍ତର କରାଯାଇଛି। ପେସା ଆଇନ ଅନୁଯାୟୀ ପଲ୍ଲୀସଭା କିମ୍ବା ଗ୍ରାମସଭାର ବିନା ଅନୁମୋଦନରେ କୌଣସି ଜଙ୍ଗଲ ଜମିର କିସମ ପରିବର୍ତ୍ତନ କରାଯାଇପାରିବ ନାହିଁ। ଜଙ୍ଗଲ ଅଧିକାର ଆଇନ-୨୦୦୬ର ମଧ୍ୟ ଏହା ବିରୁଦ୍ଧାଚରଣ କରୁଛି। କିନ୍ତୁ କିସମ ପରିବର୍ତ୍ତନ ବେଳେ ଗ୍ରାମସଭାକୁ ଅନ୍ଧାରରେ ରଖାଯାଇଥିବାର ଅଭିଯୋଗ ହୋଇଛି। କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ରାମାୟଣ ଚକ୍ରାକାର ଭ୍ରମଣ ମାର୍ଗରେ ଚିହ୍ନିତ ହୋଇଥିବା ୧୫ଟି ତୀର୍ଥ ସ୍ଥାନ ମଧ୍ୟରେ ମହେନ୍ଦ୍ରଗିରିକୁ ସ୍ଥାନିତ କରିଛନ୍ତି। ଏହିକ୍ରମରେ ସେଠାରେ ପର୍ଯ୍ୟଟନଶିଳ୍ପର ବ୍ୟାପକ ବିକାଶ ପାଇଁ ବହୁମୁଖୀ ଯୋଜନା ହାତକୁ ନିଆଯାଇଛି। ଭାରତର ପର୍ଯ୍ୟଟନ ଶିଳ୍ପରେ ଓଡ଼ିଶାର ଆଉ ଏକ ଐତିହ୍ୟ ସ୍ଥାନ ପାଇବା ଗୌରବର ବିଷୟ। କିନ୍ତୁ ଅର୍ଥନୀତି ପାଇଁ ପରିବେଶକୁ ଯଦି ବଳି ପକାଯାଏ ତେବେ ପରିସ୍ଥିତି କ'ଣ ହେବ ତାହା କେରଳର ୱାଇନାଡ଼ ଏବଂ ଉତ୍ତରାଖଣ୍ଡର ଉତ୍ତରକାଶୀ, ଯୋଶୀମଠ, କେଦାରନାଥ ପାର୍ବତ୍ୟାଞ୍ଚଳର ଦୁର୍ବିପାକ ଆମକୁ ବାରମ୍ବାର ଚେତାଇ ଦେଇଛି।

ଜୈବବିବିଧତା ଆଇନ ୨୦୦୨ର ଧାରା ୩୭ ଅନୁସାରେ ରାଜ୍ୟ ସରକାର ୨୦୨୨ ମସିହା ନଭେମ୍ବର ମାସରେ ମହେନ୍ଦ୍ରଗିରିକୁ ଜୈବବିବିଧତା ଐତିହ୍ୟସ୍ଥଳୀ ଭାବେ ଘୋଷଣା କରିଛନ୍ତି। ଅର୍ଥାତ୍ ମହେନ୍ଦ୍ରଗିରିର ପାରିବେଶିକ ପରିସଂସ୍ଥା ଯେ ବିପଦାପନ୍ନ ତାହା ପରୋକ୍ଷରେ ସ୍ୱୀକାର କରାଯାଇଛି। ଅପରପକ୍ଷରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଏବେ ସେଠାରେ ଅନେକ କୁଟୀର, ଶିବିର, ଆଶ୍ରୟସ୍ଥଳ ନିର୍ମାଣ ହୋଇସାରିଲାଣି। ପ୍ରାକୃତିକ ଜଙ୍ଗଲ ଅପସାରଣ, କାଠ ଚୋରାଚାଲାଣ, ମାତ୍ରାଧିକ ଲଘୁ ବନ ସମ୍ପଦ ସଂଗ୍ରହ, ପଥର କଟା ଆଦି କାରଣରୁ ମହେନ୍ଦ୍ରଗିରି ପାର୍ବତ୍ୟାଞ୍ଚଳରେ ମୃତ୍ତିକା କ୍ଷରଣ ସହିତ ପ୍ରାକୃତିକ ପରିବେଶର ଅବକ୍ଷୟ କ୍ଷିପ୍ର ହେଉଛି। ମହେନ୍ଦ୍ରତନୟା ନଦୀ ଓ ଏକାଧିକ ଝରଣାର ଜଳଧାର ଶୁଖିଯିବା ସହିତ ଭୂତଳ ଜଳସ୍ତର ନିମ୍ନଗାମୀ ହେଉଥିବା ଭୂବିଜ୍ଞାନୀମାନେ ଆଶଙ୍କା ପ୍ରକଟ କରିଛନ୍ତି। ଅବସ୍ଥା ଏପରି ହେଲାଣି ଯେ ଯେଉଁ ଅଞ୍ଚଳ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ଏକ ବିକ୍ଷିପ୍ତ ଅଞ୍ଚଳକୁ ଜଳ ଯୋଗାଇ ଆସୁଥିଲା ସେହି ଅଞ୍ଚଳର ଅଧିବାସୀ ଏବେ ପିଇବା ପାଣି ସଂଗ୍ରହ କରିବା ପାଇଁ କୋଶକୋଶ ବାଟ ଚାଲିବାକୁ ପଡୁଛି। ତିତିଲି ଏବଂ ପରବର୍ତ୍ତୀ ସମୟରେ ଘଟିଥିବା ପ୍ରାକୃତିକ ବିପର୍ଯ୍ୟୟ ଏହାର ପ୍ରାକୃତିକ ପରିବେଶକୁ ବହୁଗୁଣରେ ବିନଷ୍ଟ କରିଚାଲିଛି।

ରାଜ୍ୟ ସରକାରଙ୍କ ଇକୋ ଟୁରିଜିମ୍‌ର ବିକାଶ ଫଳରେ ଏବେ ସେଠାରେ ରାଜ୍ୟସ୍ତରୀୟ ମହୋତ୍ସବମାନ ନିୟମିତ ଆୟୋଜିତ ହେଉଛି। ଧନାଢ଼୍ୟଙ୍କ ମନୋରଞ୍ଜନ ଓ ପ୍ରମୋଦ କିନ୍ତୁ ମହେନ୍ଦ୍ରଗିରିର ପ୍ରାକୃତିକ ଅବସ୍ଥିତି ପ୍ରତି ବିପଦ ସୃଷ୍ଟି କରୁଛି। ଏହାର ପ୍ରତିରୋଧ ଓ ମହେନ୍ଦ୍ରଗିରିର ସୁରକ୍ଷା ସ୍ଥାନୀୟ ଜନଜାତିଙ୍କ ସହଯୋଗ ବିନା ସମ୍ଭବ ନୁହେଁ। ଓଡ଼ିଶାର ସୌଭାଗ୍ୟ ଯେ ବିଳମ୍ବରେ ହେଲେ ମଧ୍ୟ ସ୍ଥାନୀୟ ଜନଜାତି ଏ ସମ୍ପର୍କରେ ଚେତିଛନ୍ତି ଏବଂ ଆନ୍ଦୋଳନ ଆରମ୍ଭ କରିଛନ୍ତି। ମହେନ୍ଦ୍ରଗିରିରେ ଶିଖରରେ ଚାଲିଥିବା ଅନୈତିକ ଖନନ, ନିର୍ମାଣ କାର୍ଯ୍ୟ, ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ନିୟମର ଖୋଲାଖୋଲି ଉଲ୍ଲଂଘନ ସହ ବନ ବିଭାଗର ମନମୁଖି କାର୍ଯ୍ୟକଳାପ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଛନ୍ତି। ଏଥିସହିତ ଜୁନ୍ ୧ରୁ ୯ ପର୍ଯ୍ୟନ୍ତ ହେବାକୁ ଥିବା 'ମହେନ୍ଦ୍ର ମେଳା'କୁ ବିରୋଧ କରିଛନ୍ତି। ମହେନ୍ଦ୍ରଗିରି ଅଞ୍ଚଳର ଆଦିବାସୀ ସମ୍ପ୍ରଦାୟ, ମହେନ୍ଦ୍ରଗିରି ପୂଜା କମିଟି (ବାରଘର)ର ପୁରୋହିତ ସଦସ୍ୟ ଏବଂ ବିଶ୍ୱାବସୁ ଶବର ସଂସ୍କୃତି ସୁରକ୍ଷା ମଞ୍ଚର ଶତାଧିକ ମହିଳା ଓ ପୁରୁଷ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ୧୩ ଦଫା ସମ୍ବଳିତ ଏକ ସ୍ମାରକପତ୍ର ଜିଲ୍ଲା ପ୍ରଶାସନକୁ ପ୍ରଦାନ କରି କହିଛନ୍ତି ଯେ ମହେନ୍ଦ୍ରଗିରି କେବଳ ଏକ ପାହାଡ଼ ନୁହେଁ, ଏହା ଅନାଦି କାଳରୁ ଆଦିବାସୀ ସମ୍ପ୍ରଦାୟର ବିଶ୍ୱାସ, ପ୍ରାଚୀନ ଐତିହ୍ୟ, ସଂସ୍କୃତି, ପରମ୍ପରା, ବଂଶ ପ୍ରଥା, ସାମାଜିକ ପ୍ରଥା ଏବଂ ଆଧ୍ୟାତ୍ମିକ ପରିଚୟ ସହିତ ଗଭୀର ଭାବରେ ଜଡ଼ିତ। ଅଥଚ ଏବେ ବିଭିନ୍ନ ମାଫିଆ, ଦଲାଲ ଏବଂ ରାଜନୈତିକ ପ୍ରଭାବଶାଳୀ ବ୍ୟକ୍ତି ଆଦିବାସୀଙ୍କୁ ସେମାନଙ୍କ ପୈତୃକ ଘରୁ ବଳପୂର୍ବକ ବିସ୍ଥାପିତ କରୁଛନ୍ତି ଏବଂ ସେମାନଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରିବାକୁ ଷଡ଼ଯନ୍ତ୍ର କରୁଛନ୍ତି। ଏଣୁ ତୁରନ୍ତ ଏହାର ପ୍ରତିକାର ପାଇଁ ସେମାନେ ଦାବି କରିଛନ୍ତି।

ମହେନ୍ଦ୍ରଗିରିର ବିରଳ ପ୍ରାକୃତିକ ସମ୍ପଦ ଜମି ମାଫିଆ ଓ ଲାଭଖୋର ଶିଳ୍ପପତିଙ୍କ ହାତକୁ ଚାଲିଯିବା ପୂର୍ବରୁ ସ୍ଥାନୀୟ ଜନଜାତିଙ୍କ ଆନ୍ଦୋଳନ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ଓ ସମୟୋପଯୋଗୀ। ଆଦିବାସୀଙ୍କ ଏହି ଦାବିକୁ ଅଣଦେଖା କଲେ ହୁଏତ ପୁଣି ଏକ 'ଚିପ୍‌କୋ ଆନ୍ଦୋଳନ' କିମ୍ବା 'ହିମାଳୟ ପରିବେଶ ବଞ୍ଚାଅ ଆନ୍ଦୋଳନ' ଭଳି 'ମହେନ୍ଦ୍ରଗିରି ବଞ୍ଚାଅ ଆନ୍ଦୋଳନ' ଜନ୍ମ ନେଇପାରେ। ପର୍ଯ୍ୟଟନ ଶିଳ୍ପ ସ୍ୱାଗତଯୋଗ୍ୟ। କିନ୍ତୁ ତା'ପାଇଁ ଜୈବବିବିଧତାର ମୌଳିକତା କୌଣସି ମୂଲ୍ୟରେ କ୍ଷୁଣ୍ଣ ହେବା ଅନୁଚିତ। ଏଥିସହିତ ଐତିହ୍ୟର ପ୍ରାଚୀନତା ମଧ୍ୟ ଅକ୍ଷୁଣ୍ଣ ରହିବା ବିଧେୟ।

# ସ୍ୱାଧୀନ ଦେଶର ନିରବ ବନ୍ଦୀ

ଡ ପଦ୍ମଲୋଚନ ରାଉତ

ସ୍ୱାଧୀନତାର ଅର୍ଥ କେବଳ ବିଦେଶୀ ଶାସନରୁ ମୁକ୍ତି ନୁହେଁ; ନିଜ ଜୀବନ, ନିଜ ପରିଶ୍ରମ ଓ ନିଜ ଅଧିକାର ଉପରେ ନିଜର ନିୟନ୍ତ୍ରଣ ରହିବା। କିନ୍ତୁ ଆଜିର ସମୟରେ ସାଧାରଣ ନାଗରିକଙ୍କ ମନରେ ଏକ ପ୍ରଶ୍ନ ଉଠୁଛି ଆମେ ସତରେ କେତେଦୂର ସ୍ୱାଧୀନ? ଗତ ଏକଦଶକରୁ ଅଧିକ ସମୟ ଧରି ଦେଶର ସାଧାରଣ ଲୋକ ଦୈନନ୍ଦିନ ଜୀବନରେ ବିଭିନ୍ନ ନିୟମ, କଟକଣା ଓ ଅର୍ଥନୈତିକ ଚାପର ମଧ୍ୟରେ ବଞ୍ଚୁଛନ୍ତି। ଜଣେ ମଧ୍ୟବିତ୍ତ କିମ୍ବା ଗରିବ ପରିବାର ନିଜ ଝିଅର ବିବାହ ପାଇଁ ସୁନା କିଣିବାକୁ ଗଲେ ମଧ୍ୟ ଅନେକ ନିୟମ ଓ ଅର୍ଥନୈତିକ ଚାପର ସମ୍ମୁଖୀନ ହେଉଛନ୍ତି। ବ୍ୟାଙ୍କରେ ଜମା ଥିବା ନିଜ ପରିଶ୍ରମର ଟଙ୍କା ଉଠାଇବାକୁ ଯାଇ ମଧ୍ୟ ସାଧାରଣ ଲୋକଙ୍କୁ ବହୁ ସମୟରେ ଅସୁବିଧା ଭୋଗିବାକୁ ପଡୁଛି। ଏହା ଜନମନରେ ଏକ ଅସୁବିଧାଜନକ ପ୍ରଶ୍ନ ସୃଷ୍ଟି କରୁଛି ଯେ ଯେଉଁ ଟଙ୍କା ଜଣେ ନାଗରିକ ନିଜ ପରିଶ୍ରମରେ ଉପାର୍ଜନ କରିଛି, ସେହି ଟଙ୍କା ବ୍ୟବହାର କରିବାର ସ୍ୱାଧୀନତା ମଧ୍ୟ ଆଜି ସୀମିତ ହୋଇଯାଇଛି?

ଆଜି ସବୁଠି ଲାଇନ୍, ଅପେକ୍ଷା ଓ ଅସହାୟତାର ଚିତ୍ର ଦେଖାଯାଉଛି। ପେଟ୍ରୋଲ ଓ ଡିଜେଲ ପାଇଁ ଘଣ୍ଟା ଘଣ୍ଟା ଧରି ଲମ୍ବା ଲାଇନ୍, ରନ୍ଧନ ଗ୍ୟାସ ପାଇଁ ଚିନ୍ତା, ବ୍ୟାଙ୍କରେ ଟଙ୍କା ବଦଳେଇବା କିମ୍ବା ଉଠାଇବା ପାଇଁ ଅସୀମ ଭିଡ଼, ପିଇବା ପାଣି ପାଇଁ ଲୋକଙ୍କ ହାହାକାର, ଡାକ୍ତରଖାନାରେ ଚିକିତ୍ସା ପାଇଁ ଲମ୍ବା ପ୍ରତୀକ୍ଷା - ଏହିସବୁ ଦୃଶ୍ୟ ଆଜି ସାଧାରଣ ଜୀବନର ଅଂଶ ହୋଇଯାଇଛି। ଜଣେ ସାଧାରଣ ଲୋକ ନିଜ ଜୀବନର ମୌଳିକ ଆବଶ୍ୟକତା ପାଇଁ ମଧ୍ୟ ଆଜି ସଂଘର୍ଷ କରିବାକୁ ବାଧ୍ୟ ହେଉଛି। ଏହି ପରିସ୍ଥିତି ସାଧାରଣ ଜନତାଙ୍କ ମନରେ ଗଭୀର ଅସନ୍ତୋଷ ଓ ହତାଶା ସୃଷ୍ଟି କରୁଛି। ସବୁଠି ଅକଥନୀୟ ଦୁର୍ଦ୍ଦଶାର ଚିତ୍ର। ଜନଜୀବନରେ ଅନିଶ୍ଚିତତା ବଢ଼ୁଛି ଏବଂ ଲୋକମାନେ ନିଜକୁ ଅସହାୟ ଭାବୁଛନ୍ତି। ଦିନରାତି ପରିଶ୍ରମ କରିଥିବା ଲୋକ ଯେତେବେଳେ ନିଜ ପରିବାରର ମୌଳିକ ଆବଶ୍ୟକତା ମଧ୍ୟ ସହଜରେ ପୂରଣ କରିପାରୁନାହାନ୍ତି, ସେତେବେଳେ ସମାଜରେ କ୍ଷୋଭ ଓ ନିରାଶା ବଢ଼ିବା ସ୍ୱାଭାବିକ। ଅନେକ ସ୍ଥାନରେ ଲୋକ ନିର୍ଯାତନା ଓ ଅବ୍ୟବସ୍ଥାରେ ଅତିଷ୍ଠ ହୋଇ 'ତ୍ରାହି ତ୍ରାହି' ଡାକୁଛନ୍ତି।

ଏହାସହିତ ଅନେକ ଲୋକଙ୍କ ମନରେ ଏହି ଭାବନା ମଧ୍ୟ ଜନ୍ମ ନେଉଛି ଯେ, ସାଧାରଣ ଲୋକଙ୍କ ପାଇଁ ଏକ ନିୟମ ଓ ଶକ୍ତିଶାଳୀ ଶ୍ରେଣୀ ପାଇଁ ଅନ୍ୟ ନିୟମ ଚାଲୁଛି। ଯେଉଁଠାରେ ଜନସାଧାରଣ ଦୈନନ୍ଦିନ ଜୀବନର ଖର୍ଚ୍ଚ ସମ୍ଭାଳିବା ପାଇଁ ଲଢୁଛନ୍ତି, ସେଠାରେ ରାଜନୈତିକ କ୍ଷମତାର କେନ୍ଦ୍ରରେ ଥିବା ଲୋକଙ୍କ ଆଡ଼ମ୍ବରପୂର୍ଣ୍ଣ ଜୀବନ, ବଡ଼ ବଡ଼ ରୋଡ୍ ଶୋ, ଅତ୍ୟଧିକ ସରକାରୀ ବ୍ୟୟ ଓ ବିଦେଶ ଗସ୍ତ ସାଧାରଣ ଲୋକଙ୍କ ମନରେ ଅସନ୍ତୋଷ ସୃଷ୍ଟି କରୁଛି। ଲୋକମାନେ ଭାବୁଛନ୍ତି ଯଦି ଦେଶର ଅର୍ଥନୀତି ସାଧାରଣ ଲୋକଙ୍କ ଉପରେ କଟକଣା ଲାଗୁ କରୁଛି, କ୍ଷମତାରେ ଥିବା ଲୋକଙ୍କ ଜୀବନରେ ସେହି ସଂଯମ କାହିଁକି ଦେଖାଯାଉନାହିଁ? ଗଣତନ୍ତ୍ରରେ ସରକାର ହେଉଛି ଜନତାଙ୍କ ପ୍ରତିନିଧି, ମାଲିକ ନୁହେଁ। ନାଗରିକଙ୍କ ଟିକସ ଟଙ୍କାରେ ଚାଲୁଥିବା ଶାସନ ବ୍ୟବସ୍ଥାର ପ୍ରଥମ କର୍ତ୍ତବ୍ୟ ହେଉଛି ଜନତାଙ୍କ ପ୍ରତ ଉତ୍ତରଦାୟୀ ରହିବା। କିନ୍ତୁ ଯେତେବେଳେ ସାଧାରଣ ଲୋକ ପ୍ରଶ୍ନ କରନ୍ତି ଏବଂ ସେହି ପ୍ରଶ୍ନକୁ ଅସହିଷ୍ଣୁତା କିମ୍ବା ଅସନ୍ତୋଷ ଭାବେ ଦେଖାଯାଏ, ସେତେବେଳେ ଗଣତନ୍ତ୍ରର ମୂଳ ଆତ୍ମା ଦୁର୍ବଳ ହୋଇଯାଏ।

ଅନେକ ଲୋକ ଏହା ମଧ୍ୟ ଅନୁଭବ କରୁଛନ୍ତି ଯେ, ଏପରି ଯନ୍ତ୍ରଣା, ଅବ୍ୟବସ୍ଥା ଓ ନିରବ ଶୋଷଣରୁ ମୁକ୍ତି ପାଇବା ପାଇଁ ସମାଜରେ ଏକ ନୂଆ ସଚେତନତାର ଆବଶ୍ୟକତା ରହିଛି। ଏହି 'ଚେତନାସଂଗ୍ରାମ' କୌଣସି ହିଂସା କିମ୍ବା ଅସହିଷ୍ଣୁତାର ଆହ୍ୱାନ ନୁହେଁ; ଏହା ହେଉଛି ସଚେତନ ନାଗରିକତା, ଗଣତାନ୍ତ୍ରିକ ଅଧିକାର ଓ ଉତ୍ତରଦାୟୀ ଶାସନ ପାଇଁ ଏକ ନୈତିକ ଆହ୍ୱାନ। ପ୍ରଶ୍ନ କରିବା କୌଣସି ଅପରାଧ ନୁହେଁ। ବରଂ ଏହା ଏକ ସଚେତନ ନାଗରିକର ଅଧିକାର ଓ କର୍ତ୍ତବ୍ୟ। ଜଣେ ସାଧାରଣ ଲୋକ ଯଦି ନିଜ ପରିଶ୍ରମର ଟଙ୍କା, ନିଜ ଜୀବନର ସୁରକ୍ଷା ଓ ନିଜର ଭବିଷ୍ୟତକୁ ନେଇ ପ୍ରଶ୍ନ କରେ, ତାହା ଗଣତନ୍ତ୍ରର ସ୍ୱାଭାବିକ ପ୍ରକ୍ରିୟା। କାରଣ ଏହି ଦେଶ କୌଣସି ଏକ ଦଳ, ଏକ ନେତା କିମ୍ବା ଏକ କ୍ଷମତାଶାଳୀ ଶ୍ରେଣୀର ପୈତୃକ ସମ୍ପତ୍ତି ନୁହେଁ; ଏହା ଦେଶର କୋଟି କୋଟି ସାଧାରଣ ଲୋକଙ୍କ ପରିଶ୍ରମ, ସଂଘର୍ଷ ଓ ତ୍ୟାଗରେ ଗଢ଼ା।

ଆଜି ଆବଶ୍ୟକ ଦ୍ୱନ୍ଦ୍ୱ ନୁହେଁ, ବରଂ ସଚେତନତା। ଆବଶ୍ୟକ ଅନ୍ଧ ଭକ୍ତି ନୁହେଁ, ବରଂ ଯୁକ୍ତି ଓ ପ୍ରଶ୍ନ। କାରଣ ଯେତେବେଳେ ଜନତା ନିଜର ଅଧିକାର, ନିଜର ଶକ୍ତି ଓ ନିଜର ଗଣତାନ୍ତ୍ରିକ ଦାୟିତ୍ୱକୁ ବୁଝିପାରିବେ, ସେତେବେଳେ ହିଁ ଏକ ସତ୍ୟ, ସ୍ୱାଧୀନ ଓ ଉତ୍ତରଦାୟୀ ରାଷ୍ଟ୍ର ଗଢ଼ିଉଠିବ। ପ୍ରତ୍ୟେକ ଯୁଗରେ ସମାଜ କୌଣସି ନା କୌଣସି ସଙ୍କଟର ସମ୍ମୁଖୀନ ହୋଇଛି। ପ୍ରତ୍ୟେକ ସଙ୍କଟରୁ ମୁକ୍ତି ପାଇଁ ଲୋକଙ୍କୁ ସଂଗ୍ରାମ କରିବାକୁ ପଡ଼ିଛି। ଭାରତର ସ୍ୱାଧୀନତା ସଂଗ୍ରାମ ମଧ୍ୟ ସେହିପରି ଏକ ଐତିହାସିକ ଲଢ଼େଇ ଥିଲା, ଯେଉଁଠାରେ ଲକ୍ଷ ଲକ୍ଷ ଲୋକ ଅନ୍ୟାୟ ଓ ଶୋଷଣ ବିରୋଧରେ ଏକତ୍ର ହୋଇଥିଲେ। ଆଜି ପୁଣିଥରେ ସମୟ ଆସିଛି ଏକ ନୂଆ ମୁକ୍ତି ସଂଗ୍ରାମର। କିନ୍ତୁ ଏହି ସଂଗ୍ରାମ ବିଦେଶୀ ଶାସକ ବିରୋଧରେ ନୁହେଁ; ଏହା ଭୟ, ଅନ୍ୟାୟ, ଭ୍ରଷ୍ଟାଚାର, ଅନ୍ଧଭକ୍ତି ଓ ମିଥ୍ୟା ଅପପ୍ରଚାର ବିରୋଧରେ। ଏହି ନୂଆ ସଂଗ୍ରାମର ସବୁଠାରୁ ବଡ଼ ଶକ୍ତି ହେଉଛି ସଚେତନତା। ଯେତେବେଳେ ଜନତା ପ୍ରଶ୍ନ କରିବା ଆରମ୍ଭ କରନ୍ତି, ସେତେବେଳେ ଗଣତନ୍ତ୍ର ଶକ୍ତିଶାଳୀ ହୁଏ। ଅନ୍ଧ ଭକ୍ତି କେବେ ମଧ୍ୟ ଦେଶକୁ ଉନ୍ନତିର ପଥରେ ନେଇଯାଇପାରେ ନାହିଁ। ସଚେତନ ନାଗରିକ ହିଁ ଏକ ସୁସ୍ଥରାଷ୍ଟ୍ରର ମୂଳ ଆଧାର।

ଏହି ସଂଗ୍ରାମରେ ଅସ୍ତ୍ର ହେବ ଶିକ୍ଷା, ଲେଖନୀ, ଚିନ୍ତା, ସତ୍ୟ ଓ ଗଣତାନ୍ତ୍ରିକ ପ୍ରତିବାଦ। ଛାତ୍ର, ଯୁବକ, ଚାଷୀ, ଶ୍ରମିକ, ନାରୀ ଓ ସାଧାରଣ ନାଗରିକ ସମସ୍ତଙ୍କ ଏହି ଜାଗରଣରେ ଭୂମିକା ଅଛି। କାରଣ ଗଣତନ୍ତ୍ର କେବଳ ସରକାରର ନୁହେଁ; ଏହା ଜନତାଙ୍କ ସକ୍ରିୟ ଭାଗିଦାରୀରେ ବଞ୍ଚିଥାଏ। ଯୁବପିଢ଼ି ଏହି ପରିବର୍ତ୍ତନର ସବୁଠାରୁ ବଡ଼ ଆଶା। ଇତିହାସର ପ୍ରତ୍ୟେକ ବଡ଼ ପରିବର୍ତ୍ତନରେ ଯୁବଶକ୍ତି ଅଗ୍ରଣୀ ଭୂମିକା ନେଇଛି। ଆଜି ମଧ୍ୟ ଯଦି ଯୁବସମାଜ ନିଜର ଶକ୍ତିକୁ ଚିହ୍ନିପାରେ, ସତ୍ୟ ଓ ନ୍ୟାୟ ପାଇଁ ସ୍ୱର ଉଠାଇପାରେ ଦେଶର ଭବିଷ୍ୟତ ନିଶ୍ଚୟ ବଦଳିପାରିବ। ଏହି ନୂଆ ଚେତନାସଂଗ୍ରାମ କୌଣସି ଏକ ଦଳ କିମ୍ବା ବ୍ୟକ୍ତି ବିରୋଧରେ ନୁହେଁ; ବରଂ ଏ ଦେଶକୁ ପୁଞ୍ଜିପତିଙ୍କ ହାତରେ ଟେକି ଦେଉଥିବା ଭ୍ରଷ୍ଟାଚାରୀ ସ୍ୱାର୍ଥପର ବ୍ୟବସ୍ଥା ଓ ଚିନ୍ତାଧାରା ବିରୋଧରେ, ଯାହା ମଣିଷକୁ ଭାଗ କରେ, ଭୟଭୀତ କରେ ଓ ନିରବ କରି ରଖେ। ଏହି ଚେତନାସଂଗ୍ରାମ ସଂବିଧାନ, ଗଣତନ୍ତ୍ର ଓ ମଣିଷତ୍ୱକୁ ବଞ୍ଚାଇ ରଖିବାର ଆହ୍ୱାନ।

ସମୟ ଆସିଛି ନିଜକୁ ପଚାରିବାର ଆମେ କି ନିରବ ଦର୍ଶକ ହୋଇ ରହିବୁ, ନା ସତ୍ୟ ଓ ନ୍ୟାୟର ପକ୍ଷରେ ଦୃଢ଼ ହୋଇ ଠିଆ ହେବୁ? କାରଣ ପରିବର୍ତ୍ତନ ସେତେବେଳେ ଆସେ, ଯେତେବେଳେ ସାଧାରଣ ଲୋକ ନିଜର ନିରବତା ଭାଙ୍ଗି ସଚେତନ ହୋଇ ଉଠନ୍ତି। ଆଜି ଆବଶ୍ୟକ ଏକ ନୂଆ ବ୍ୟବସ୍ଥା, ଯେଉଁଠି ଜନତା ନିଜର ଅଧିକାରକୁ ଚିହ୍ନିବେ, ମିଥ୍ୟାବାଦୀ ଓ ଛଦ୍ମବେଶୀଙ୍କ ଅସଲ ସ୍ୱରୂପ ଜାଣିବେ, ଶାସନ ନିଜର ଦାୟିତ୍ୱକୁ ବୁଝିବ ଏବଂ ଗଣତନ୍ତ୍ର ପୁନର୍ବାର ଗଣଙ୍କ ପାଖକୁ ଫେରିଆସିବ। କାରଣ ଦେଶ କେବେ ମଧ୍ୟ କୌଣସି କ୍ଷମତାଶାଳୀର ପୈତୃକ ସମ୍ପତ୍ତି ନୁହେଁ। ଏହା କୋଟି କୋଟି ଶ୍ରମଜୀବୀ ଲୋକଙ୍କ ରକ୍ତ ଓ ପରିଶ୍ରମରେ ଗଢ଼ା ଏକ ଜୀବନ୍ତ ଗଣତନ୍ତ୍ର। ଯେଉଁଦିନ ଜନତା ଭୟକୁ ଭାଙ୍ଗି, ନିରବତାକୁ ଛାଡ଼ି, ସତ୍ୟ ପାଇଁ ସ୍ୱର ଉଠାଇବେ ସେଦିନଠାରୁ ଆରମ୍ଭ ହେବ ଏକ ନୂଆ ଜାଗରଣ, ଏକ ନୂଆ ଗଣତନ୍ତ୍ର ଏବଂ ଏକ ସତ୍ୟ ସ୍ୱାଧୀନ ଭାରତ। ଯେଉଁଦିନ ଜନତା ଭୟକୁ ଜିତି ପ୍ରଶ୍ନ କରିବା ଆରମ୍ଭ କରିବେ, ସେଦିନଠାରୁ ଆରମ୍ଭ ହେବ ନୂଆ ଚେତନାର ସ୍ୱାଧୀନତା ସଂଗ୍ରାମ।

(ଆସୋସିଏଟ୍ ପ୍ରଫେସର)
ଅରୁଣାଚଳ ପ୍ରଦେଶ, ମୋ: ୯୬୭୮୦୯୧୩୦୦

# ଛାତ୍ର ଆତ୍ମହତ୍ୟା: ଏକ ସାମାଜିକ କଳଙ୍କ

ବିଦ୍ୟାଧର ମହାରଣା

ପ୍ରତି ପିତାମାତା ଚାହାନ୍ତି ସେମାନଙ୍କର ପିଲାମାନେ ଭଲ ପଢ଼ି ଉଚ୍ଚ ଚାକିରିରେ ଅଧିଷ୍ଠିତ ହୁଅନ୍ତୁ। କିନ୍ତୁ ଆଜିର ଶିକ୍ଷା ବ୍ୟବସ୍ଥା ବହୁ ସମସ୍ୟା ଦେଇ ଗତି କରୁଛି। ପ୍ରତିଦ୍ୱନ୍ଦ୍ୱିତାମୂଳକ ଶିକ୍ଷାରେ ପ୍ରଶ୍ନପତ୍ର ବିକ୍ରି ଏକ ସାଧାରଣ ଘଟଣା ହେଲାଣି। ଏଣୁ ଛାତ୍ରଛାତ୍ରୀମାନେ ଅତ୍ୟଧିକ ମାନସିକ ଚାପରେ ଜୀବନଯାପନ କରୁଛନ୍ତି। ପରୀକ୍ଷାର ଚାପ, ଅଭିଭାବକଙ୍କ ଅତ୍ୟଧିକ ଆଶା, ବେରୋଜଗାରୀର ଭୟ, ସାମାଜିକ ତୁଳନା ଏବଂ ମନୋସ୍ୱାସ୍ଥ୍ୟ ସମସ୍ୟା ଆଜିର ଯୁବପିଢ଼ିକୁ ଗଭୀର ଭାବେ ପ୍ରଭାବିତ କରୁଛି। ଏହାର ଭୟାବହ ପରିଣାମ ହେଉଛି ଛାତ୍ର ଆତ୍ମହତ୍ୟା ବୃଦ୍ଧି। ଭାରତର ଜାତୀୟ ଅପରାଧିକ ତଥ୍ୟ ବ୍ୟୁରୋ(ଏନ୍‌ସିଆରବି) ୨୦୨୪ ରିପୋର୍ଟ ଅନୁସାରେ ଦେଶରେ ୧୪, ୪୮୮ ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି, ଯାହା ୨୦୨୩ ଅପେକ୍ଷା ପ୍ରାୟ ୪.୩% ଅଧିକ। ଏହି ସଂଖ୍ୟା ଦେଶର ସମୁଦାୟ ଆତ୍ମହତ୍ୟା ଘଟଣାର ୮.୫%। ନିକଟରେ 'ନିଟ୍' ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ହେବା ପରେ କେତେକ ଛାତ୍ର ଆତ୍ମହତ୍ୟା କରିଥିବା ଖବର ମିଳିଛି। ମୋଟାମୋଟି ଗତ ଦଶବର୍ଷରେ ଛାତ୍ର ଆତ୍ମହତ୍ୟାର ହାର ପ୍ରାୟ ୮୦% ବୃଦ୍ଧି ପାଇଛି। ୨୦୧୪ ମସିହାରେ ଏହି ସଂଖ୍ୟା ୮, ୦୬୮ ଥିଲା, ଯାହା ୨୦୨୪ରେ ୧୪, ୪୮୮ କୁ ବଢ଼ିଛି।

ଏପରି ଅତ୍ୟନ୍ତ ଚିନ୍ତାଜନକ ପରିସ୍ଥିତି ପଛରେ ଅନେକ କାରଣ ରହିଛି। ପ୍ରଥମତଃ, ଆଜିର ଶିକ୍ଷା ବ୍ୟବସ୍ଥାରେ ପରୀକ୍ଷାରେ ମାର୍କ ଓ ରାଙ୍କିଙ୍ଗ ଉପରେ ଅଧିକ ମୂଲ୍ୟ ଦିଆଯାଉଛି। ଛାତ୍ରମାନେ ନିଜ ରୁଚି ଓ ସୃଜନଶୀଳତାକୁ ହରାଇ କେବଳ ପରୀକ୍ଷାମୁଖୀ ହୋଇପଡୁଛନ୍ତି। ଅନେକ ଅଭିଭାବକ ନିଜ ସନ୍ତାନଙ୍କ ଉପରେ ଆଇଏସ, ଡାକ୍ତର, ଇଞ୍ଜିନିୟର ହେବା ପାଇଁ ଅଧିକ ମାର୍କ ଆଣିବା ପାଇଁ ଚାପ ପକାନ୍ତି। ସେମାନେ ବହୁ ଅର୍ଥ ବ୍ୟୟ କରି ଘରୋଇ କୋଚିଙ୍ଗ କେନ୍ଦ୍ରରେ ନାମ ଲେଖନ୍ତି। ଏହାଫଳରେ ଛାତ୍ରମାନେ ଅଧିକ ଚାପଗ୍ରସ୍ତ, ଭୟ, ଅସଫଳତା ଓ ହୀନମନ୍ୟତାର ଶିକାର ହୁଅନ୍ତି। ଦ୍ୱିତୀୟତଃ, ଫେସବୁକ, ଇନ୍‌ଷ୍ଟାଗ୍ରାମ ଆଦି ସାମାଜିକ ଗଣମାଧ୍ୟମରେ ଛାତ୍ରମାନେ ନିଜକୁ ଅନ୍ୟମାନଙ୍କ ସହ ତୁଳନା କରି ମାନସିକ ସ୍ତରରେ ଅସ୍ଥିର ହୋଇପଡୁଛନ୍ତି। ଅନଲାଇନ ବୁଲିଙ୍ଗ ଓ ଏକାକୀପଣ ମଧ୍ୟ ସେମାନଙ୍କ ମନୋବଳକୁ ଆହୁରି ଦୁର୍ବଳ କରୁଛି। ଏନ୍‌ସିଆରବି ତଥ୍ୟ ଅନୁସାରେ ପାରିବାରିକ ସମସ୍ୟା ମଧ୍ୟ ଆତ୍ମହତ୍ୟାର ପ୍ରମୁଖ କାରଣ ଭାବେ ଚିହ୍ନଟ ହୋଇଛି। ଓଡ଼ିଶାରେ ୨୦୨୪ ମସିହାରେ ୫, ୭୯୧ ଆତ୍ମହତ୍ୟା ଘଟଣା ରେକର୍ଡ ହୋଇଥିଲା, ଯାହାର ଅଧିକାଂଶ ପାରିବାରିକ ଓ ମାନସିକ ସମସ୍ୟା ସହ ଜଡ଼ିତ ଥିଲା।

ବେସରକାରୀ କୋଚିଂ ସେଣ୍ଟରଗୁଡ଼ିକ ଆଜିର ଶିକ୍ଷା ବ୍ୟବସ୍ଥାର ଏକ ଅଂଶ ହୋଇପଡ଼ିଛି। ସେଠାରେ ଅତ୍ୟଧିକ ପ୍ରତିଯୋଗିତାମୂଳକ ପରିବେଶ, ମାନସିକ ଚାପ ଓ ବ୍ୟାବସାୟିକ ମନୋଭାବ ଛାତ୍ରଛାତ୍ରୀଙ୍କୁ ଗଭୀର ଅବସାଦକୁ ଠେଲିଦେଉଛି। ଫଳସ୍ୱରୂପ କେତେକ ଛାତ୍ର ଆତ୍ମହତ୍ୟା ଭଳି ପଦକ୍ଷେପ ନେଉଛନ୍ତି। କୋଚିଂ ସେଣ୍ଟରରେ ପ୍ରତିଦିନ ଦୀର୍ଘ ସମୟ ପଢ଼ା, ପରୀକ୍ଷା, ରାଙ୍କିଙ୍ଗ ଓ ମାର୍କ ନେଇ ଚାପ ଛାତ୍ରମାନଙ୍କୁ ମାନସିକ ଭାବେ କ୍ଳାନ୍ତ କରିଦେଇଥାଏ। ଅନେକ ସଂସ୍ଥା କେବଳ ଶ୍ରେଷ୍ଠ ରାଙ୍କିଙ୍ଗ ଆଣିବାକୁ ଲକ୍ଷ୍ୟ କରେ, ଛାତ୍ରଙ୍କ ମାନସିକ ସ୍ୱାସ୍ଥ୍ୟକୁ ନୁହେଁ। କୋଚିଂ ସେଣ୍ଟରମାନେ ପ୍ରାୟତଃ ଛାତ୍ରମାନଙ୍କ ମଧ୍ୟରେ ଅସ୍ୱସ୍ତିକର ପ୍ରତିଯୋଗିତା ସୃଷ୍ଟି କରନ୍ତି। ଟପର ତାଲିକା, ଅଲଗା ବ୍ୟାଚ୍ ଓ ସର୍ବସାଧାରଣ ସମ୍ମୁଖରେ ତୁଳନା କରିବା ଦ୍ୱାରା ଦୁର୍ବଳ ଛାତ୍ରମାନେ ନିଜକୁ ଅଯୋଗ୍ୟ ଭାବିବାକୁ ଲାଗନ୍ତି। ଏହା ତାଙ୍କ ଆତ୍ମବିଶ୍ୱାସକୁ ଭାଙ୍ଗିଦେଇଥାଏ। ଅଭିଭାବକମାନେ ଅଧିକ ଟଙ୍କା ଖର୍ଚ୍ଚ କରୁଥିବାରୁ ଛାତ୍ରମାନେ ଫଳାଫଳ ନେଇ ଅଧିକ ଭୟରେ ରହନ୍ତି। ସେମାନେ ଭାବନ୍ତି ଯଦି ସଫଳ ହେବେ ନାହିଁ, ତେବେ ପରିବାରକୁ ନିରାଶ କରିବେ। ଏହି ଭୟ ଧୀରେ ଧୀରେ ଅବସାଦର ରୂପ ନେଇଥାଏ।

ମଧ୍ୟବିତ୍ତ ପରିବାରର ପିଲା ବହୁ ଆଶା ନେଇ ରାଜସ୍ଥାନର କୋଟା ସହରକୁ ଦଉଡନ୍ତି। ଘରୋଇ କୋଚିଂ କେନ୍ଦ୍ର ଯେପରି ଏକ କୁହୁକ ପେଡ଼ି। ତ୍ୱରିତ ସ୍ମରଣ ନିମନ୍ତେ ସଂକ୍ଷିପ୍ତ ସାର, ନିର୍ଦ୍ଧାରିତ ପ୍ରଶ୍ନ ଓ ଉତ୍ତର ଇତ୍ୟାଦି ଛାତ୍ରମାନଙ୍କ ଏକଲା ପଣିଆକୁ ଦୃଢ଼ୀଭୂତ କରେ। ଛାତ୍ରମାନେ ଥରେ ବା ଦୁଇଥର ଅସଫଳ ହେଲେ ଚାପଗ୍ରସ୍ତ ହୋଇ ପଡ଼ନ୍ତି ଏବଂ ଶେଷ ରାସ୍ତା ବାଛିବାକୁ ବାଧ୍ୟ ହୁଅନ୍ତି। ଅନେକ କୋଚିଂ ସେଣ୍ଟରରେ କାଉନସେଲିଂ ବା ମାନସିକ ସହାୟତା ବ୍ୟବସ୍ଥା ନଥାଏ। ଛାତ୍ରମାନେ ନିଜ ଚିନ୍ତା, ଭୟ କିମ୍ବା ଅସଫଳତା ବିଷୟରେ କାହା ସହ କଥାହେବାର ସୁଯୋଗ ପାଆନ୍ତି ନାହିଁ। କେତେକ କୋଚିଂ କେନ୍ଦ୍ରରେ ଭିତ୍ତିଭୂମି ଅଧିକ ନୈରାଶ୍ୟଜନକ, ଯାହାକି ଛାତ୍ରମାନଙ୍କ ମନରେ ଅବସାଦ ଆଣିଥାଏ। କିଛିଦିନ ତଳେ ଦିଲ୍ଲୀରେ ଏକ କୋଚିଂ ସେଣ୍ଟର ମଧ୍ୟରେ ଅଚାନକ ବର୍ଷା ଜଳ ପ୍ରବେଶ କରି କେତେକ ଛାତ୍ରଙ୍କ ଜୀବନ ନେଇଥିଲା।

ଏହି ସମସ୍ୟାର ପ୍ରତିକାର ପାଇଁ ସମାଜର ଏକ ଗୁରୁଦାୟିତ୍ୱ ରହିଛି। ସମାଜ, ପରିବାର ଓ ଶିକ୍ଷାନୁଷ୍ଠାନକୁ ସାମୂହିକ ଭାବେ ଏହି ସମସ୍ୟାର ସମାଧାନ ପାଇଁ କାମ କରିବାକୁ ପଡ଼ିବ। ପ୍ରଥମେ, ପରିବାରରେ ସକାରାତ୍ମକ ପରିବେଶ ଗଢ଼ିଉଠିବା ଆବଶ୍ୟକ। ଅଭିଭାବକମାନେ ସନ୍ତାନଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଗଢ଼ିବା ଉଚିତ। ତାଙ୍କ ମନର କଥା ଶୁଣିବା, ଭୁଲକୁ କ୍ଷମା କରିବା ଓ ସେମାନଙ୍କୁ ଆତ୍ମବିଶ୍ୱାସ ଦେବା ଦରକାର। ଦ୍ୱିତୀୟତଃ, ବିଦ୍ୟାଳୟ ଓ ମହାବିଦ୍ୟାଳୟରେ କାଉନସେଲିଂ ବ୍ୟବସ୍ଥା ଅନିବାର୍ଯ୍ୟ କରାଯିବା ଉଚିତ। ସରକାରୀ ଶିକ୍ଷାନୁଷ୍ଠାନରେ ଅଭିଜ୍ଞ ଶିକ୍ଷକ ଓ ଉତ୍ତମ ଶିକ୍ଷା ବାତାବରଣ ଥିଲେ ଛାତ୍ରମାନେ କାହିଁକି ଘରୋଇ କୋଚିଂ ପସନ୍ଦ କରିବେ? ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ମନୋବିଜ୍ଞାନୀ ଓ ପରାମର୍ଶଦାତା ଥିବା ଆବଶ୍ୟକ। ଛାତ୍ରମାନଙ୍କୁ କେବଳ ପାଠ୍ୟପୁସ୍ତକ ନୁହେଁ, ଜୀବନ ଦକ୍ଷତା, ଭାବନା ନିୟନ୍ତ୍ରଣ ଓ ଚାପ ପରିଚାଳନା ଶିଖାଇବା ପାଇଁ ସେମାନେ ଅଧିକ ତତ୍ପରତାର ସହ କାମ କରିବା ଆବଶ୍ୟକ। ତୃତୀୟତଃ, ସରକାରଙ୍କ ପକ୍ଷରୁ ଯୁବମାନଙ୍କ ମନୋସ୍ୱାସ୍ଥ୍ୟ ପାଇଁ ଅଧିକ ସଚେତନତା ଅଭିଯାନ ଆୟୋଜିତ ହେବା ଆବଶ୍ୟକ। ହେଲ୍ପଲାଇନ, ମାଗଣା ପରାମର୍ଶ ଓ ମାନସିକ ସ୍ୱାସ୍ଥ୍ୟ ସେବା ସମସ୍ତଙ୍କ ପାଇଁ ସହଜ ହେବା ଦରକାର।

ଶେଷରେ କୁହାଯାଇପାରେ ଯେ ଛାତ୍ର ଆତ୍ମହତ୍ୟା କେବଳ ଏକ ବ୍ୟକ୍ତିଗତ ସମସ୍ୟା ନୁହେଁ, ଏହା ସମଗ୍ର ମାନବ ସମାଜ ପାଇଁ ଏକ ଚେତାବନୀ। ଦେଶର ପ୍ରତ୍ୟେକ ଛାତ୍ରର ଜୀବନ ଅତୀବ ମୂଲ୍ୟବାନ। ସମୟ ଉପଯୋଗୀ ସହଯୋଗ, ସ୍ନେହ ଓ ସଠିକ୍ ମାର୍ଗଦର୍ଶନ ଦିଆଗଲେ ଅନେକ ମୂଲ୍ୟବାନ ଜୀବନ ବଞ୍ଚାଯାଇପାରିବ। ତେଣୁ ଆମେ ସମସ୍ତେ ମିଳିମିଶି ଏକ ସୁସ୍ଥ, ଭୟମୁକ୍ତ ଓ ଛାତ୍ରବନ୍ଧୁ ସମାଜ ଗଢ଼ିବାକୁ ଆଗେଇ ଆସିବା ଆବଶ୍ୟକ। ସରକାର ମଧ୍ୟ ଘରୋଇ କୋଚିଂ ସେଣ୍ଟରଗୁଡ଼ିକର କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ନଜର ରଖିବା ସହିତ ସରକାରୀ କୋଚିଂ ବ୍ୟବସ୍ଥା ଗ୍ରହଣ କରିବା ଜରୁରୀ। ଜାତୀୟ ଶିକ୍ଷା ନୀତି ୨୦୨୦ ଛାତ୍ର ଆତ୍ମହତ୍ୟା କମାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରେ। କିନ୍ତୁ ଏହାର ସଫଳତା ନୀତିର ଠିକ୍ ରୂପାୟନ ଉପରେ ନିର୍ଭର କରିବ।

ଭୁବନେଶ୍ୱର, ମୋ: ୯୪୩୭୦ ୭୧୧୯୦

# ବାରମାସୀ ଧାନ

## ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ପୃଥିବୀର ଅର୍ଦ୍ଧାଧିକ ଲୋକଙ୍କୁ ଖାଦ୍ୟ ଯୋଗାଇଥାଏ ଧାନ। ବିଗତ ହଜାର ହଜାର ବର୍ଷ ଧରି ଚାଷ ହୋଇ ଆସୁଛି ଏହାର ପ୍ରାୟ ୪୦ ହଜାର କିସମ। ଏହା ଏକ ଋତୁଗତ ଫସଲ। ଅର୍ଥାତ୍ ଏକ ନିର୍ଦ୍ଦିଷ୍ଟ ଋତୁରେ ଏହାକୁ ଚାଷ କରାଯାଏ ଏବଂ ଏକ ନିର୍ଦ୍ଦିଷ୍ଟ ସମୟ ପରେ ସେଥିରୁ ଶସ୍ୟ ଉତ୍ପାଦନ କରାଯାଏ। ତପ୍ରେ ଗଛଟି ମୃତ୍ୟୁବରଣ କରେ। ଆମ ଦେଶରେ ତିନୋଟି ଋତୁରେ ତିନି ଶ୍ରେଣୀର ଧାନ ଚାଷ ହୁଏ। ସେଗୁଡ଼ିକ ହେଲା ଖରିଫ, ରବି ଓ ଡାଲୁଅ। ତାହା ଭିନ୍ନ ଭିନ୍ନ ପରିମାଣରେ ତାପମାତ୍ରା, ଦିବସର ଆଲୋକ, ଜଳ ଆଦି ଆବଶ୍ୟକ କରିଥା'ନ୍ତି। ଅନ୍ୟପକ୍ଷରେ କେତେକ ଜଙ୍ଗଲୀ କିସମର ଧାନ ଅଛନ୍ତି, ଯେଉଁଗୁଡ଼ିକ ବର୍ଷବର୍ଷ ଧରି ବଞ୍ଚି ରହନ୍ତି ଏବଂ ବାରମ୍ବାର ଫୁଲ ଫଳ ଧାରଣ କରନ୍ତି। ଅବଶ୍ୟ ଏଗୁଡ଼ିକ କମ ଉତ୍ପାଦନକ୍ଷମ। କେତେକ ବିଶେଷ ଜିନ୍‌ର କ୍ରିୟାଶୀଳତା ଏମାନଙ୍କୁ ଦୀର୍ଘଜୀବନ ପ୍ରଦାନ କରିଥାଏ। ନିକଟରେ କୃଷି ବିଜ୍ଞାନୀମାନେ ସେଗୁଡ଼ିକର ସନ୍ଧାନ ପାଇଛନ୍ତି। ତାହାକୁ ବ୍ୟବହାର କରି ସେମାନେ ଚାଷ ହେଉଥିବା ଋତୁଗତ ଧାନକୁ ଦୀର୍ଘଜୀବୀ ଅର୍ଥାତ୍ ବାରମାସୀ କରିବାରେ ସଫଳତା ହାସଲ କଲେଣି।

ଏହି ବିସ୍ମୟକୁ ବାସ୍ତବରେ ପରିଣତ କରିଛନ୍ତି 'ଚାଇନିଜ୍ ଏକାଡେମୀ ଅଫ୍ ସାଇନସେସ୍'ର 'ସେଣ୍ଟର ଫର୍ ଏକ୍ସଲେନ୍ସ ଇନ ମଲିକ୍ୟୁଲାର ପ୍ଲାଣ୍ଟ ସାଇନସେସ୍'ରେ କାର୍ଯ୍ୟରତ କିଛି ଗବେଷକ। ସେମାନେ ଏଥିପାଇଁ ଦୀର୍ଘଜୀବୀ ବା ତଥାକଥିତ ବାରମାସୀ ହୋଇଥିବା ୪୪୬ ଟି ବିଭିନ୍ନ କିସମର ଜଙ୍ଗଲୀ ଧାନକୁ ବିଶ୍ଳେଷଣ କରିଛନ୍ତି। ଏଗୁଡ଼ିକଠାରେ ବାରମ୍ବାର ଡାଳପତ୍ର କଅଁଳୁଥିଲା ଏବଂ ସେଥିରେ ନୂଆ ହୋଇ ଫୁଲ ଫଳ ଧରୁଥିଲା। ଏ ପ୍ରକ୍ରିୟା ଚାଲୁ ରହୁଥିଲା ବର୍ଷ ବର୍ଷ ଧରି। ଉପରୋକ୍ତ ଗବେଷକମାନେ ଏହି କିସମଗୁଡ଼ିକୁ ଦୀର୍ଘଜୀବୀ କରୁଥିବା ଜିନ୍‌ଗୁଡ଼ିକୁ ଆବିଷ୍କାର କରିବାକୁ ଚାଷ ହେଉଥିବା ଋତୁଗତ ଧାନ ସହିତ ଏହାର ଜଙ୍ଗଲୀ ସଂପର୍କୀୟମାନଙ୍କ ସଙ୍କର ପ୍ରଜନନ କରାଇଲେ। ଏଥିରୁ ଜାତ ସଙ୍କର ବିହନଗୁଡ଼ିକରେ ରହିଲା ଉଭୟ ଶ୍ରେଣୀର ଜିନ୍‌ମାନଙ୍କର ମିଶ୍ରଣ। ପୁନଶ୍ଚ ସେଗୁଡ଼ିକୁ ବାରମ୍ବାର ଚାଷ ହେଉଥିବା ଋତୁଗତ ଧାନ ସହିତ ପ୍ରଜନନ କରାଇ ସେମାନେ ଜିନ୍‌ର କେଉଁ ଅଂଶ ଜଙ୍ଗଲୀଧାନକୁ ବର୍ଷ ବର୍ଷ ଧରି ବଞ୍ଚି ରହିବାର ଦକ୍ଷତା ପ୍ରଦାନ କରେ ତାହା ଚିହ୍ନଟ କରିପାରିଲେ। ପୁନଶ୍ଚ ସେମାନେ କିଛି ସଙ୍କର କିସମ ମଧ୍ୟ ଆବିଷ୍କାର କଲେ, ଯାହାକି ଋତୁଗତ ଚାଷ ହେଉଥିବା ଧାନ ଭଳି ଦେଖାଯାଏ; ଅଥଚ ଜଙ୍ଗଲୀଧାନ ଭଳି ବାରମ୍ବାର ଡାଳପତ୍ର କଅଁଳାଇ ଫୁଲ ଧରେ।

ଏହି ସଙ୍କରଜାତ ବିହନଗୁଡ଼ିକରେ ଏଥିପାଇଁ ଦାୟୀ ହେଉଥିବା ଜିନ୍‌ର ନିର୍ଦ୍ଦିଷ୍ଟ ଅଂଶଗୁଡ଼ିକ ମଧ୍ୟ ସେମାନେ ଚିହ୍ନଟ କରି ପାରିଲେ ଏବଂ ତାହାର ନାମ ଦେଲେ 'ଏଣ୍ଡଲେସ୍ ବ୍ରାଞ୍ଚେସ୍ ଆଣ୍ଡ ଟିଲରସ୍ - ୧'(ଇବିଟି-୧)। ସେଠାରେ ଥାଏ ଦୁଇଟି ସୂକ୍ଷ୍ମ ଆର୍‌ଏନ୍‌ଏ ଅଣୁ। ଏହାପରେ ଗବେଷକମାନେ ଜଙ୍ଗଲୀ ଧାନର ଇବିଟି୧ କୁ ଅକ୍ଷମ କରି ଏହାର ଭୂମିକା ନିଶ୍ଚିତ କରିବାକୁ ଚେଷ୍ଟା କଲେ। ଫଳରେ ଏଗୁଡ଼ିକ ନୂତନ ଡାଳପତ୍ର ଓ ଫୁଲ ଫଳ ଧାରଣ କରିବାର ସାମର୍ଥ୍ୟ ହରାଇଲା। ଅନ୍ୟପକ୍ଷରେ ଚାଷ ହେଉଥିବା ଋତୁଗତ ଧାନରେ ଇବିଟି୧ ଯୋଗ କରିବାରୁ ଏହାର ଜୀବନଚକ୍ର ପୁନଃ ନିର୍ଦ୍ଧାରିତ ହେଲା ଏବଂ ଏହା ବାରମ୍ବାର ଡାଳପତ୍ର ଓ ଫୁଲ ଫଳ ଧାରଣ କରିବାକୁ ଲାଗିଲା। ଅତଏବ ତାହା ପରିଣତ ହେଲା ବାରମାସୀ କିସମରେ।

ଗବେଷକମାନଙ୍କ ମତରେ ଏହି ଆବିଷ୍କାର ଫଳରେ ଚାଷ ହେଉଥିବା ଋତୁଗତ ଧାନକୁ ଦୀର୍ଘଜୀବୀ କରିବାର ବାଟ ଖୋଲିବ। ଅତଏବ ତାହାକୁ ପ୍ରତ୍ୟେକ ଋତୁରେ ବାରମ୍ବାର ଚାଷ କରିବାକୁ ପଡ଼ିବ ନାହିଁ। ଫଳରେ ଧାନଚାଷ ଶସ୍ତା ଓ ସହଜ ହେବା ସଙ୍ଗେ ସଙ୍ଗେ ପରିବେଶ ସହାୟକ ମଧ୍ୟ ହେବ। ପୁନଶ୍ଚ କ୍ରମେ ଏ ପ୍ରକ୍ରିୟାକୁ ଅନ୍ୟାନ୍ୟ ଶସ୍ୟ ଓ ଫସଲକୁ ମଧ୍ୟ ସଂପ୍ରସାରିତ କରାଯାଇପାରିବ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯ ୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଜୁଆ ଆଡ୍ଡାରେ ଚଢ଼ଉ; ୨୬ ଗିରଫ

## ୧୧.୧୬ଲକ୍ଷ ଟଙ୍କା, ୩ କାର୍, ୯ ବାଇକ୍ ଜବତ ଓ ୩୧ ମୋବାଇଲ୍ ଜବତ



ରାଉରକେଲା,୧।୬(ସମିସ): ଓଡ଼ିଶା- ଛତିଶଗଡ଼ ସୀମାନ୍ତବର୍ତ୍ତୀ ସୁନ୍ଦରଗଡ଼ ପୁଲିସ ଜିଲ୍ଲା ହେମଗିରି ଥାନା ଅଧୀନ ଜାମଝରିଆ ଜଙ୍ଗଲରେ ଚାଲିଥିବା ଏକ ବଡ଼ଧରଣର ଜୁଆ ଆଡ୍ଡାରେ ଚଢ଼ଉ କରି ସୁନ୍ଦରଗଡ ପୁଲିସ ୨୬ ଜଣ ଜୁଆଡିଙ୍କୁ ଗିରଫ କରିଛି। ଏହାସହିତ ସେମାନଙ୍କ ନିକଟରୁ ୧୧ ଲକ୍ଷ୧୬ ହଜାର ୯୦୦ଟଙ୍କା ଜବତ୍ କରିଥିବା ଜଣାପଡ଼ିଛି। ଏନେଇ ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌର ସୂଚନା ଦେଇ କହିଛନ୍ତି ଯେ , ଜାମଝରିଆ ଜଙ୍ଗଲ ଭିତରେ



ଏକ ବଡ଼ଧରଣର ସଂଗଠିତ ଜୁଆ ଆଡ୍ଡା ଚାଲିଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ପରେ ରବିବାର ସନ୍ଧ୍ୟାରେ ଏହି ଜୁଆ ଆଡ୍ଡାରେ ଚଢ଼ଉ ପାଇଁ ସେ ଏକ ସ୍ୱତନ୍ତ୍ର ପୁଲିସ ସ୍କ୍ୱାଡ୍‌କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଏହି ସ୍ୱତନ୍ତ୍ର ପୁଲିସ ଦଳ ଜାମଝରିଆ ଜଙ୍ଗଲର ଉକ୍ତସ୍ଥାନରେ ଅତର୍କିତ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ପୁଲିସ ଜୁଆ ଖେଳୁଥିବା ୨୬ ଜଣଙ୍କୁ ଗିରଫ କରିବା ସହ ଘଟଣାସ୍ଥଳରୁ ୧୧,୧୬,୯୦୦ ଟଙ୍କା ନଗଦ ଜବତ କରିଥିଲା। ଏହା ସହ ୯ଟି ବାଇକ୍, ତିନୋଟି କାର୍, ୩୧ଟି ମୋବାଇଲ ଫୋନ୍ ଏବଂ ଜୁଆ ଖେଳରେ ବ୍ୟବହୃତ ତାସମୁଠାକୁ ମଧ୍ୟ ଜବତ କରିଥିଲା। ନିଛାଟିଆ ଜଙ୍ଗଲ ଭିତରେ ହଠାତ୍ ପୁଲିସର ଏହିର୍ଦ୍ଦଉ ହୋଇଥିବାରୁ ଜୁଆଡିମାନେ ଖସିଯିବାର ସୁଯୋଗ ପାଇନଥିଲେ। ଏନେଇ ହେମଗିରି ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।

● ନୂଆଗାଁରେ ଜିଲ୍ଲାପାଳଙ୍କ ଯୁଗ୍ମ ଶୁଣାଣି

# ୨୦ ପଞ୍ଚାୟତରୁ ୬୦ ଅଭିଯୋଗ

ରାଉରକେଲା, ୧।୬(ସମିସ): ସୋମବାର ନୂଆଗାଁ ବ୍ଲକ୍ ପରିସରରେ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ଯୁଗ୍ମ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର, ପାନପୋଷ ଉପଜିଲ୍ଲାପାଳ ଚନ୍ଦ୍ରକାନ୍ତ ମଲ୍ଲିକ, ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌର, ପିଏ ଆଇଟିଡିଏ ବିକ୍ରାନି କିସପଟ୍ଟା, ରାଉରକେଲା ବନ ବିଭାଗ ଅଧିକାରୀ ରବିକାନ୍ତ ମୀନା, ବୀରମିତ୍ରପୁର ତହସିଲଦାର ଗୌରୀ ନାୟକ, ଜିଲ୍ଲାଶିକ୍ଷାଧିକାରୀ ମୁରଲୀଧର ବେହେରା, ନୂଆଗାଁ ବିଡିଓ ଜ୍ୟୋତି ବିକାଶ ଦାସ, ସହକାରୀ ଯନ୍ତ୍ରୀ ମହାଦେବ ମୁର୍ମୁ ଏବଂ ଜିଲ୍ଲାସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନଶୁଣାଣିରେ ନୂଆଗାଁ ବ୍ଲକର ମୋଟ ୨୦ ଟି ପଞ୍ଚାୟତରୁ ୬୦ ଟି ଭିନ୍ନ ଭିନ୍ନ ଅଭିଯୋଗ ଆସିଥିଲା। ତନ୍ମଧ୍ୟରୁ ୪୧ ଟି ଗୋଷ୍ଠୀଗତ ଅଭିଯୋଗ ଥିବାବେଳେ ୧୯ ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ଏଥିମଧ୍ୟରୁ ୨ଟି ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ଏହାବ୍ୟତୀତ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ଆର୍ôଥକ ସହାୟତା ପାଇଁ ଦୁଇବ୍ୟକ୍ତି ଆବେଦନ କରିଥିଲେ। ଆଜି ଆସିଥିବା ଅଭିଯୋଗଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ରାସ୍ତାଘାଟ ସମସ୍ୟା, ପେନସନ, ବିଦ୍ୟୁତ୍ ସମସ୍ୟା, ରାସନ୍ କାର୍ଡ ସମସ୍ୟା,



ପାନୀୟ ଜଳ ସମସ୍ୟା ଆଦି ପ୍ରମୁଖ ରହିଥିଲା। କାଳବୈଶାଖୀରେ ବିଦ୍ୟୁତ ତାର ଛିଣ୍ଡିଲେ ମରାମରି କାର୍ଯ୍ୟପାଇଁ ଦୀନ ଗ୍ରାମବାସୀଙ୍କୁ ୨/୩ ଦିନ ଅନ୍ଧାରରେ ରହିବାକୁ ପଡୁଛି ବୋଲି ଅନେକ ପଞ୍ଚାୟତରୁ ଅଭିଯୋଗ ଆସିଥିଲା। ଘରବାରି ପଟ୍ଟା, ଜମିମାପ, ବିଭିନ୍ନ ସାର୍ଟିଫିକେଟ ପ୍ରଦାନ ନେଇ ଅହେତୁକ ବିଳମ୍ବ ହେଉଥିବାବେଳେ ଠିକ ସମୟରେ କୌଣସି କାମ ହେଉନ ଥିବା ଲୋକେ ଅଭିଯୋଗ କରିଥିଲେ। ସେହିଭଳି ନୂଆଗାଁ ମାର୍କେଟରେ ଶୌଚାଳୟ ନିର୍ମାଣ ନେଇ ଦୀର୍ଘ ଦିନର ଦାବୀକୁ ପୁନର୍ବାର ନୂଆଗାଁବାସୀ ଅଭିଯୋଗକୁ ଦୋହରାଇ ଥିଲେ। ବାଗଡେଗା-ଖୁଣ୍ଟଗାଁରେ ବସ୍ତିଲୋକେ ବସୁଧା ଜଳ ପ୍ରକଳ୍ପରେ ପାଣି ପାଉ ନ ଥିବା ଅଭିଯୋଗ କରିଛନ୍ତି। ନୂଆରାସନ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନରେ ସମସ୍ୟା, ନୂତନ ଭତ୍ତା ପାଇଁ ଲୋକେ ବାରମ୍ବାର ବ୍ଲକ ଦୌଡିବା ଭଳି ଅନେକ ସମସ୍ୟା ନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପାନୀୟ ଜଳଯୋଗାଣ, ରାସ୍ତାଘାଟ ନିର୍ମାଣ, କଲଭର୍ଟ ନିର୍ମାଣ, ହାତିବାରୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ନୂତନ ଗୃହ ନିର୍ମାଣ ନେଇ ଦାବି ହୋଇଥିଲା। ଜନଶୁଣାଣିରେ ଆସିଥିବା ମୋଟ ୬୦ ଟି ଅଭିଯୋଗ କିପରି ସମାଧାନ ହେଇ ପାରିବ, ତା ଉପରେ ପ୍ରାଥମିକତା ଦିଆଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ। ନୂଆଗାଁ ବିଡିଓ ଜ୍ୟୋତି ବିକାଶ ଦାଶ ପରିଚାଳନା କରିଥିଲେ।

# ଡିଜେଲ ରେଳ ଇଞ୍ଜିନ କାର୍ଯ୍ୟର ଶୁଭାରମ୍ଭ



ରାଉରକେଲା,୧।୬(ସମିସ): ରାଉରକେଲା ଇସ୍ପାତ କାରଖାନାର ଟ୍ରାଫିକ ଓ କଞ୍ଚାମାଲ ବିଭାଗର ଲୋକୋମୋଟିଭ୍ ଶେଡ୍‌ଠାରେ ଦୁଇଟି ଡିଜେଲ ରେଳ ଇଞ୍ଜିନ ଦ୍ୱାରା କାର୍ଯ୍ୟ ଶୁଭାରମ୍ଭ ହୋଇଛି। ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ଏହି ରେଳ ଇଞ୍ଜିନଗୁଡ଼ିକୁ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ସିଜିଏମ୍ ଇନ୍‌ଚାର୍ଜ (ସେବା) ଅତିଶ ଚନ୍ଦ୍ର ସରକାର, ସିଜିଏମ୍ (ରକ୍ଷଣାବେକ୍ଷଣ) ଏସ୍‌ଏସ୍ ରାୟ ଚୌଧୁରୀ, ସିଜିଏମ୍ (ବୈଦ୍ୟୁତିକ) ଦୀପକ ରାୟ, ସିଜିଏମ୍ (ଟ୍ରାଫିକ୍ ଓ କଞ୍ଚାମାଲ) କୌଶିକ ସୁନ୍ୟାନୀ ଏବଂ ଟି ଆଣ୍ଡ ଆର୍‌ଏମ୍ ବିଭାଗର ଅନେକ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ। ଏହି ଦୁଇଟି ରେଳଇଞ୍ଜିନ ମଧ୍ୟରୁ ଆର୍‌ଏସ୍‌ପି ନମ୍ବର ୧୪୨୮ କୁ ଭାରତୀୟ ରେଳବାଇର ତ୍ରିଚି ସ୍ଥିତ ଗୋଲ୍ଡେନ ରକ୍ ୱାର୍କସପ୍ ଠାରେ ଏହାର ପ୍ରଥମ ପିରିଓଡିକ୍ ଓଭରହଲିଂ - ପିଓଏଚ୍ କରାଯିବା ପରେ ପୁନଃ କାର୍ଯ୍ୟକ୍ଷମ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ ପ୍ରାରମ୍ଭିକ ଭାବେ ୨୦୦୯ରେ ଆର୍‌ଏସ୍‌ପିରେ ସାମିଲ ହୋଇଥିବା ଏହି ଇଞ୍ଜିନକୁ ୨୩ ଅକ୍ଟୋବର ୨୦୨୫ ରେ ପିଓଏଚ୍ ପାଇଁ ପଠାଯାଇଥିଲା ଏବଂ ଏହା ୨୮ ଏପ୍ରିଲ ୨୦୨୬ରେ ଫେରିଥିଲା। ଏହି ପିଓଏଚ୍‌ର ଆନୁମାନିକ ଖର୍ଚ୍ଚ ପ୍ରାୟ ୪.୪୦ କୋଟି ଟଙ୍କା। ଗୋଲ୍ଡେନ ରକ୍‌ର ଏହି ବ୍ୟାପକ ପିଓଏଚ୍ ପ୍ରକ୍ରିୟା, ସାଧାରଣତଃ ଏହି ଶ୍ରେଣୀର ରେଳ ଇଞ୍ଜିନଗୁଡ଼ିକ ପାଇଁ ପ୍ରତି ୮-୯ ବର୍ଷରେ ଥରେ କରାଯାଇଥାଏ, ଯେଉଁଥିରେ ସମ୍ପୂର୍ଣ୍ଣ ଯନ୍ତ୍ରାଂଶ ଖୋଲାଯିବା, ଇଞ୍ଜିନ ବ୍ଲକ୍ ସର୍ଭିସିଂ, ସିଲିଣ୍ଡର ହେଡ୍ ଏବଂ କ୍ରାଙ୍କସାଫ୍ଟ ମରାମତି ବା ପରିବର୍ତ୍ତନ, କମ୍ପ୍ରେସର, ଅଲ୍‌ଟରନେଟର ଏବଂ ରେକ୍ଟିଫାୟାରର ଓଭରହଲିଂ, ଅଣ୍ଡରକ୍ୟାରେଜ୍ ଏବଂ ଟ୍ରାକ୍ସନ ମୋଟର ମରାମତି, ଆବଶ୍ୟକତା ଅନୁଯାୟୀ ଚକ ବଦଳାଇବା ବା ସେଥିରେ ସୁଧାର ଆଣିବା, ଲୋଡ୍ ଟେଷ୍ଟିଂ ଏବଂ ସମ୍ପୂର୍ଣ୍ଣ ବଡିର ପୁନଃ ରଙ୍ଗକାର୍ଯ୍ୟ ଅନ୍ତର୍ଭୁକ୍ତ। ହାରାହାରି ଭାବେ, ପ୍ରତିବର୍ଷ ଆର୍‌ଏସ୍‌ପିର ତିନୋଟି ରେଳଇଞ୍ଜିନ ପିଓଏଚ୍ ପାଇଁ ଗୋଲ୍ଡେନ ରକ୍‌କୁ ପଠାଯାଏ। ଏହି ପିଓଏଚ୍ ପ୍ରକ୍ରିୟା ରେଳ ଇଞ୍ଜିନକୁ ପ୍ରାୟ ଏକ ନୂଆ ଅବସ୍ଥାକୁ ଫେରାଇ ଆଣିଥାଏ ଏବଂ ଏହାଦ୍ୱାରା ଏହାର କାର୍ଯ୍ୟକାଳ ଆଉ ୮-୯ ବର୍ଷ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଦ୍ୱିତୀୟ ରେଳ ଇଞ୍ଜିନ, ଆର୍‌ଏସ୍‌ପି କଲ୍ ନମ୍ବର ୧୪୩୧, ଭାରତୀୟ ରେଳବାଇର ବନାରସ ଲୋକୋମୋଟିଭ୍ ୱାର୍କସରୁ ୧୦.୬୩ କୋଟିଟଙ୍କା ବ୍ୟୟରେ ଅଣାଯାଇଥିବା ଏକସମ୍ପୂର୍ଣ୍ଣ ନୂତନ ଇଞ୍ଜିନ ଅଟେ। ଆର୍‌ଏସ୍‌ପିର ରେଳଇଞ୍ଜିନ ସମଷ୍ଟିରେ ଏହି ଦୁଇଟି ଇଞ୍ଜିନ ସାମିଲ ହେବାଦ୍ୱାରା, କାରଖାନାର ଭିତରେ ଏବଂ ବାହାରେ ପରିବହନ ବାଧାମୁକ୍ତ ଓ ସୁଗମ ହେବ। କାର୍ଯ୍ୟ ପରିଚାଳନା ପାଇଁ ରେଳ ଇଞ୍ଜିନଗୁଡ଼ିକର ବିଶ୍ୱସନୀୟତା ଏବଂ ଉପଲବ୍ଧତା ଯଥେଷ୍ଟ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

# ଚାଷୀ ସଂଗଠନର ବୈଠକ; ନୂତନ କର୍ମକର୍ତ୍ତା ଚୟନ

ବଣାଇଁ,୧।୬(ସମିସ): ବଣାଇଁଗଡ଼ ବ୍ଲକ୍ ଅଧୀନ କେନାଭେଟା ପଞ୍ଚାୟତର ଧରଣୀଧର ପାଲି ଆମ୍ବତୋଟା ଠାରେ ବଣାଇଁଗଡ଼ ବ୍ଲକର ବିଭିନ୍ନ ପଞ୍ଚାୟତର ଚାଷୀ ସଂଗଠନକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଚାଷୀମାନଙ୍କ ବିଭିନ୍ନ ସମସ୍ୟା ଓ ତାହାର ସମାଧାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକ ଆରମ୍ଭରେ ଚାଷୀମାନଙ୍କ ଉପସ୍ଥିତିରେ ସଂଗଠନର ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ସମ୍ପନ୍ନ ହୋଇଥିଲା। ସର୍ବସମ୍ମତି କ୍ରମେ ବାଣେଶ୍ୱର ସାହୁ ସଭାପତି, ବିଧୁଭୂଷଣ ବେହେରା ସମ୍ପାଦକ, ଚିତ୍ରସେନ ରଣା ଉପସଭାପତି ଏବଂ ଲିଙ୍ଗରାଜ କିଷାନ ସହ-ସମ୍ପାଦକ ଭାବେ ମନୋନୀତ ହୋଇଥିଲେ। ସେହିପରି ଉପଦେଷ୍ଟା ଭାବେ ବିନାଶନ ବେହେରା, ଚଇତୁ କିଷାନ, ଜୀବନ ପ୍ରଧାନ, ଜଗମୋହନ ସେନାପତି ଓ ଶ୍ୱେତ ବସନ୍ତ ବିଶ୍ୱାଳଙ୍କୁ ମନୋନୀତ କରାଯାଇଥିଲା। କମିଟିର ସଦସ୍ୟ ଭାବେ ଅନୀଲ କିଷାନ, ରାଜେଶ କୁମାର ଭୋଇ, ଚନ୍ଦନ ସାହୁ, ଅଶୋକ ତ୍ରିପାଠୀ, ଶୁକଦେବ ସାହୁ, ଶଙ୍କର



ସାହୁ, ଗଜାନନ ପାତ୍ର, ପ୍ରହ୍ଲାଦ ପ୍ରଧାନ, ଜୟନ୍ତ ବେହେରା ଓ ଅଶୋକ ସାହୁଙ୍କୁ ଚୟନ କରାଯାଇଥିଲା। ବୈଠକରେ ଚାଷୀମାନଙ୍କ ଧାନ ବିକ୍ରୟ ସମସ୍ୟା, ରୁକୁଡା ଜଳସେଚନ ପ୍ରକଳ୍ପର ନାଳପାଣି ଚାଷ ଜମିକୁ ପହଞ୍ଚାଇବା, ଜମିର କିସମ ପରିବର୍ତ୍ତନ ସମେତ ବିଭିନ୍ନ କୃଷିଜନିତ ସମସ୍ୟାକୁ ସରକାରଙ୍କ ଦୃଷ୍ଟିକୁ କିପରି ଆଣିହେବ ସେନେଇ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ବଣାଇଁଗଡ଼ ବ୍ଲକର ବିଭିନ୍ନ ପଞ୍ଚାୟତର ବହୁ ସଂଖ୍ୟକ ଚାଷୀ ଯୋଗଦେଇ କୃଷି ଓ ଚାଷୀ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗରେ ମତାମତ ରଖିଥିଲେ।

# ଦକ୍ଷତା ବିକାଶ ମାଧ୍ୟମରେ ଗ୍ରାମୀଣ ମହିଳା ସଶକ୍ତ



ରାଉରକେଲା,୧।୬(ସମିସ): ସାଂସ୍କୃତିକ ସଂରକ୍ଷଣ ସହିତ ଅର୍ଥନୈତିକ ସଶକ୍ତୀକରଣକୁ ସମ୍ମିଳିତ କରି ରାଉରକେଲା ଇସ୍ପାତ କାରଖାନା, ଆର୍ଥିକ ବର୍ଷ ୨୦୨୫-୨୬ ମଧ୍ୟରେ ଅନେକ ଶିଳ୍ପ-ଆଧାରିତ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ହାତକୁ ନେଇ ଅନେକ ମହିଳାଙ୍କୁ ସଶକ୍ତ କରିଥିବା ସୂଚନା ମିଳିଛି। ଏହାର ସିଏସ୍‌ଆର କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମୀଣ ମହିଳାଙ୍କୁ ପାରମ୍ପାରିକ କଳା ଏବଂ ହସ୍ତଶିଳ୍ପ କ୍ଷେତ୍ରରେ ପ୍ରଶିକ୍ଷିତ କରାଯାଇଥିଲା, ଯାହା ସେମାନଙ୍କୁ ନିଜର ପୁରାତନ ଦକ୍ଷତାକୁ ସ୍ଥାୟୀ ଜୀବିକା ନିର୍ବାହର ସୁଯୋଗରେ ରୂପାନ୍ତରିତ କରିବାରେ ସାହାଯ୍ୟ କରୁଛି। ଏହିପରି ଏକ ପ୍ରୟାସ ସ୍ୱରୂପ, ଲିଣ୍ଡ୍ରା ବିଶ୍ରା, ଝିରପାଣି ଆର.ଏସ୍. କଲୋନୀ ଏବଂ ଜଲଦା ଆର.ଏସ୍. କଲୋନୀର ମହିଳାମାନଙ୍କ ପାଇଁ ଏକ ୩୦ ଦିନିଆ ବାଉଁଶ ଶିଳ୍ପ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମେସର୍ସ ଏନରିଡ୍ ଏବଂ ନିର୍ମାଣ, ରାଞ୍ଚିର ସହଯୋଗରେ ଆରଏସପିର ସିଏସଆର କାର୍ଯ୍ୟକ୍ରମ ଅଧୀନରେ ଅଂଶଗ୍ରହଣକାରୀମାନଙ୍କୁ ବାଉଁଶ ଶିଳ୍ପର ବ୍ୟାବହାରିକ ଜ୍ଞାନ ପ୍ରଦାନ କରିଥିଲା, ତତ୍କାଳ ଆର୍ଥିକ ଲାଭ ସୁନିଶ୍ଚିତ କରିବା ପାଇଁ, ପ୍ରତ୍ୟେକ ପ୍ରଶିକ୍ଷିତ କାରିଗରଙ୍କୁ ୫୦ଟି ବାଉଁଶ ଟୋକେଇ ତିଆରିର ଏକ କାର୍ଯ୍ୟାଦେଶ ମଧ୍ୟ ପ୍ରଦାନ କରାଯାଇଥିଲା। ଓଡ଼ିଶାର ସମୃଦ୍ଧ କଳାକୃତି ଐତିହ୍ୟକୁ ସଂରକ୍ଷିତ ରଖିବା ପାଇଁ ନିଜର ପ୍ରୟାସ ଜାରି ରଖି ଆର୍‌ଏସ୍‌ପି ୧ ନଭେମ୍ବର ୨୦୨୫ରେ ସୁଇଡିହି ଗ୍ରାମରେ ଏକ ପଟ୍ଟଚିତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲା। ଉଲ୍ଲେଖଯୋଗ୍ୟ ଯେ ପ୍ରାୟ ୧୨.୫୮ ଲକ୍ଷଟଙ୍କାର ପ୍ରକଳ୍ପ ବ୍ୟୟ ଅଟକଳରେ ପରିଚାଳିତ ଏହି କାର୍ଯ୍ୟକ୍ରମ ଦ୍ୱାରା ବର୍ତ୍ତମାନ ୧୨ ଜଣ ମହିଳା ଉପକୃତ ହେଉଛନ୍ତି। ଦକ୍ଷ କାରିଗରମାନଙ୍କ ଦ୍ୱାରା ସୁସଂଗଠିତ ପ୍ରଶିକ୍ଷଣ ମାଧ୍ୟମରେ ହିତାଧିକାରୀମାନେ ଏହି ପ୍ରସିଦ୍ଧ ପାରମ୍ପରିକ କଳାର ଜଟିଳ କୌଶଳ ଶିଖୁଛନ୍ତି, ଯାହା ସେମାନଙ୍କୁ ଶତାବ୍ଦୀ ପୁରୁଣା ସାଂସ୍କୃତିକ ସ୍ମାରକୀକୁ ସଂରକ୍ଷିତ ରଖିବା ସହିତ ବଜାର ଗ୍ରହଣୀୟ ଉତ୍ପାଦ ପ୍ରସ୍ତୁତ କରିବାକୁ ସକ୍ଷମ କରୁଛି। ସୃଜନଶୀଳ କଳା ମାଧ୍ୟମରେ ମହିଳା ସଶକ୍ତୀକରଣକୁ ଆଉ ଏକ ନୂତନ ଦିଗ ଦେଇ, ଆରଏସପି 'ଲିଡ୍ସ', ରାଞ୍ଚିର ସହଯୋଗରେ ଏକ କନ୍ଥା ସିଲେଇ ଏବଂ କପଡ଼ା ଚିତ୍ରକଳା ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିଛି। ଏହି କାର୍ଯ୍ୟକ୍ରମ ଦ୍ୱାରା ନୂଆଗାଁ ଗ୍ରାମର ଦାରିଦ୍ର୍ୟ ସୀମାରେଖାତଳେ ଥିବା ପରିବାରର ୨୦ ମହିଳା ଉପକୃତ ହେଉଛନ୍ତି। ଏଥିରେ ପ୍ରଶିକ୍ଷାର୍ଥୀମାନଙ୍କ ଦ୍ୱାରା ପ୍ରସ୍ତୁତ ଉତ୍ପାଦଗୁଡ଼ିକୁ ତୃତୀୟ ମାସରୁ ହିଁ ବିକ୍ରୟ କେନ୍ଦ୍ର ଗୁଡ଼ିକ ସହ ଯୋଡ଼ା ଯାଉଛି, ଯାହା ଆୟ ରୋଜଗାର ପାଇଁ ଏକ ସିଧାସଳଖ ମାର୍ଗ ସୁନିଶ୍ଚିତ କରୁଛି। ଆର୍‌ଏସ୍‌ପି ପାରମ୍ପରିକ ଶିଳ୍ପର ବିକାଶ କରି ଏବଂ ସେଗୁଡ଼ିକୁ ଆଧୁନିକ ବଜାରର ସୁଯୋଗ ସହିତ ଯୋଡ଼ି ସାଂସ୍କୃତିକ ସଂରକ୍ଷଣ, ମହିଳା ସଶକ୍ତୀକରଣ ଏବଂ ସ୍ଥାୟୀଜୀବିକା ସୃଷ୍ଟିର ଏକ ସଫଳ ସମନ୍ୱୟ ରକ୍ଷା କରିବାକୁ ପ୍ରୟାସ କରୁଛି।

# ଗରିବଙ୍କ ପେଟକୁ ଦାନା ଯୋଗାଉଛି କେନ୍ଦୁପତ୍ର



ବଣାଇଁ,୧।୬ (ସମିସ): ଗ୍ରୀଷ୍ମ ଋତୁ ଆସିଲେ ଜଙ୍ଗଲ ଅଞ୍ଚଳରେ ଆରମ୍ଭ ହୋଇଯାଏ କେନ୍ଦୁ ପତ୍ର ସଂଗ୍ରହ। ସୁନ୍ଦରଗଡ଼ ଜିଲ୍ଲା ସହ ବଣାଇଁ ଉପଖଣ୍ଡର ବିଭିନ୍ନ ଜଙ୍ଗଲରେ ହଜାର ହଜାର ଆଦିବାସୀ ଓ ଗରିବ ପରିବାର କେନ୍ଦୁପତ୍ର ସଂଗ୍ରହ କରି ଜୀବିକା ନିର୍ବାହ କରୁଛନ୍ତି। ପ୍ରତିବର୍ଷ ଏପ୍ରିଲ ମାସରୁ କେନ୍ଦୁପତ୍ର ତୋଳା କାମ ଆରମ୍ଭ ହୋଇଥାଏ। ପ୍ରଭାତରୁ ମହିଳା, ପୁରୁଷ ଓ ଶିଶୁମାନେ ଜଙ୍ଗଲକୁ ଯାଇ ପତ୍ରତୋଳି ସେଗୁଡିକୁ ସୁଖାଇ ଗୁଛା ବାନ୍ଧି ଫଡିରେ ଜମା କରିଥାନ୍ତି।

ଚଳିତ ବର୍ଷ ସରକାରଙ୍କ ପକ୍ଷରୁ ପ୍ରତି ୧୦୦୦ କେନ୍ଦୁ ପତ୍ର ଗୁଛା ପିଛା ପ୍ରାୟ ୨୨୦ ରୁ ୨୫୦ ଟଙ୍କା ପର୍ଯ୍ୟନ୍ତ ମଜୁରୀ ନିର୍ଦ୍ଧାରଣ ହୋଇଥିବା ସୂଚନା ମିଳିଛି। ଏକ ପରିବାର ଦିନକୁ ୨ ରୁ ୪ ହଜାର ପତ୍ର ଗୁଛା ସଂଗ୍ରହ କରି ପ୍ରାୟ ୫୦୦ ରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ଆୟ କରୁଥିବା କହିଛନ୍ତି । ତେବେ ଜଙ୍ଗଲରେ ପ୍ରଚଣ୍ଡ ଖରା, ବିଷାକ୍ତ ପୋକମାକଡ଼ ଭୟ, ବନ୍ୟପ୍ରାଣୀ ଆତଙ୍କ ଓ ତୀବ୍ର ଗରମ ମଧ୍ୟରେ ସଂଗ୍ରାହକମାନେ କାମ କରୁଥିବା ବେଳେ ଏହି ମଜୁରୀ ଯଥେଷ୍ଟ ନୁହେଁ ବୋଲି ଅନେକେ ଅଭିଯୋଗ କରିଛନ୍ତି। କେତେକ ସ୍ଥାନରେ ଫଡି ଖୋଲିବାରେ ବିଳମ୍ବ ଓ ପାଉଣା ଟଙ୍କା ମିଳିବାରେ ଡେରି ହେଉଥିବାରୁ ସଂଗ୍ରାହକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ୟପଟେ କେନ୍ଦୁପତ୍ର ବିଡି ଶିଳ୍ପର ମୁଖ୍ୟ କଞ୍ଚାମାଳ ହେବାରୁ ଏହାର ଚାହିଦା ଅଧିକ ରହିଛି। ରାଜ୍ୟ ସରକାରଙ୍କୁ ଏହାଦ୍ୱାରା କୋଟି କୋଟି ଟଙ୍କା ରାଜସ୍ୱ ମିଳୁଥିବା ବେଳେ ସଂଗ୍ରାହକଙ୍କ ମଜୁରୀ ଆହୁରି ବୃଦ୍ଧି କରିବାକୁ ଦାବି କରିଛନ୍ତି।

# ବିଦ୍ୟୁତ୍ ଖୁଣ୍ଟରେ ବାଇକ୍ ଧକ୍କା; ଯୁବକ ମୃତ

ବଣାଇଁ,୧।୬(ସମିସ): ସୁନ୍ଦରଗଡ଼ ଜିଲ୍ଲାର ମହୁଲପଦା ଥାନା ଅଧୀନ ମହୁଲଡିହାଝିଙ୍କନାଳୀ ରାସ୍ତାରେ ସୋମବାର ଅପରାହ୍ନରେ ଘଟିଥିବା ଏକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକହେଲେ ମାଲୁ ମୁଣ୍ଡା (୨୫)। ସୋମବାର ଅପରାହ୍ନରେ ମାଲୁମୁଣ୍ଡା ତାଙ୍କର ବାଇକରେ ମହୁଲଡିହାରୁ ଝିଙ୍କନାଳୀ ଛକ ଅଭିମୁଖେ ଯାଉଥିଲେ। ଝିଙ୍କନାଳୀ ଛକ ନିକଟରେ ହଠାତ୍ ବାଇକ୍‌ର ନିୟନ୍ତ୍ରଣ ହରାଇ ସେ ରାସ୍ତା କଡ଼ରେ ଥିବା ଏକ ବିଦ୍ୟୁତ ଖୁଣ୍ଟରେ ଧକ୍କା ଦେଇଥିଲେ। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ମହୁଲପଦା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ତଦନ୍ତ ଆରମ୍ଭ କରିଛି। ଆସନ୍ତାକାଲି ଶବ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି।

'ଏକତ୍ର' ପକ୍ଷରୁ ଆଲୋଚନାଚକ୍ର

# ଦର୍ଶକଙ୍କ ନିକଟକୁ ନାଟକ ଯିବାର ସମୟ ଆସିଛି: ସୁବୋଧ ପଟ୍ଟନାୟକ

ରାଉରକେଲା,୧।୬(ସମିସ)

ଘଡିସନ୍ଧି ମୁହୂର୍ତ୍ତରେ ଗତି କରୁଛି ନାଟକ ଏବଂ ନାଟ୍ୟକାର। ନାଟକକୁ ବଞ୍ଚାଇବାକୁ ହେଲେ ଏବେ ନାଟକକୁ ଦର୍ଶକଙ୍କ ନିକଟକୁ ଯିବାର ସମୟ ଆସିଛି ବୋଲି ରାଉରକେଲା ଇସ୍ପାତ ସହରର ୨୭ଟି ନାଟ୍ୟାନୁଷ୍ଠାନକୁ ନେଇ ଗଠିତ 'ଏକତ୍ର' ପକ୍ଷରୁ ଆୟୋଜିତ ''ସମକାଳୀନ ନାଟକରେ ସମ୍ବାଦ, ସୃଜନ ଓ ସଂଭାବନା' ଶୀର୍ଷକ ଏକ ଆଲୋଚନାଚକ୍ରରେ କହିଛନ୍ତି ବିଶିଷ୍ଟ ନାଟ୍ୟରଥୀ ଏବଂ ପ୍ରଖ୍ୟାତ ଆଲୋଚକ ସୁବୋଧ ପଟ୍ଟନାୟକ।

ସେକ୍ଟର-୭ସ୍ଥିତ ମଧୁମଣ୍ଡପ ଠାରେ 'ଏକତ୍ର' ପକ୍ଷରୁ ଆୟୋଜିତ ଏହି ଆଲୋଚନାଚକ୍ରରେ ବିଶିଷ୍ଟ ନାଟ୍ୟରଥୀ ସୁବୋଧ ପଟ୍ଟନାୟକ ଆଲୋଚକ ରୂପେ ଯୋଗଦେଇ କହିଲେ ନାଟକର ଉପଭୋକ୍ତା ହେଉଛି ଦର୍ଶକ, ସେ ଶ୍ରୋତା ନୁହେଁ। ନାଟକର ଆଖି ପାଇଁ ଖାଦ୍ୟ କେତେ ଉନ୍ନତ ହେବ, ତାହା ଆଗାମୀ ଦିନ ବିଚାର କରିବ। ସମୟ ଆସିଛି ନାଟକକୁ ଦର୍ଶକଙ୍କ ପାଖକୁ ଯିବାକୁ ପଡିବ ଓ ଇଂରେଜ ଶୈଳୀର ପ୍ରେକ୍ଷାଳୟର



ପରଦା ପ୍ରଥାରୁ ଭାରତୀୟ ନାଟକକୁ ମୁକ୍ତ କରିବାକୁ ପଡ଼ିବ। ୧୯୫୦ ମସିହାରୁ ଏଯାବତ୍ ନାଟକର ବିଭିନ୍ନ ସ୍ତର ବିଷୟରେ ଆଲୋଚନା କରି ଗ୍ରାମାଞ୍ଚଳ, ସହର, ଆଧୁନିକତା ବିଷୟରେ ସେ ବିସ୍ତୃତ ଆଲୋଚନା କରିଥିଲେ। ପ୍ରକୃତ ନାଟୁଆ ସିଏ, ଯିଏ ଦର୍ଶକ ହୋଇ ନାଟକ ଦେଖିବାକୁ ଭଲପାଏ, ନାଟକ କରେ ନାହିଁ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଇସ୍ପାତ କାରଖାନାର ଲୋକ ସମ୍ପର୍କ ବିଭାଗର ମହାପ୍ରବନ୍ଧକ ଅର୍ଚ୍ଚନା ଶତପଥୀ ଯୋଗଦେଇ କହିଲେ ପରିବର୍ତ୍ତିତ ପରିସ୍ଥିତିରେ ନାଟକରେ ଭଲ ଦର୍ଶକ ପାଇଁ ପ୍ରସ୍ତୁତ ହେବା, ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ଭଲ କଳାକାର ସୃଷ୍ଟି ପାଇଁ ଉଦ୍ୟମ ଜାରି ରଖିବା ଉପରେ 'ଏକତ୍ର' ଅନୁଷ୍ଠାନର ପ୍ରୟାସ ବାସ୍ତବିକ ଅନନ୍ୟ। ଏକତ୍ରର ସଭାପତି କବି ରାଜୀବ ପାଣି ଏକତ୍ରର ଆଗାମୀ ଦିନର କାର୍ଯ୍ୟକ୍ରମ ସଂପର୍କରେ ବିସ୍ତୃତ ସୂଚନା ଦେବା ସହ ଆଲୋଚ୍ୟ ପ୍ରସଙ୍ଗରେ ପୂର୍ବାଭାଷ ପ୍ରଦାନ କରିଥିଲେ। ଉପସଭାପତି ଆଲୋକ ବୋଷ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ସାଧାରଣ ସମ୍ପାଦକ ବିଜୟ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସମ୍ପାଦକ ପ୍ରସନ୍ନ କୁମାର ମହାନ୍ତି ସଂଯୋଜନା କରିଥିଲେ।

ଏହି କାର୍ଯ୍ୟକ୍ରମରେ ଏକତ୍ରର ଉପଦେଷ୍ଟା ଡାକ୍ତର କୃପାସିନ୍ଧୁ ନାୟକ, ସୁମନ ଦତ୍ତ, ଭାସ୍କର ଚନ୍ଦ୍ର ମହାପାତ୍ର, ଉପସଭାପତି ରମେଶ ଚନ୍ଦ୍ର ମହାନ୍ତି, ଆଇନ ପରାମର୍ଶଦାତା ପ୍ରଦୀପ କୁମାର ନାୟକ, ସମ୍ପାଦକ ସୁଦେଶ ନାୟକ, କୈଳାସ ପାଣିଗ୍ରାହୀ, ଶରତ ଚନ୍ଦ୍ର ଦାସ, ଡ. ସତ୍ୟମିଶ୍ର, କନକଲତା ଦାସଙ୍କ ସମେତ ଏକତ୍ର ସହବନ୍ଧିତ ଅନୁଷ୍ଠାନଗୁଡ଼ିକର କର୍ମକର୍ତ୍ତା ଯୋଗ ଦେଇଥିଲେ। ଏତଦ୍‌ବ୍ୟତୀତ ଅବସରପ୍ରାପ୍ତ ପ୍ରଶାସକ ମହେନ୍ଦ୍ର କୁମାର ପଟ୍ଟନାୟକ, କବୟତ୍ରୀ ବିଜୟଲକ୍ଷ୍ମୀ ପଟ୍ଟନାୟକ, ଶିକ୍ଷାବିତ୍ ଶର୍ମିଷ୍ଠା କବିଶତପଥୀ, ଶିଳ୍ପପତି ନିହାରିକା ବସ୍ତିଆ, ଶକ୍ତିପ୍ରସାଦ ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ। ପରିଚାଳନାରେ କୋଷାଧ୍ୟକ୍ଷ ପ୍ରଜ୍ଞାନନ୍ଦ ମହାନ୍ତି, କଲ୍ୟାଣୀ ଦାସ ଓ ସନ୍ଧ୍ୟା ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଏକତ୍ରର ସ୍ମରଣୀକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ।

# ସମସ୍ତ ଚାଷୀଙ୍କ ସବୁ ଟୋକନ ଦିଆଯାଉ

**ଅତାବିରା, ୧।୬(ସମିସ):** ଅତାବିରା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସୋମବାର ହୋଇଥିବା ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଓଡ଼ିଶା ରାଜ୍ୟ କୃଷକ ସଂଗଠନ ପକ୍ଷରୁ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଚଳିତ ରବି ଫସଲ ଧାନ କିଣାବିକାରେ ପଂଜୀକୃତ ଜମି ପରିମାଣଠାରୁ ବହୁ କମ୍ ପରିମାଣର ଟୋକନ ଆସିଥିବାରୁ ତୁରନ୍ତ ବାଦ ପଡ଼ିଥିବା ଅବଶିଷ୍ଟ ଟୋକନ ପ୍ରଦାନ କରାଯିବା, ମଣ୍ଡିରେ ଧାନ ପଡ଼ିବା ମାତ୍ରେ ଉଠାଯାଉ, ଜୁନ ୩୦ ତାରିଖ ସୁଦ୍ଧା ସମସ୍ତ ଧାନ କିଣାଯିବା ଦାବି ନେଇ କୃଷକ ସଂଗଠନ ପକ୍ଷରୁ ଦାବି ପ୍ରଦାନ କରାଯାଇଛି। ଚଳିତ ରବି ଧାନ ସଂଗ୍ରହରେ ବ୍ୟାପକ ତ୍ରୁଟି ଦେଖା ଦେଇଛି। ଚାଷୀମାନେ ଯେତିକି ପଂଜୀକରଣ କରିଛନ୍ତି ବହୁ ଚାଷୀଙ୍କ ତା'ଠୁ କମ୍ ଟୋକନ ଆସିଛି। ଚାଷ ହୋଇଥିବା ଜମି ପରିମାଣକୁ କାଟି ଦିଆଯାଇଛି। ତୁରନ୍ତ ସମସ୍ତ ଟୋକନ ଦେବା ସହ ଦ୍ୱିତୀୟ ଟୋକନ ଶୀଘ୍ର ସୃଷ୍ଟି କରିବାକୁ ଦାବି କରାଯାଇଛି। ଦାବି ପ୍ରଦାନ ସମୟରେ ସଭାପତି ଭୁବନ ପ୍ରଧାନ, ସମ୍ପାଦକ ନରେନ୍ଦ୍ର ପ୍ରଧାନ, ଚାଷୀ ନେତା ବୀରେନ୍ଦ୍ର କର, ଟିକେଲାଲ ମିଶ୍ର, ବୁଦ୍ଧଦେବ ନନ୍ଦ, ବି. ପାପାରଓ, ସଂକ୍ରାନ୍ତି, ସୁରେଶ କର୍ଣ୍ଣ, ସୁବାଷ ବିଶ୍ୱାଳ, ଦଶରଥ ଭୋଇ, ସମୀର ପ୍ରଧାନ, ଆକାଶ ପ୍ରଧାନ, ଏଙ୍କଟ ରାଓ ପ୍ରମୁଖ ଉପସ୍ଥିତ ଥିଲେ। କମ୍ ଟୋକନ ଆସିଥିବା ଚାଷୀମାନେ ୨ ଦିନ ମଧ୍ୟରେ ନିଜ ନିଜ ପ୍ୟାକ୍ସରେ ଆବଶ୍ୟକ ଦସ୍ତାବିଜ ସହ ଅଭିଯୋଗ କରିଲେ ସରକାରଙ୍କ ପାଖକୁ ରିପୋର୍ଟ ପଠାଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଉତ୍ତରରେ ୨ ଦିନ ପରିବର୍ତ୍ତେ ୪/୫ ଦିନ ସମୟ ଦେବାକୁ ଚାଷୀ ଦାବି କରିଥିଲେ।



# ମାରଣାନ୍ତକ ଆକ୍ରମଣ ଘଟଣାରେ ଜଣଙ୍କ ମୃତ୍ୟୁ

**ହତ୍ୟାକାରୀ ଗିରଫ**

**ଧାନ ଶୁଖାଇବାକୁ ନେଇ ଦୁଇ ପଡ଼ୋଶୀଙ୍କ ମଧ୍ୟରେ ହୋଇଥିଲା ଝଗଡ଼ା**

**ବରଗଡ଼, ୧।୬(ସମିସ)**

ବରଗଡ଼ ଜିଲ୍ଲା ବରପାଲି ଥାନା ଅଇଁଠାପାଲି ଗ୍ରାମରେ ଘଟିଥିବା ଏକ ମାରଣାନ୍ତକ ଆକ୍ରମଣ ଘଟଣାରେ ପୁଲିସ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଘଟଣାରେ ଗୁରୁତର ଆହତ ହୋଇଥିବା ସୁବଳ ପଧାନ(୪୦)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି।

ମେ ୩୧ ତାରିଖ ରାତି ପ୍ରାୟ ୧୦ଟା ସମୟରେ ଅଇଁଠାପାଲି ଗ୍ରାମରେ ଲିପନ ବେହେରା ଓ ସୁବଳ ପଧାନଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା। ବଚସା ଉଗ୍ର ରୂପ ଧାରଣ କରିବା ପରେ ଲିପନଙ୍କ ବାପା ଖିତିପତି ବେହେରା ଘଟଣାସ୍ଥଳରେ ପହଞ୍ଚି ସୁବଳ ପଧାନଙ୍କ ମୁଣ୍ଡକୁ ବାଉଁଶ ବେଣ୍ଟରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ସୁବଳ ଗୁରୁତର ଭାବେ ଆହତ ହୋଇ ରକ୍ତାକ୍ତ ଅବସ୍ଥାରେ ପଡ଼ିଯାଇଥିଲେ। ତାଙ୍କୁ ତୁରନ୍ତ ବରପାଲି ସିଏଚ୍‌ସିରେ ଭର୍ତ୍ତି କରାଯାଇଥିଲା। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୁବଳଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ପତ୍ନୀ ସରସ୍ୱତୀ ପଧାନଙ୍କ ଅଭିଯୋଗ ଆଧାରରେ ବରପାଲି ଥାନାରେ ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଛି। ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଅଇଁଠାପାଲି ଗ୍ରାମର ଲିପନ ବେହେରା (୨୧) ଓ ତାଙ୍କ ବାପା ଖିତିପତି ବେହେରା (୫୧)ଙ୍କୁ ପୁଲିସ ଗିରଫ କରିଛି। ଘଟଣାରେ ବ୍ୟବହୃତ ବାଉଁଶ ବେଣ୍ଟକୁ ମଧ୍ୟ ପୁଲିସ ଜବତ କରିଛି। ବରପାଲି ପୁଲିସ ଘଟଣାର ସମସ୍ତ ଦିଗକୁ ନେଇ ତଦନ୍ତ ଜାରି ରହିଛି ବୋଲି ବରଗଡ଼ ଏସ୍‌ପି ରବୀନ୍ଦ୍ର ନାଥ ଶତପଥୀ ସାମ୍ବାଦିକ ସମ୍ମିଳନୀ ପ୍ରକାଶ କରିଛନ୍ତି।

# କୃଷି ଅଧିକାରୀଙ୍କ ଅନୁପସ୍ଥିତରୁ ଚାଷୀଙ୍କ ଅସନ୍ତୋଷ

**ଅମ୍ବାଭୋନା, ୧।୬(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ କୃଷି ବିଭାଗରେ କୃଷି ଅଧିକାରୀଙ୍କ ଅନୁପସ୍ଥିତିକୁ ନେଇ ଚାଷୀ ଓ ସାଧାରଣଜନତାଙ୍କ ମଧ୍ୟରେ ଅସନ୍ତୋଷ ବଢୁଥିବା ଦେଖିବାକୁ ମିଳିଛି।ସୋମବାର ଦିନ ଗଣମାଧ୍ୟମ ପ୍ରତିନିଧିମାନେ ତଥ୍ୟ ସଂଗ୍ରହ ପାଇଁ ଅମ୍ବାଭୋନା କୃଷି କାର୍ଯ୍ୟାଳୟକୁ ଯାଇଥିବା ବେଳେ କୃଷି ଅଧିକାରୀ ଉପସ୍ଥିତ ନଥିବା ଜଣାପଡ଼ିଥିଲା।ପରେ ତାଙ୍କ ସହ ଫୋନ ଯୋଗେ ଯୋଗାଯୋଗ କରାଯାଇଥିବାରୁ ସେ ବରଗଡ଼ ଜିଲ୍ଲା କୃଷି କାର୍ଯ୍ୟାଳୟରେ ଥିବା ସୂଚନା ଦେଇଥିଲେ।ତେବେ ସ୍ଥାନୀୟ ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ, ସେମାନେ ଆବଶ୍ୟକ ସମୟରେ କୃଷି ଅଧିକାରୀଙ୍କୁ ଭେଟି ନିଜ ସମସ୍ୟା ଉପସ୍ଥାପନ କରିପାରୁନାହାନ୍ତି।ଆଗାମୀ ମୌସୁମୀ ଋତୁକୁ ଦୃଷ୍ଟିରେ ରଖି ସାର ବଣ୍ଟନ, ଫାର୍ମର ଆଇଡି, ବିଭିନ୍ନ ସରକାରୀ ଯୋଜନା ଓ ଚାଷ ସମ୍ପର୍କିତ ସମସ୍ୟା ନେଇ ସେମାନେ ଅଧିକାରୀଙ୍କ ସହ ଆଲୋଚନା କରିବାକୁ ଚାହୁଁଥିଲେ ମଧ୍ୟ ସେହି ସୁଯୋଗ ପାଉନାହାନ୍ତି।ଏନେଇ କାର୍ଯ୍ୟାଳୟରେ ଉପସ୍ଥିତ ସହକାରୀ କୃଷି ଅଧିକାରୀଙ୍କୁ ପଚାରିବାରୁ ସେ ସଠିକ ତଥ୍ୟ ଦେବାରେ ଅସମର୍ଥ ହୋଇଥିଲେ। ସେ କହିଥିଲେ ଯେ ବାରମ୍ବାର ଜିଲ୍ଲାସ୍ତରୀୟ ବୈଠକରେ ଯୋଗଦେବାକୁ ପଡୁଥିବା ବେଳେ ଏକାସାଙ୍ଗରେ ଅମ୍ବାଭୋନା ଓ ଭଟଲି ଦୁଇଟି ବ୍ଲକର ଦାୟିତ୍ୱ ସମ୍ଭାଳୁଥିବାରୁ ସମସ୍ତ କାର୍ଯ୍ୟରେ ପର୍ଯ୍ୟାପ୍ତ ସମୟ ଦେବା ସମ୍ଭବ ହେଉନାହିଁ।ଅନ୍ୟପକ୍ଷରେ ବରଗଡ଼ ଜିଲ୍ଲା କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରାଯିବାରୁ ସେ କହିଥିଲେ ଯେ ବିଭାଗରେ ଆବଶ୍ୟକ କର୍ମଚାରୀଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ କାର୍ଯ୍ୟରତ ଥିବା ବେଳେ ୬୦ ପ୍ରତିଶତ ପଦବୀ ଖାଲି ପଡ଼ିରହିଛି।କର୍ମଚାରୀ ଅଭାବ ଯୋଗୁଁ ବିଭିନ୍ନ ବ୍ଲକରେ ସେବା ପ୍ରଦାନରେ ସମସ୍ୟା ଦେଖାଦେଉଛି।ତେଣୁ ଚାଷୀମାନେ କୃଷି ବିଭାଗରେ ଖାଲି ପଦବୀ ପୂରଣ ସହ ଅମ୍ବାଭୋନା ବ୍ଲକରେ ନିୟମିତ ଭାବେ କୃଷି ଅଧିକାରୀଙ୍କ ଉପସ୍ଥିତି ସୁନିଶ୍ଚିତ କରିବା ପାଇଁ ସରକାରଙ୍କ ହସ୍ତକ୍ଷେପ ଦାବି କରିଛନ୍ତି।

**ବିକାଶ ସ୍କୁଲ ଅଫ୍ ବିଜ୍‌ନେସ୍ ମ୍ୟାନେଜ୍‌ମେଣ୍ଟ ଛାତ୍ରଛାତ୍ରୀଙ୍କ ସଫଳତା**

# ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ସ୍ୱର୍ଣ୍ଣ ପଦକ ସହ ର୍ୟାଙ୍କ

**ବରଗଡ଼, ୧।୬(ସମିସ):** ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଅନୁଷ୍ଠିତ ବିସିଏ ପରୀକ୍ଷାରେ ବିକାଶ ସ୍କୁଲ ଅଫ୍ ବିଜ୍‌ନେସ୍ ମ୍ୟାନେଜମେଣ୍ଟର ଛାତ୍ରଛାତ୍ରୀ ଚମତ୍କାର ସଫଳତା ହାସଲ କରି ଅନୁଷ୍ଠାନ ଓ ସମଗ୍ର ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ଅନୁଷ୍ଠାନର ଛାତ୍ରୀ ଆରାଧନା ପ୍ରଧାନ ୯.୬୨ ସିଜିପିଏ ହାସଲ କରି ବିଶ୍ୱବିଦ୍ୟାଳୟ ସ୍ତରରେ ପ୍ରଥମସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ଅର୍ଜନ କରିଛନ୍ତି। ସେ ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଯୋଖିପାଲି ଗ୍ରାମର ବ୍ୟବସାୟୀ ସରୋଜ କୁମାର ପ୍ରଧାନ ଏବଂ ଶ୍ରାବଣୀ ପ୍ରଧାନ କନିଷ୍ଠ କନ୍ୟା। ଅନୁଷ୍ଠାନର ଅନ୍ୟ ଛାତ୍ରଛାତ୍ରୀମାନେ ମଧ୍ୟ ବିଶ୍ୱବିଦ୍ୟାଳୟସ୍ତରରେ ଉଚ୍ଚ ର୍ୟାଙ୍କ ହାସଲ କରିଛନ୍ତି। ଆଦ୍ୟାଶା ରଣା ଦ୍ୱିତୀୟ ସ୍ଥାନ, ତନ୍ମୟ ମହାରଣା ପଞ୍ଚମ ସ୍ଥାନ, କେ ସାଇମନିଷା ଅଷ୍ଟମ ସ୍ଥାନ ଏବଂ ଖୁସି କୁମାରୀ ନବମ ସ୍ଥାନ ଅଧିକାର କରି କରିଛନ୍ତି।ଛାତ୍ରଛାତ୍ରୀଙ୍କ ସଫଳତା ଅନୁଷ୍ଠାନର ଗୌରବ ବୃଦ୍ଧି ବିକାଶ ସ୍କୁଲ ସ୍କୁଲ ଅଫ୍ ବିଜ୍‌ନେସ୍ ମ୍ୟାନେଜମେଣ୍ଟର ଗୁଣାତ୍ମକ ଶିକ୍ଷା, ନିୟମିତ ମାର୍ଗଦର୍ଶନ ଏବଂ ଛାତ୍ରଛାତ୍ରୀଙ୍କ ପରିଶ୍ରମର ପ୍ରତିଫଳନ ବୋଲି ମତ ପ୍ରକାଶ ପାଇଛି।ଉଲ୍ଲେଖନୀୟ କୃତୀତ୍ୱ ପାଇଁ ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସର ଚେୟାର୍‌ମ୍ୟାନ୍ ଡି. ନାଗେଶ୍ୱର ରାଓ, ଅଧ୍ୟକ୍ଷ ଡ. କ୍ଷୀରୋଦ କୁମାର ପ୍ରଧାନ, ଉପାଧ୍ୟକ୍ଷ ଦୀପକ କୁମାର ନାୟକ, ଏକାଡେମିକ କୋଅର୍ଡିନେଟର ସୌମ୍ୟା ପ୍ରିୟଦର୍ଶି ଯଦର୍ଶିନୀ ମିଶ୍ର, ବିଭାଗୀୟ ଅଧ୍ୟାପକ ବିଡ ବିଜୟ କୁମାର ବିଭାର ଏବଂ ବଂ ବିଭିନ୍ନ ବିଭାଗର ପକଅଧ୍ୟାପିକା ସମସ୍ତ ସଫଳ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



# ସୋଲାର ପାଣି ଯୋଗାଣ ବ୍ୟବସ୍ଥା ଅଚଳ

**ଝାରବନ୍ଧ, ୧।୬(ସମିସ):** ଝାରବନ୍ଧ ବ୍ଲକ ଗୋଠୁଗୁଡ଼ା ଗ୍ରାମର ଖଲିଆପଡ଼ା ବାଗପାଡ଼ାରେ ସ୍ଥାପିତ ସୋଲାର ପାୱାର ଚାଳିତ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ପ୍ରାୟ ଗୋଟିଏ ବର୍ଷ ଧରି ଅଚଳ ହୋଇ ପଡ଼ିଥିବାରୁ ସ୍ଥାନୀୟ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରୀଷ୍ମ ଋତୁରେ ଜଳ ସମସ୍ୟା ଅଧିକ ଗମ୍ଭୀର ହୋଇଥିବା ବେଳେ ବିଭାଗୀୟ ଅବହେଳାକୁ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଉଛି। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, ସୋଲାର ପାଣି ଯୋଗାଣ ପ୍ରକଳ୍ପ ଖରାପ ହେବା ପରେ ବାରମ୍ବାର ଅଭିଯୋଗ କରାଯାଇଥିଲା। ଅଭିଯୋଗ ପାଇ ବିଭାଗୀୟ କର୍ମଚାରୀମାନେ ସ୍ଥଳ ପରିଦର୍ଶନ କରି ମୋଟର ପୋଡ଼ିଯାଇଥିବା କହିଥିଲେ। ତେବେ ମରାମତି କିମ୍ବା ନୂତନ ମୋଟର ସ୍ଥାପନ ଦିଗରେ କୌଣସି ପଦକ୍ଷେପ ନିଆଯାଇନଥିବାରୁ ଆଜି ପର୍ଯ୍ୟନ୍ତ ଜଳ ଯୋଗାଣ ବନ୍ଦ ରହିଛି।ଫଳରେ ଖଲିଆପଡ଼ା ବାଗପାଡ଼ାର ଲୋକମାନେ ଦୈନନ୍ଦିନ ପାନୀୟ ଜଳ ଆବଶ୍ୟକତା ପାଇଁ ଜଣେ ବ୍ୟକ୍ତିଗତ ବୋରୱେଲ ଉପରେ ନିର୍ଭରଶୀଳ ହୋଇ ପଡ଼ିଛନ୍ତି।ସରକାର ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଥିବା ବେଳେ ଏପରି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ବର୍ଷେ ଧରି ଅଚଳ ରହିବା ବିଭାଗୀୟ ଉଦାସୀନତାକୁ ପଦାରେ ପକାଇଛି।ତୁରନ୍ତ ସୋଲାର ପାଣି ଯୋଗାଣ ବ୍ୟବସ୍ଥାର ମରାମତି କରାଯାଇ ନିୟମିତ ଜଳ ଯୋଗାଣ ସୁନିଶ୍ଚିତ କରିବାକୁ ଗ୍ରାମବାସୀ ସମ୍ପୃକ୍ତ ବିଭାଗ ଓ ପ୍ରଶାସନଙ୍କ ନିକଟରେ ଦାବି କରିଛନ୍ତି।

# ଆପ୍‌ର ସଦସ୍ୟତା ଅଭିଯାନ

**ବରଗଡ଼, ୧।୬(ସମିସ):**ଓଡ଼ିଶାରେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନକୁ ଧ୍ୟାନରେ ରଖି ଆମ୍ ଆଦମୀ ପାର୍ଟି ଏହାର ସଂଗଠନ ବିସ୍ତାର ଓ ସଦସ୍ୟତା ଅଭିଯାନ ଆରମ୍ଭ କରିଛି। ଆସନ୍ତା ଜୁନ ୧୦ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ସଦସ୍ୟତା କାର୍ଯ୍ୟକ୍ରମ ଚାଲିବ। ବରଗଡ଼ ପାର୍ଟି କାର୍ଯ୍ୟାଳୟରେ ସୂଚନା ଦେଇଛନ୍ତି ରାଜ୍ୟ ସମ୍ପାଦକ ଭବାନୀ ସାହୁ, ଜିଲ୍ଲା ସଭାପତି ଯଦୁମଣି ପ୍ରଧାନ, ନାରୀନେତ୍ରୀ ମାରିୟମ ବାର୍ଲା। ସଦସ୍ୟତା ପାଇଁ ୯୯୩୮୭୦୦୦୧ ମିସ କଲ ନମ୍ବର ଜାରି କରିଛି। ଏହି ନମ୍ବରରେ ମିସ୍ କଲ କଲେ ଗୋଟିଏ ଏସଏମଏସ ଆସିବ ତାହାକୁ ଟଚ୍ କଲେ ଗୋଟିଏ ଅନଲାଇନ ଫର୍ମ ଖୋଲିବ ତାହାକୁ ପୂରଣ କରି ସବମିଟ କଲେ ଜଣେ ପାର୍ଟିର ସଦସ୍ୟ ହୋଇ ପାରିବ ବୋଲି ଶ୍ରୀ ସାହୁ କହିଛନ୍ତି।

# କୁଚିଆ ମଦ ଭାଟି ବନ୍ଦ ଦାବି

**ବରଗଡ଼, ୧।୬(ସମିସ):** ଝାରବନ୍ଧ ବ୍ଲକ କୁମୀର ଗ୍ରାମରେ ଚାଲୁଥିବା କୁଚିଆ ମଦ ଭାଟିକୁ ବନ୍ଦ କରିବା ଦାବିରେ ଗ୍ରାମବାସୀ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଦୀର୍ଘ ଦିନ ଧରି ଗ୍ରାମରେ ମଦ ଭାଟି ଚାଲୁ ରହିଥିବା ବେଳେ ଏହା ଗ୍ରାମର ଶାନ୍ତି ଓ ସାମାଜିକ ସମନ୍ୱୟ ଉପରେ କୁପ୍ରଭାବ ପକାଉଥିବା ଅଭିଯୋଗ ହୋଇଛି। ମଦ ସେବନକୁ କେନ୍ଦ୍ର କରି ଗ୍ରାମରେ ବିଭିନ୍ନ ସାମାଜିକ ସମସ୍ୟା ସୃଷ୍ଟି ହେଉଥିବାରୁ ଗ୍ରାମବାସୀ ଚିନ୍ତା ପ୍ରକାଶ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣେ ବ୍ୟକ୍ତି କୁଚିଆ ମଦ ଭାଟି ଚାଲାଉଥିବାରୁ ଗ୍ରାମର ଶାନ୍ତି-ଶୃଙ୍ଖଳା ବାଧାପ୍ରାପ୍ତ ହେଉଛି। ମଦ୍ୟପାନକୁ କେନ୍ଦ୍ର କରି ଝଗଡ଼ା, ଅଶାନ୍ତି ଏବଂ ସମାଜବିରୋଧୀ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ନେଇ ସେମାନେ ଜିଲ୍ଲାପାଳଙ୍କୁ ଅବଗତ କରାଇଛନ୍ତି। ଏନେଇ ଗ୍ରାମବାସୀ ବରଗଡ଼ ଜିଲ୍ଲାପାଳଙ୍କ ଏବଂ ଝାରବନ୍ଧ ପ୍ରଶାସନର ଦ୍ୱାରସ୍ଥ ହୋଇ ଏହି ମଦ ଭାଟିକୁ ତୁରନ୍ତ ବନ୍ଦ କରିବାକୁ ଦାବି ଜଣାଇଛନ୍ତି। ଏପରି ବେଆଇନ କାର୍ଯ୍ୟକଳାପ ଉପରେ କଡ଼ା ପଦକ୍ଷେପ ଗ୍ରହଣ କରାଯାଇ ଗ୍ରାମରେ ଶାନ୍ତି, ସୁରକ୍ଷା ଓ ସାମାଜିକ ପରିବେଶ ବଜାୟ ରଖିବାକୁ ପ୍ରଶାସନଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି ଗ୍ରାମବାସୀ। ଗ୍ରାମର ଶାନ୍ତି, ସୁରକ୍ଷା ଓ ସାମାଜିକ ପରିବେଶକୁ ସୁଦୃଢ଼ କରିବା ପାଇଁ ଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଗ୍ରାମବାସୀ ଆଶା ପ୍ରକାଶ କରିଛନ୍ତି।



# କ୍ରୀଡ଼ା ଶିକ୍ଷୟିତ୍ରୀଙ୍କ ଅବସର ଗ୍ରହଣ

**ପଦ୍ମପୁର, ୧।୬(ସମିସ):** ପଦ୍ମପୁର ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଶାରୀରିକ ଶିକ୍ଷା ଶିକ୍ଷୟିତ୍ରୀ ନୀଳିମା ରାଣୀ ମହାନ୍ତି ଅବସର ଗ୍ରହଣ ଉପଲକ୍ଷେ ବିଦ୍ୟାଳୟ ପକ୍ଷରୁ ଭାବ ବିହ୍ୱଳ ବିଦାୟୀ ସମାରୋହ ଆୟୋଜିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପହଣ୍ଡି ବିଜୟ ମେହେର, ବରିଷ୍ଠ ଶିକ୍ଷକ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ, ଜ୍ୟୋସ୍ନା ରାଣୀ ସାହୁ ତଥା ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ନୀଳିମା ରାଣୀ ମହାନ୍ତିଙ୍କ ଦୀର୍ଘ କାର୍ଯ୍ୟଜୀବନ ମଧ୍ୟରେ ସେ ଛାତ୍ରୀମାନଙ୍କ ମଧ୍ୟରେ ଶୃଙ୍ଖଳା, କ୍ରୀଡ଼ାଭାବନା ଏବଂ ସ୍ୱାସ୍ଥ୍ୟ ସଚେତନତା ଗଢ଼ି ତୋଳିବାରେ ଅମୂଲ୍ୟ ଅବଦାନ ରଖିଥିବା ମତ ପ୍ରକାଶ କରିଥିଲେ। ଶେଷରେ ବିଦାୟୀ ଶିକ୍ଷୟତ୍ରୀଙ୍କୁ ପୁଷ୍ପଗୁଚ୍ଛ, ଉପହାର ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ରାଜବୋଡ଼ାସମ୍ବର ବ୍ଲକ୍‌ରେ ଏସ୍‌ଆଇଆର୍ ସ୍ୱତନ୍ତ୍ର ତାଲିମ

**ପଦ୍ମପୁର, ୧।୬(ସମିସ):** ଓଡ଼ିଶାରେ ଭୋଟର ତାଲିକାକୁ ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ କରିବା ପାଇଁ ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍‌ଆଇଆର୍ ) ଅଭିଯାନ ଆରମ୍ଭ ହୋଇଛି। ପଦ୍ମପୁରର ସ୍ଥାନୀୟ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରସ୍ଥ ଓସୱାନ୍ ହଲ୍‌ରେ ବ୍ଲକ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଇଣ୍ଟେନସିଭ୍ ରିଭିଜନ୍ (ଏସ୍‌ଆଇଆର) କାର୍ଯ୍ୟକ୍ରମ ଲାଗି ସ୍ୱତନ୍ତ୍ର ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ଲକ ଅଧୀନସ୍ଥ ସମସ୍ତ ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କୁ ଭୋଟର ତାଲିକା ସଂଶୋଧନ ଓ ଏନୁମେରେସନ୍ ଫର୍ମର ଡିଜିଟାଇଜଡ୍ ଡାଟା ଏଣ୍ଟ୍ରି ସମ୍ବନ୍ଧରେ ଅବଗତ କରିବା ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ପ୍ରଦାନ କରାଯାଇଛି।ତାଲିମ କାର୍ଯ୍ୟକ୍ରମରେ ମହୁଲପାଲି ପଞ୍ଚାୟତର ଆକାଉଣ୍ଟାଣ୍ଟ କମ୍ ଡାଟା ଏଣ୍ଟ୍ରି ଅପରେଟର ଦୁର୍ଯ୍ୟୋଧନ ସାହୁ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ ଡିଜିଟାଲ ପଦ୍ଧତିରେ ତଥ୍ୟ ପରିଚାଳନା ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମେନକା ମେହେର ମଧ୍ୟ ଏକ ସ୍ୱତନ୍ତ୍ର ଅଧିବେଶନ ନେଇ ବିଏଲ୍‌ଓମାନଙ୍କୁ ସଚେତନ କରିଥିଲେ। ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମରେ ରାଜବୋଡ଼ାସମ୍ବର ବ୍ଲକରୁ ସମୁଦାୟ ୧୩୬ ଜଣ ବିଏଲ୍‌ଓ ଏବଂ ୧୩ ଜଣ ସୁପରଭାଇଜର ଅଂଶଗ୍ରହଣ କରିଥିଲେ। ପଦ୍ମପୁର ଅତିରିକ୍ତ ଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ସରୋଜିନୀ ପ୍ରସନ୍ନ କୁଲ୍ଲୁ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ।କାର୍ଯ୍ୟକ୍ରମରେ ପଦ୍ମପୁର ଡେପୁଟି କଲେକ୍ଟର ଭବାନୀ ଶଙ୍କର ମହନ୍ତ ମଧ୍ୟ ଉପସ୍ଥିତ ରହି ଉପସ୍ଥିତ କର୍ମଚାରୀମାନଙ୍କୁ ସଠିକ୍ ଭାବେ ତଥ୍ୟ ପରିଚାଳନା ପାଇଁ ପରାମର୍ଶ ଦେଇଥିଲେ।

# ଅତାବିରାରେ ମିଳିତ ଜନଅଭିଯୋଗ ଶୁଣାଣି



**ଅତାବିରା, ୧।୬(ସମିସ):** ଅତାବିରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ରବୀନ୍ଦ୍ର ନାଥ ଶତପଥୀଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀ ଶତପଥୀଙ୍କ ସମେତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା, ବରଗଡ଼ ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର କୁବେର ମହନ୍ତ, ଅତାବିରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରିପୁନାଥ ସୁନା, ଡେପୁଟି କଲେକ୍ଟର ସୁମତି ପଣ୍ଡା, ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ନାୟକ ଏବଂ ବ୍ଲକ ଉପାଧ୍ୟକ୍ଷ ଅନନ୍ତ ମେହେର ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଅଧାରିତ ସମୁଦାୟ ୧୫୯ ଗୋଟି ଅଭିଯୋଗ ମଧ୍ୟରୁ ୧୩୯ ଟି ବ୍ୟକ୍ତିଗତ ଏବଂ ୨୦ଟି ସାମୂହିକ ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଅମ୍ବାଭୋନା, ୧।୬ (ସମିସ):** ରୁଚିଦାରେ ଆଜି ବିଲେଇଗଡ଼ ସରକାରୀ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରବିଶଙ୍କର ପଧାନଙ୍କୁ ରୁଚିଦା କ୍ଲଷ୍ଟର ପକ୍ଷରୁ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ପ୍ରଦାନ କରାଯାଇଛି। ଏହି ସଭା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରୁଚିଦା ପରିସରରେ ଅନୁଷ୍ଠିତ ହୋଇଥିଲା। ସମ୍ବର୍ଦ୍ଧନା ସଭାରେ ଡ. ରାଜକୁମାର ବଘେଲ, ଦୁର୍ଯ୍ୟୋଧନ କାଲୋ, ବିଦ୍ୟାଧର ପସାଏତ, ରାମଚନ୍ଦ୍ର ପଧାନ ଏବଂ ସୁବନାଥ ପଧାନ ବିଦାୟୀ ଗୁରୁ ରବିଶଙ୍କର ପଧାନଙ୍କ ଶିକ୍ଷାଦାନ, କର୍ତ୍ତବ୍ୟନିଷ୍ଠା ଓ ସୁଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। କ୍ଲଷ୍ଟର ପକ୍ଷରୁ ପ୍ରଦତ୍ତ ମାନପତ୍ରକୁ ତୁଷାର ପଧାନ ପାଠ କରିଥିଲେ। ଭାଗିରଥୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



# ମାନସିକ ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା

**ପଦ୍ମପୁର, ୧।୬(ସମିସ):** ମାନସିକ ସ୍ୱାସ୍ଥ୍ୟ ପ୍ରତି ସଚେତନତା ସୃଷ୍ଟି, ସାମାଜିକ କଳଙ୍କ ଓ ଭ୍ରାନ୍ତ ଧାରଣା ଦୂରୀକରଣ ଉଦ୍ଦେଶ୍ୟରେ 'ପଲ୍ଲୀ ଆଲୋକ ପାଠାଗାର' ଏବଂ 'ବେସିକ ନିଡ୍ସ ଇଣ୍ଡିଆ'ର ମିଳିତ ଆନୁକୂଲ୍ୟରେ ନୃସିଂହନାଥ ଧର୍ମଶାଳାରେ ସମୁଦାୟ ମାନସିକ ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆଶା ଓ ଅଙ୍ଗନବାଡ଼ି କର୍ମୀ, ସ୍ୱେଚ୍ଛାସେବୀ ଏବଂ ସମାଜର ବିଭିନ୍ନ ବର୍ଗର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ପ୍ରକଳ୍ପ ସଂଯୋଜିକା ରମିଳା ପଧାନ ସମସ୍ତଙ୍କୁ ସ୍ୱାଗତ ଜଣାଇ ମାନସିକ ସ୍ୱାସ୍ଥ୍ୟକୁ ଏକ ସୁସ୍ଥ ସମାଜର ମୂଳ ଆଧାର ଭାବେ ଅଭିହିତ କରିଥିଲେ।ପ୍ରକଳ୍ପ ସଂଯୋଜକ ହୀରାଲାଲ ମିଶ୍ର ବର୍ତ୍ତମାନର ଚାପପୂର୍ଣ୍ଣ ଜୀବନଶୈଳୀ, ଆର୍ଥିକ ଅନିଶ୍ଚିତତା ଓ ନିଶାସକ୍ତି ଯୋଗୁଁ ବଢୁଥିବା ମାନସିକ ସମସ୍ୟାର ପ୍ରାରମ୍ଭିକ ଚିହ୍ନଟ ଓ ଚିକିତ୍ସାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ।ଫିଲ୍ଡ ୱାର୍କ ଅଫିସର ରଞ୍ଜନ ପାଣ୍ଡେ ଅତ୍ୟଧିକ ଦୁଃଖ, ନିଦ୍ରା ସମସ୍ୟା, ଆସହତ୍ୟା ପ୍ରବୃତ୍ତି ବିଷୟରେ ବୁଝାଇଥିଲେ। ମାନସିକ ରୋଗକୁ ନେଇ ସମାଜରେ ଥିବା ଅନ୍ଧବିଶ୍ୱାସର ବୈଜ୍ଞାନିକ ଖଣ୍ଡନ କରି ସାଧାରଣ ରୋଗ ଭଳି ଦେଖିବାକୁ ଆହ୍ୱାନ ଦେଇଥିଲେ।କର୍ମଶାଳାର ଶେଷ ଭାଗରେ ସ୍ୱାସ୍ଥ୍ୟକର୍ମୀ ଓ ଗୋଷ୍ଠୀ ପ୍ରତିନିଧିମାନଙ୍କୁ ନେଇ ଦଳଗତ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଗ୍ରାମାଞ୍ଚଳରେ ସଚେତନତା, ଘର ପରିଦର୍ଶନ, ପ୍ରାରମ୍ଭିକ ଚିହ୍ନଟ ଓ ପରିବାର ପରାମର୍ଶକୁ କିପରି ଅଧିକ ପ୍ରଭାବଶାଳୀ କରାଯାଇପାରିବ, ସେ ନେଇ ରୋଡମାପ୍ ପ୍ରସ୍ତୁତ ହୋଇଥିଲା।ଶେଷରେ ପ୍ରଶାନ୍ତ ଥାପା ଧନ୍ୟବାଦ ଅର୍ପଣ କରିଥିଲେ।

# ବରତୁଣ୍ଡାରେ ବିଜେଡି କର୍ମୀ ସମ୍ମିଳନୀ

**ପାଇକମାଲ, ୧।୬(ସମିସ):** ବରତୁଣ୍ଡା ପଞ୍ଚାୟତରେ ବିଜୁ ଜନତା ଦଳ ପକ୍ଷରୁ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଦଳୀୟ ସଂଗଠନକୁ ଅଧିକ ସୁଦୃଢ଼ କରିବା, ତୃଣମୂଳ ସ୍ତରରେ କର୍ମୀମାନଙ୍କୁ ସକ୍ରିୟ କରିବା ଏବଂ ଦଳର ସାଙ୍ଗଠନିକ କାର୍ଯ୍ୟକ୍ରମକୁ ଗତିଶୀଳ କରିବା ଉଦ୍ଦେଶ୍ୟରେ ଏହି ସମ୍ମିଳନୀ ଆୟୋଜନ କରାଯାଇଥିଲା। ସମ୍ମିଳନୀରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମୀମାନଙ୍କୁ ସମ୍ବୋଧିତ କରିଥିଲେ। ସେ କହିଥିଲେ ଯେ, ଦଳର ମୂଳ ଶକ୍ତି ହେଉଛନ୍ତି ତୃଣମୂଳ ସ୍ତରର କର୍ମୀ। ସେମାନଙ୍କର ନିଷ୍ଠା, ପରିଶ୍ରମ ଏବଂ ଜନସାଧାରଣଙ୍କ ସହ ସିଧାସଳଖ ସମ୍ପର୍କ ହିଁ ଦଳକୁ ଶକ୍ତିଶାଳୀ କରିଥାଏ। ଲୋକଙ୍କ ସମସ୍ୟା ଓ ଆବଶ୍ୟକତାକୁ ପ୍ରାଥମିକତା ଦେଇ କାମ କରିବାକୁ ସେ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗୌତମ ସିଂ, ବିଜୁ ସ୍ୱାଇଁ, ହୃଦାନନ୍ଦ ବାରିକ, ଟାଇଲ ଚନ୍ଦ୍ର ଭୋଇ ଓ ନରସିଂହ ବନଛୋର ଯୋଗଦେଇ ଦଳୀୟ ସଂଗଠନର ସୁଦୃଢ଼ୀକରଣ ଉପରେ ମତ ରଖିଥିଲେ। ସେମାନେ କର୍ମୀମାନଙ୍କୁ ଏକତାବଦ୍ଧ ହୋଇ ଦଳର ଆଦର୍ଶ ଓ ନୀତିକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବରତୁଣ୍ଡା ସରପଞ୍ଚ ରୀତା ସୁନା ମଧ୍ୟ ଉପସ୍ଥିତ ରହି କର୍ମୀମାନଙ୍କୁ ସ୍ୱାଗତ ଜଣାଇଥିଲେ। ସମ୍ମିଳନୀରେ ପଞ୍ଚାୟତର ବିଭିନ୍ନ ୱାର୍ଡ ଓ ଗ୍ରାମରୁ ବହୁ ସଂଖ୍ୟକ ବିଜେଡି କର୍ମୀ ଓ ସମର୍ଥକ ଯୋଗ ଦେଇଥିଲେ। ଦଳୀୟ କାର୍ଯ୍ୟକଳାପ, ସଂଗଠନ ବିସ୍ତାର ଓ ଜନସମ୍ପର୍କ ବୃଦ୍ଧି ସମ୍ପର୍କରେ ଆଲୋଚନା ହୋଇଥିଲା। ସମ୍ମିଳନୀ ଶେଷରେ ଦଳର ସାଙ୍ଗଠନିକ ଶକ୍ତିକୁ ଆହୁରି ମଜଭୁତ କରିବା ସହ ଜନସାଧାରଣଙ୍କ ସେବାରେ ନିରନ୍ତର କାର୍ଯ୍ୟ କରିବାକୁ କର୍ମୀମାନେ ସଂକଳ୍ପ ନେଇଥିଲେ। ଶେଷରେ ଗୋବିନ୍ଦ ସୁନା ଧନ୍ୟବାଦ ଦେଇଥିଲେ।



# ନିମ୍ନମାନର ଛତୁଆ ବଣ୍ଟନ ଅଭିଯୋଗର ତଦନ୍ତ

**ବରଗଡ଼, ୧।୬(ସମିସ)**

ବରଗଡ଼ ଜିଲ୍ଲାର କେତେକ କେନ୍ଦ୍ରରେ ନିମ୍ନମାନର ପୋକ ବାହାରୁଥିବା ଛତୁଆ ବଣ୍ଟନ ହେଉଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ ପାଇଁ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ସଦସ୍ୟା କଳ୍ପନା ଲେଙ୍କା ଦିନିକିଆ ବରଗଡ଼ ଜିଲ୍ଲା ଗସ୍ତରେ ଆସିଛନ୍ତି। କେତେକ ଅଙ୍ଗନବାଡ଼ି ଓ ଛତୁଆ ପ୍ରସ୍ତୁତି କେନ୍ଦ୍ର ପରିଦର୍ଶନ କରିଛନ୍ତି। ପ୍ରକୃତ ସ୍ଥିତି ଅନୁଧ୍ୟାନ କରିବା ସହ ଛତୁଆର ମାନ ଯାଞ୍ଚ କରିଛନ୍ତି। ଶ୍ରୀମତୀ ଲେଙ୍କା ବରଗଡ଼ ପୌରାଞ୍ଚଳର ୱାର୍ଡ ନମ୍ବର ୧୫, ଗୋବିନ୍ଦପାଲିସ୍ଥିତ ସୂର୍ଯ୍ୟମୁଖୀ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ଛତୁଆ ପ୍ରସ୍ତୁତି କେନ୍ଦ୍ର, ପ୍ରିୟଦର୍ଶିନୀ ଛତୁଆ କେନ୍ଦ୍ର ଏବଂ ମାଷ୍ଟରଟିକ୍ରା ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରି ଛତୁଆର ଗୁଣବତ୍ତା, ସଂରକ୍ଷଣ ବ୍ୟବସ୍ଥା ଓ ବଣ୍ଟନ ପ୍ରକ୍ରିୟାର ସମୀକ୍ଷା କରି କର୍ମଚାରୀ ଏବଂ ସମ୍ପୃକ୍ତ ପକ୍ଷଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସମୀକ୍ଷା ବୈଠକରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସମୀକ୍ଷା କରିବା ସହ ଛତୁଆର ଗୁଣବତ୍ତା ନିୟନ୍ତ୍ରଣ, ସଂରକ୍ଷଣ, ଯୋଗାଣ ବ୍ୟବସ୍ଥା, ନିରୀକ୍ଷଣ ପ୍ରକ୍ରିୟା ଏବଂ ହିତାଧିକାରୀମାନଙ୍କୁ ନିରାପଦ ଓ ଗୁଣବତ୍ତା ସମ୍ପନ୍ନ ପୁଷ୍ଟିକର ଖାଦ୍ୟ ଯୋଗାଣ ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କ ସମେତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସନ୍ଧ୍ୟାରାଣୀ ନେପାକ, ଡିସିପିଓ ମଞ୍ଜୁ ଏକ୍କା, ବରଗଡ଼ ସାଂସଦ ପ୍ରତିନିଧି ତଥା ବରିଷ୍ଠ ଆଇନଜୀବୀ ଲିପ୍ସିତ ମିଶ୍ର, ସହରାଞ୍ଚଳ ସିଡିପିଓ ରେଣୁକା ଷଡ଼ଙ୍ଗୀ, ପିଓ-କମ୍-ସୁପରିଣ୍ଟେଣ୍ଡେଣ୍ଟ ମଙ୍ଗଳିକା ଦାଶ, ସୁରେନ୍ଦ୍ର ଦାଶ, ଚାଇଲ୍ଡ ହେଲ୍ପଲାଇନ୍ ସଂଯୋଜକ ସଞ୍ଜୟ ଶତପଥୀ, ବରଗଡ଼ ଶିଶୁ କଲ୍ୟାଣ ସମିତି, ଏବଂ ଏଏସଆଇ ଭଗତ ସିଂହ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।



### ବିଭିନ୍ନ ପର୍ଯ୍ୟଟନସ୍ଥଳୀ ପରିଦର୍ଶନ କଲେ ପର୍ଯ୍ୟଟନ ସଚିବ

# ଏମ୍‌ସିଏଲ୍ ଇକୋ-ପାର୍କ, ରାମଚଣ୍ଡୀ ମନ୍ଦିର ଓ ରମ୍ଭାଲୁଗା ବିକାଶ ପାଇଁ ସମୀକ୍ଷା

ଝାରସୁଗୁଡ଼ା, ୧।୬(ସମିସ)

ଜିଲ୍ଲାରେ ପର୍ଯ୍ୟଟନର ବିକାଶ ଏବଂ ଐତିହ୍ୟର ସଂରକ୍ଷଣ କରିବା ପାଇଁ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ କମିଶନର ତଥା

## ଖୁବଶୀଘ୍ର ଆରମ୍ଭ ହେବ ମାଇନିଂ ମ୍ୟୁଜିୟମର ଦ୍ୱିତୀୟ ପର୍ଯ୍ୟାୟ କାମ

ସଚିବ ବଲୱନ୍ତ ସିଂ ଜିଲ୍ଲାର ବିଭିନ୍ନ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ପରିଦର୍ଶନ କରିଛନ୍ତି। ଏହି ଗସ୍ତ ସମୟରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଗସ୍ତର ପ୍ରଥମ ପର୍ଯ୍ୟାୟରେ ସଚିବ ଶ୍ରୀ ସିଂ ବ୍ରଜରାଜନଗରସ୍ଥିତ ଏମ୍‌ସିଏଲ୍ ଇକୋ-ପାର୍କ ପରିଦର୍ଶନ କରି ଏହାର ପ୍ରଗତି ସମୀକ୍ଷା କରିଥିଲେ। ପାର୍କ ପରିସରରେ ଥିବା ଏମ୍‌ସିଏଲ୍ ମାଇନିଂ ମ୍ୟୁଜିୟମର ସମ୍ପ୍ରସାରଣ ଉପରେ ସେ ଗୁରୁତ୍ୱ ଦେଇଥିଲେ। ବିଶେଷ କରି ପର୍ଯ୍ୟଟକମାନଙ୍କ ପାଇଁ ଭୂତଳଖଣି ବୁଲି ଦେଖିବାର ସ୍ୱତନ୍ତ୍ର ବ୍ୟବସ୍ଥା ଉପରେ ପରାମର୍ଶ ଦେଇଥିଲେ। ଏହି ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଏହାପରେ, ସେ ଇବ୍ ଏବଂ ଭେଡେନ ନଦୀର ସଙ୍ଗମସ୍ଥଳରେ ଅବସ୍ଥିତ ପ୍ରସିଦ୍ଧ ମା' ରାମଚଣ୍ଡୀ ମନ୍ଦିର ପରିଦର୍ଶନ କରିଥିଲେ। ବ୍ରଜରାଜନଗର ପୌରପାଳିକା ଅଧୀନ ଏହି ଆଧ୍ୟାତ୍ମିକସ୍ଥଳୀର ଉନ୍ନତୀକରଣ କାର୍ଯ୍ୟର



ତଦାରଖ କରିଥିଲେ। ଏହାପରେ ସଚିବ ଗୁଜା ପାହାଡ଼ ଏବଂ ପ୍ରସିଦ୍ଧ ପିକନିକ ସ୍ପଟ୍ ରମ୍ଭାଲୁଗା ପରିଦର୍ଶନ କରିଥିଲେ। ଏହି ସାମଗ୍ରୀକସ୍ଥଳୀର ସୌନ୍ଦର୍ଯ୍ୟକରଣ ଏବଂ ସର୍ବାଙ୍ଗୀନ ବିକାଶ ପାଇଁ ସେ ସ୍ଥାନୀୟ ଜନସାଧାରଣ, ମନ୍ଦିର ଟ୍ରଷ୍ଟି ଏବଂ ଅନ୍ୟାନ୍ୟଙ୍କ ସହ ଆଲୋଚନା କରିଥିଲେ। ଏହି ପରିଦର୍ଶନ ସମୟରେ ବ୍ରଜରାଜନଗର ପୌରପାଳିକାର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ, ଏମସିଏଲ୍‌ର ଜେନେରାଲ ମ୍ୟାନେଜର ଏ.କେ. ନାମଜୋଶୀ, ଏସ୍‌ଡିଓ ସୁରଥ ନାୟକ ଏବଂ ମନ୍ଦିର ଟ୍ରଷ୍ଟି ଦିଲୀପ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ଆଇପିଏଲ ବେଟିଂ; ଦୋକାନୀ ଗିରଫ

**ରାଉରକେଲା, ୧।୬ (ସମିସ):** ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ଆଇପିଏଲ ଚାଲିଥିବା ଆଇପିଏଲ ବେଟିଂ ଉପରେ ପୁଲିସର ଚଢ଼ଉ ଜାରି ରହିଛି। ଗତ ୨୮ ତାରିଖରେ ନୂଆଗାଁ ଅଞ୍ଚଳରୁ ଜଣେ ବ୍ୟକ୍ତିଙ୍କୁ ପୁଲିସ ଗିରଫ କରିଥିବା ବେଳେ ଆଜିପୁଣି କୁଆଁରମୁଣ୍ଡା ଅଞ୍ଚଳରେ ଚାଲୁଥିବା ଏକ ବେଆଇନ ଆଇପିଏଲ ବେଟିଂ ରାକେଟର ପର୍ଦ୍ଦାଫାସ କରି ବୀରମିତ୍ରପୁର ଥାନା ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।



ସୂଚନା ମୁତାବକ କୁଆଁରମୁଣ୍ଡାସ୍ଥିତ ରାଧାକୃଷ୍ଣ ମନ୍ଦିର ନିକଟରେ ଥିବା ସଞ୍ଜୟ କୁମାର ପଟ୍ଟନାୟକ ଓରଫ ବାବୁଙ୍କ ଦୋକାନରେ ସେ ଏକ ବଡଧରଣର ଆଇପିଏଲ ବେଟିଂ ଚାଲିଥିବା ନେଇ ସୂଚନା ପାଇ ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ ବୀରମିତ୍ରପୁର ଥାନା ଅଧିକାରୀ ରାମପ୍ରସାଦ ନାଗ ସଦଳବଳ ଚଢ଼ଉ କରିଥିଲେ। ଏହି ଚଢ଼ଉବେଳେ ଅନ୍ୟ ଜୁଆଡିମାନେ ଫେରାର ହୋଇଯାଇଥିବା ବେଳେ ପୁଲିସ ଦୋକାନୀ ତଥା ବେଟିଂର ମୁଖ୍ୟ ନାୟକ ସଞ୍ଜୟ କୁମାର ପଟ୍ଟନାୟକ ଓରଫ ବାବୁଙ୍କୁ ଗିରଫ କରିଥିଲେ। ପୁଲିସ ସଞ୍ଜୟଙ୍କ ନିକଟରୁ ୫, ୩୦୦ ଟଙ୍କା ଏବଂ ତାଙ୍କ ମୋବାଇଲ ଫୋନକୁ ଜବତ କରିଥିଲା। ଅଭିଯୁକ୍ତ ସଞ୍ଜୟ ବେଟିଂରୁ ଆଦାୟ ସମସ୍ତ ଟଙ୍କାକୁ ବୀରମିତ୍ରପୁର ଅନ୍ତର୍ଗତ ବନ୍ଧମୁଣ୍ଡା ଦଫେଇ ନିବାସୀ ରାଜେଶ ଜୟପୁରିଆଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର୍ମର କରୁଥିଲେ। ଏହି ବେଆଇନ ବେଟିଂ ପରିଚାଳନାରେ ତାଙ୍କୁ ଆକାଶ ସାହୁ ଓ ରାହୁଲ ଅଗ୍ରୱାଲ ସହଯୋଗ କରୁଥିଲେ ବୋଲି ସଞ୍ଜୟ ପୁଲିସ ନିକଟରେ ସ୍ୱୀକାର କରିଥିଲେ। ୭ ଲକ୍ଷ ୪୭ ହଜାର ୭୮୦ ଟଙ୍କା ସଞ୍ଜୟଙ୍କ ଫୋନ ପେ' ରୁ ଟ୍ରାନ୍ସଫର୍ମର ହୋଇଥିବା ପୁଲିସ ସଞ୍ଜୟର ଫୋନ୍ ରେକର୍ଡସରୁ ଜାଣିବାକୁ ପାଇଥିଲା। ଏ ନେଇ ପୁଲିସ ବୀରମିତ୍ରପୁର ଥାନାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଅବ୍ୟାହତ ରଖିଛି।

# ସୁରକ୍ଷା କର୍ମୀଙ୍କୁ ସୁରକ୍ଷା ଦାବିରେ ବିକ୍ଷୋଭ



**କୋଇଡ଼ା, ୧।୬ (ସମିସ):** ପରିବାର ଓ ପେଟପାଟଣା ପାଇଁ ଖରା ବର୍ଷା ହଉ ଅବା ପାହାଡ଼ିଆ ଥଣ୍ଡା, କିଛି ବି ଖାତିର ନକରି ଖଣିମାନଙ୍କୁ ସୁରକ୍ଷା ଦେଲେ, ଅପ୍ରିତିକର ପରିସ୍ଥିତିରେ ମଧ ଛାତି ଦେଖାଇ ଛିଡ଼ା ହେଲେ; ହେଲେ ଆଜି ନିଜ ସୁରକ୍ଷା ପାଇଁ ଅଲୋଡା ଖୋଦ୍ ସୁରକ୍ଷାକର୍ମୀ। ସୁନ୍ଦରଗଡ଼ ମାଇନ୍ସ ଆଣ୍ଡ ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିୟନ୍ ପକ୍ଷରୁ ଆଜି ଓଏମ୍‌ସି ଅଧୀନରେ କାର୍ଯ୍ୟରତ ଶହ ଶହ ସୁରକ୍ଷାକର୍ମୀ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ ଜାରି ରଖିଛନ୍ତି। ୨୫ ଜଣ ସିକ୍ୟୁରିଟି ଗାର୍ଡ ଓ ଡ୍ରାଇଭରଙ୍କୁ ପୁନଃ ନିଯୁକ୍ତି ଦିଆଯାଉ, ପୂର୍ବ ସିକ୍ୟୁରିଟି ସଂସ୍ଥା ମେସର୍ସ ଓମ୍ ସାଇ ସିକ୍ୟୁରିଟି ଗାର୍ଡଙ୍କ ଦରମାରୁ ପି.ଏଫ୍. ଏବଂ ଇଏସ୍‌ଆଇ. ବାବଦରେ କାଟି ରଖିଥିବା ଅର୍ଥ ସମେତ ଫେରସ୍ତ ଦିଆଯାଇ ଅନ୍ୟତମ ପୂର୍ବ ସିକ୍ୟୁରିଟି ସଂସ୍ଥା ଏସ୍‌ଆଇଏସ୍ ବାକି ରଖିଥିବା ଗ୍ରାଚ୍ୟୁଇଟି ଅର୍ଥ ସମ୍ପୃକ୍ତ ସିକ୍ୟୁରିଟି ଗାର୍ଡଙ୍କୁ ତୁରନ୍ତ ପ୍ରଦାନ ଆଦି ଦାବିନେଇ ଧାରଣା ପ୍ରଦର୍ଶନ କରାଯାଇଥିଲା। ଦାବି ପୂରଣ ନ ହେବାଯାଏ ଧାରଣା ଜାରି ରହିବ ବୋଲି ଶ୍ରମିକ ନେତା ପ୍ରଭାତ ପଣ୍ଡା ପ୍ରକାଶ କରିଛନ୍ତି।

# ନେହେନା ଗାଁରେ ବ୍ୟବସ୍ଥା ଅଛି; ଲୋକଙ୍କୁ ମିଳୁନି ପାଣି

**ଖଡ଼ିଆଳ, ୧।୬(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ନେହେନା ପଞ୍ଚାୟତରରେ ପାନୀୟ ଜଳଯୋଗାଣ ପାଇଁ ବ୍ୟବସ୍ଥା ରହିଛି ହେଲେ ପରିଚାଳନାଗତ ତ୍ରୁଟି ଯୋଗୁଁ ଲୋକଙ୍କୁ ଠିକ ସମୟରେ ପାଣି ମିଳୁନି। ସାଧାରଣ ଲୋକେ ପାଣି ପାଇଁ ତହଲ ବିକଳ ହେଉଛନ୍ତି। ପଞ୍ଚାୟତର ନେହେନା, ବିଛନାପାଲି, ବାଗପଡ଼ା, ଖମାରି ପଡ଼ା, କୋଲନି ପଡ଼ାକୁ ନେହେନା ସୁନ୍ଦର ନଦୀରୁ ୨୦୦୫ ମସିହାରୁ ଜଳ ଓ ପରିମଳ ବିଭାଗ ପକ୍ଷରୁ ଜଳ ଯୋଗାଣ ହେଉଛି ଓ ତିଖାଲି ଡ୍ୟାମ୍‌ରୁ ମଧ ମେଗା ଜଳ ଯୋଗାଣର ସୁବିଧା ରହିଛି। ହେଲେ ଦୁଇଟି ଜଳ ଯୋଗାଣ ବ୍ୟବସ୍ଥାରେ ସାମିଲ ହୋଇଛନ୍ତି ହେଲେ ନେହେନା ପଞ୍ଚାୟତପଡ଼ାକୁ ଜଳ ଯୋଗାଣ ହୋଇ ପାରୁନାହିଁ। ଏହି ପଡ଼ାର ପଚାଶ ପରିବାରର ୩ଶହରୁ ଅଧିକ ଜନସାଧାରଣ ପାଣି ପାଇଁ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ପ୍ରକାଶ ଯେ ନେହେନା ଗାଁ ନିକଟରେ ଥିବା ଡ଼ଙ୍ଗରରେ ଜଳ ଓ ପରିମଳ ବିଭାଗ ପକ୍ଷରୁ ୨୦୧୫ ମସିହାରେ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରି ଓଭର ହେଡ ପାଣି ଟାଙ୍କି ନିର୍ମାଣ ହୋଇଛି। ହେଲେ ନିର୍ମାଣ ହୋଇ ଦଶ ବର୍ଷ ବିତି ଯାଇଥିଲେ ମଧ ଟାଙ୍କିରେ ପାଣି ଚଢିପାରିଲା ନାହିଁ ଫଳରେ ଅକାମି ହୋଇ ପଡ଼ି ରହିଛି। କିଛି ମାସ ହେବ ଜଳ ଯୋଗାଣ ହେଉଛି ହେଲେ ପାଣି ଯୋଗାଣ କରୁଥିବା ମୋଟର ଯାନ୍ତ୍ରିକ ତ୍ରୁଟି ଥିବା ଯୋଗୁଁ କମ ପରିମାଣରେ ପାଣି ପଡୁଛି। ଗୋଟିଏ ବାଲଟି ପାଣି ସଂଗ୍ରହ କରିବାକୁ ପାଞ୍ଚରୁ ଦଶ ମିନିଟ ଲାଗୁଛି। ଫଳରେ ଗ୍ରାମବାସୀ ପାଣି ପାଇଁ ନାହିଁନ ଥିବା ସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ତିଖାଲି ଡ୍ୟାମ୍‌ରୁ ମେଗା ଜଳ ଯୋଗାଣ ହୋଇଛି ହେଲେ ଗତ ଏକମାସ ହେଲା ପାଇପ ଫାଟିଛି ଫଳରେ ଜଳ ଯୋଗାଣ ବନ୍ଦ ରହିଛି।



ବର୍ତ୍ତମାନ ଗ୍ରୀଷ୍ମପ୍ରବାହ ଜାରି ରହିଥିବା ବେଳେ ପାଣି ସମସ୍ୟାରେ ଲୋକେ ରହିଛନ୍ତି। ଏନେଇ ଦାୟିତ୍ୱରେ ଥିବା ଜଳ ଓ ପରିମଳ ଯନ୍ତ୍ରୀ ରାଜେନ୍ଦ୍ର କୁମାରଙ୍କୁ ଅବଗତ କରିବାରୁ ଜଳ ଯୋଗଣକୁ ହାଲକା ଭାବରେ ନେଇ ଆଜି କରିବା କାଲି କରିବା କହି କହି ଦିନ ଗଡ଼ାଇ ଚାଲିଛନ୍ତି। ଏହି ପଞ୍ଚାୟତ ପଡ଼ାର ପାଣି ସମସ୍ୟାର ସମାଧାନ ନହେଲେ ଆଗାମୀ ଦିନରେ ଖଡ଼ିଆଳ ସିନାପାଲି ମୁଖ୍ୟ ରାସ୍ତା ଅବରୋଧ କରି ଆନ୍ଦୋଳନ କରିବାକୁ ଅମର ସିଂ ରାଉତରାୟ, ମହେନ୍ଦ୍ର ଦଣ୍ଡସେନା, ପବିତ୍ର ଦଣ୍ଡସେନା, ପୁନନ୍ତ ତାଣ୍ଡି, ମନୁ ସୁନାନୀ, ଲିଙ୍ଗରାଜ ବିଶି ପ୍ରକାଶ କରିଛନ୍ତି। ଜିଲ୍ଲା ପ୍ରଶାସନ ତୁରନ୍ତ ଜଳ ଯୋଗାଣ ସ୍ୱାଭାବିକ କରିବାକୁ ଦାବି ହେଉଛି।

# ଜିଲ୍ଲା ପ୍ରଶାସନ ପକ୍ଷରୁ ଜନଶୁଣାଣି ଶିବିର



**ଝାରସୁଗୁଡ଼ା, ୧।୬(ସମିସ):** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଡିଏମ୍‌ଏଫ୍ ଅଡିଟୋରିୟମଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ମହାସମାଧାନ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସାଧାରଣ ଜନତାଙ୍କ ସମସ୍ୟାର ସରଳ ଓ ସୂଚାରୁ ସମାଧାନ ପାଇଁ ଆୟୋଜିତ ଏହି ଶିବିରରେ ମୋଟ ୯୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୫୯ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ହୋଇଥିବାବେଳେ ୩୮ଟି ସାମୂହିକ ଅଭିଯୋଗ ରହିଥିଲା। ଉକ୍ତ ଶିବିରରେ ପ୍ରତ୍ୟେକଟି ଆବେଦନକୁ ଗୁରୁତ୍ୱର ସହ ବିଚାର କରାଯାଇ କେତେକ ଜଟିଳ ସମସ୍ୟାର ତତ୍କାଳ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସମାଧାନ ଶିବିରରେ ସାଧାରଣ ପ୍ରଶାସନର ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇଙ୍କ ସମେତ ରାଜସ୍ୱ ବିଭାଗର ଅତିରିକ୍ତ ଜିଲ୍ଲାପାଳ ଲଳିତ ସୋରେଙ୍ଗ, ଏସ୍‌ପି, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ପ୍ରମୁଖ ଶୁଣାଣି କରିଥିଲେ। ଏହାସହିତ ବିଭିନ୍ନ ସ୍ଥାନରେ ଜମି ବିବାଦ ମାମଲା, ଜମି ଚିହ୍ନଟ ବା ସୀମା ନିର୍ଦ୍ଧାରଣ, ପାନୀୟଜଳ ଯୋଗାଣ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବା ପାଇଁ ହିତାଧିକାରୀମାନେ ଆବେଦନ କରିଥିଲେ। ଏହିସମସ୍ତ ସମସ୍ୟାର ସମୟସୀମା ମଧ୍ୟରେ ସମାଧାନ କରି ଲୋକଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି।

# ବ୍ରଜରାଜନଗର ଉପଖଣ୍ଡ ଏସ୍‌ପିଙ୍କ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

**ଝାରସୁଗୁଡ଼ା, ୧।୬ (ସମିସ):** ଝାରସୁଗୁଡ଼ା ଜିଲ୍ଲା ପୁଲିସ ପକ୍ଷରୁ ଆପରାଧ ନିୟନ୍ତ୍ରଣ ପାଇଁ ବ୍ରଜରାଜନଗର ମୁଖ୍ୟ ରାସ୍ତା ମଙ୍ଗଳାମନ୍ଦିର ସମ୍ମୁଖରେ ବ୍ରଜରାଜନଗର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକଙ୍କ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ସୋମବାର ସକାଳେ ଝାରସୁଗୁଡା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ, ବ୍ରଜରାଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁ, ବ୍ରଜରାଜନଗର ପୌର ପରିଷଦ ନଗରପାଳ ଗୋପାଳ ସୀତାନିଙ୍କ ସମେତ ସମସ୍ତ ଥାନାର ଅଧିକାରୀ ଓ ପୁଲିସ କର୍ମଚାରୀ ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। ଜିଲ୍ଲାରେ ଅପରାଧିକ କାର୍ଯ୍ୟକଳାପ ରୋକିବାକୁ ଝାରସୁଗୁଡା ପୁଲିସ ତତ୍‌ପର ରହିଥିବା ନେଇ ଏସ୍‌ପି ଏହି ଅବସରରେ ସୂଚନା ଦେଇ ସମସ୍ତ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ।



# ସୁନାବେଡ଼ା ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଭେଟିଲେ ଆଦିବାସୀ

**ନୂଆପଡ଼ା, ୧।୬(ସମିସ):** ସୁନାବେଡା ଅଭୟାରଣ୍ୟର ବିଭିନ୍ନ ସମସ୍ୟା ନେଇ ଆଦିବାସୀମାନେ ନୂଆପଡ଼ା ଆସି ଜିଲ୍ଲାପାଳଙ୍କୁ ଅଭିଯୋଗ ଶୁଣାଣି ଶିବିରରେ ଭେଟି ଜଣାଇଛନ୍ତି। ଜିଲ୍ଲାପାଳ ଏହାକୁ ଗୁରୁତ୍ୱର ସହ ବିଚାର କରି ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସୁନାବେଡା ପଞ୍ଚାୟତର ସରପଞ୍ଚ ରଜନୀ ଜଗତ, ପୂର୍ବତନ ସରପଞ୍ଚ ତିଳସିଂ ଭୁଞ୍ଜିଆ, ନାଏବ ସରପଞ୍ଚ ଭାଉସିଂ ମାଝୀଙ୍କ ନେତୃତ୍ୱରେ ଏକ ଟିମ୍ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ସୁନାବେଡାରୁ ସୋସେଙ୍ଗ ରାସ୍ତାରେ ଥିବା ଦୁଇଟି ପୋଲ ଭଗ୍ନ ଅବସ୍ଥାରେ ରହିଛି। ଆଗକୁ ବର୍ଷା ଦିନ ହେତୁ ସାଧାରଣଲୋକଙ୍କ ଜୀବନ ଯାତ୍ରାକୁ ପ୍ରଭାବିତ କରିବ। ତୁରନ୍ତ ପୋଲ ମରାମତି କରାଯିବା, ହସ୍ପିଟାଲରେ ଏକ ଆମ୍ବୁଲାନ୍ସ ବ୍ୟବସ୍ଥା, ସିବିଡିଏ ତରଫରୁ ଧାନ ବିହନ ଯୋଗାଇ ଦେବାକୁ ଦାବି କରାଯାଇଛି।



# ଶିକ୍ଷକଶିକ୍ଷୟିତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା

**କୋମନା, ୧।୬ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ଅଧୀନସ୍ଥ ବିଭିନ୍ନ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ବର୍ଷ ଧରି ଶିକ୍ଷାଦାନ କରି ଆସୁଥିବା ଶିକ୍ଷକ ଶିକ୍ଷୟିତ୍ରୀ ଓ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଚାକିରିକାଳ ପୂର୍ଣ୍ଣ ହେବା ପରେ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଚାକିରିରୁ ଅବସର ଗ୍ରହଣ କରିଥିବା ଶିକ୍ଷକ ହେଲେ ଧନେଶ୍ୱର ଖମାରୀ, ରମିନ ଦାସ ଏବଂ ଶିକ୍ଷୟିତ୍ରୀ ଶୁଭାଗିନୀ ଯୋଶୀ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ଶତ୍ରୁଘ୍ନ ସଗରିଆ। ଏହି ଅବସରରେ ଆୟୋଜିତ ସଭାରେ ବିଦାୟୀ ଶିକ୍ଷକମାନଙ୍କୁ କର୍ମଚାରୀମାନଙ୍କ ପକ୍ଷରୁ ଉପଢୌକନ, ବହି ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅବସର ଦିନ ହିଁ ଜଣେ ଶିକ୍ଷକ ରମିନ ଦାସଙ୍କୁ ଗୋଷ୍ଠୀ ଶିକ୍ଷାଧିକାରୀ କୋମନା ଏବଂ କଣ୍ଟ୍ରୋଲର ଅଫ୍ ଆକାଉଣ୍ଟ, ଭୁବନେଶ୍ୱରଙ୍କ ମିଳିତ ଉଦ୍ୟମରେ ଅବସର ଗ୍ରହଣ ଦିନ ହିଁ ପୂର୍ଣ୍ଣାଙ୍ଗ ପେନସନ୍ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ବିଇଓ ଅନିତା ପଣ୍ଡା, ଏବିଓ ରାଧାକାନ୍ତ ତାଣ୍ଡି, ବଳମତ ମାଝୀ, ବ୍ଲକର ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ ଓ ସ୍ଥାନୀୟ ଶିକ୍ଷକ ସଂଘମାନେ ଉପସ୍ଥିତ ରହି ବିଦାୟୀ ଶିକ୍ଷକମାନଙ୍କର ସୁସ୍ଥ ଓ ନିରାମୟ ଭବିଷ୍ୟତ ଜୀବନ କାମନା କରିଥିଲେ।

# ମୁଖ୍ୟମନ୍ତ୍ରୀ କପ୍ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ଭବାନୀପାଟଣା, ୧।୬ (ସମିସ):** ଭବାନୀପାଟଣାସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଗତ ୨୬ ତାରିଖ ଠାରୁ ଚାଲିଥିବା ମୁଖ୍ୟମନ୍ତ୍ରୀ କପ ଭଲିବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳରେ ବାଳକ ବିଭାଗର ଇଣ୍ଟରା ରେଡ ଚାମ୍ପିଅନ ହୋଇଥିବାବେଳେ ବାଳିକା ବିଭାଗରେ ଇଣ୍ଟରାବ୍ଲୁ ଚାମ୍ପିଅନ ହୋଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶା କ୍ରିକେଟ ଆସୋସିଏସନର ଉପସଭାପତି ତଥା ଜିଲ୍ଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ଜଗମୋହନ ପଟ୍ଟନାୟକ, ସଂସ୍ଥାର କାର୍ଯ୍ୟକାରୀ ସଭାପତି ତଥା ଓଡ଼ିଶା ଆରଚେରୀ ଆସୋସିଏସନର ଉପସଭାପତି ସୁନୀଲ କୁମାର ବେହେରା, ସଂସ୍ଥାର ଯୁଗ୍ମ ସମ୍ପାଦକ କାଳୀ ପ୍ରସାଦ ପଟ୍ଟନାୟକ ଓ ଚକ୍ରଧର ସେଠି, କୋଷାଧ୍ୟକ୍ଷ ସରଦାର ନିର୍ମଳ ସିଂ, ଖେଳ ସମ୍ପାଦକ ଧିରେନ୍ଦ୍ର କୁମାର ପଟ୍ଟନାୟକ, କଳାହାଣ୍ଡିର ଭେଟରାନ ଫୁଟବଲ ଆସୋସିଏସନର ସଭାପତି, କିଶୋର ସାହୁ ପ୍ରମୁଖ ଯୋଗଦେଇ ବିଜେତା ଓ ଉପ ବିଜେତା ଦଳଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ଉଦ୍‌ଯାପନୀ ସମାରୋହ ପୂର୍ବରୁ କଳାହାଣ୍ଡି ଜିଲ୍ଲାର ପୂର୍ବତନ ଜିଲ୍ଲା କ୍ରୀଡା ଅଧିକାରୀ ତଥା ରାଜ୍ୟ କ୍ରିଡା ବିଭାଗର ଉପନିର୍ଦ୍ଦେଶକ ସ୍ୱର୍ଗତ ଅଶୋକ ମହାନ୍ତିଙ୍କ ଆତ୍ମାର ସଦ୍‌ଗତି ଲାଗି ନିରବ ପ୍ରାର୍ଥନା କରାଯାଇଥିଲା। ଓଡ଼ିଶା ସରକାରଙ୍କର କ୍ରୀଡା ବିଭାଗ, ରାଜ୍ୟ କ୍ରୀଡା ସଂଗଠନ, କଳାହାଣ୍ଡି ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା କ୍ରୀଡା ସଂସ୍ଥାର ମିଳିତ ଆନୁକୂଲ୍ୟରେ କ୍ରୀଡା ଅନୁଷ୍ଠିତ ହୋଇଥିଲା।




# ସାଂସଦଙ୍କୁ ଭେଟିଲେ ଲାଞ୍ଜିଗଡ଼ରୋଡ୍ ପଞ୍ଚାୟତ ଅଞ୍ଚଳବାସୀ



**ଲାଞ୍ଜିଗଡ଼, ୧।୬(ସମିସ):** ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ରୋଡ଼ ପଞ୍ଚାୟତ ତଥା ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ଏବଂ ସ୍ଥାନୀୟ ବିକାଶକୁ ନେଇ କଳାହାଣ୍ଡି ସାଂସଦ ମାଳବିକା ଦେବୀଙ୍କୁ ସାକ୍ଷାତ କରିଛି ଏକ ପ୍ରତିନିଧି ଦଳ। ପଞ୍ଚାୟତବାସୀଙ୍କ ତରଫରୁ ସାଂସଦଙ୍କୁ ଦାବିପତ୍ର ପ୍ରଦାନ କରାଯିବା ସହ ଅଞ୍ଚଳର ବିଭିନ୍ନ ଜନସେବା ସମ୍ବନ୍ଧୀୟ ସମସ୍ୟା ଉପରେ ସବିଶେଷ ଆଲୋଚନା କରାଯାଇଛି। ଦାବିପତ୍ରରେ ମୁଖ୍ୟତଃ ଆଞ୍ଚଳିକ ଯୋଗାଯୋଗ, ଶିକ୍ଷା ଓ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତିକରଣ ଉପରେ ଗୁରୁତ୍ୱ ଦିଆଯାଇଛି। ସେଗୁଡ଼ିକ ମଧ୍ୟରେ ସିକେରକୁପା ଠାରୁ ଜାମପଦର ମୁଖ୍ୟରାସ୍ତା ନିର୍ମାଣ। ସ୍ଥାନୀୟ ଅଞ୍ଚଳରେ ଏକ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ସ୍ଥାପନ। ସ୍ଥାନୀୟ ଡାକ୍ତରଖାନାରେ ସ୍ଥାୟୀ ଡାକ୍ତର ନିଯୁକ୍ତି। ଭୂନିରୀକ୍ଷକ ଏବଂ ପ୍ରାଣୀ ଚିକିତ୍ସାଳୟ ପାଇଁ ନୂତନ ଗୃହ ନିର୍ମାଣ। କାଉଗୁଡା ଓ ଲାଞ୍ଜିଗଡ଼ରୋଡ଼ ରାସ୍ତା ଉପରେ ସ୍ଥାୟୀ ପୋଲ ନିର୍ମାଣ। ସମସ୍ତ ଦାବିକୁ ସାଂସଦ ଗମ୍ଭୀରତାର ସହ ଶୁଣିବା ସହ ଆଗାମୀ ଦିନରେ ସମସ୍ୟାର ଶୀଘ୍ର ସମାଧାନ ଦିଗରେ ଦୃଢ଼ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସାକ୍ଷାତକାର ସମୟରେ ପଞ୍ଚାୟତର ପ୍ରତିନିଧି ଭାବେ ଚନ୍ଦ୍ରଶେଖର ମହାପାତ୍ର, ମିଳନ ମହାପାତ୍ର, ସୌମ୍ୟ ରଞ୍ଜନ ପାତ୍ର, ଉଆଁସୁ ପରଭୋଇ, ରଶ୍ମି ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ସରକାରଙ୍କ 'ସୂର୍ଯ୍ୟ ଘର' ବିଜ୍ଞାପନ ଚମକ

# ବିଦ୍ୟୁତ୍ ବିଭାଗର ଚରମ ଅବହେଳା

ଧର୍ମଗଡ଼, ୧।୬(ସମିସ)

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସୌର ଶକ୍ତିର ବ୍ୟବହାର ବଢ଼ାଇବା ପାଇଁ 'ପିଏମ୍ ସୂର୍ଯ୍ୟ ଘର :ମୁଫବିଜୁଳି ଯୋଜନା'ବ୍ୟାପକ ପ୍ରଚାର ପ୍ରସାର କରାଯାଉଛି। ଗ୍ରାହକମାନଙ୍କୁ ଆକୃଷ୍ଟ କରିବା ପାଇଁ ବଡ଼ ବଡ଼ ବିଜ୍ଞାପନ ଦିଆଯାଉଛି, କିନ୍ତୁ କ୍ଷେତ୍ରସ୍ତରରେ ବିଦ୍ୟୁତ୍ ବିଭାଗର ଉଦାସୀନତା ଓ ଅବହେଳା ଯୋଗୁଁ ସାଧାରଣ ଗ୍ରାହକ ହଇରାଣ ହେଉଥିବା ଦେଖିବାକୁ ମିଳିଛି। ଏଭଳି ଏକ ଚିନ୍ତାଜନକ ଚିତ୍ର କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଅଞ୍ଚଳରୁ ସାମ୍ନାକୁ ଆସିଛି। ସୋଲାର ପ୍ୟାନେଲ୍ ସଂଯୋଗ ହୋଇ ସମସ୍ତ କାଗଜପତ୍ର ଯାଞ୍ଚ ସରିବାର ମାସେ ବିତିଯାଇଥିଲେ ମଧ ସ୍ଥାନୀୟ ବିଦ୍ୟୁତ୍ ବିତରଣ କମ୍ପାନୀ ପକ୍ଷରୁ ଗ୍ରିଡ୍ ସଂଯୋଗ କରାଯାଉ ନଥିବା



ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଗୋଲାମୁଣ୍ଡା ବ୍ଲକ ବୃନ୍ଦାବାହାଲ ଗ୍ରାମର ଉପଭୋକ୍ତା ତରଙ୍ଗ ଚଣ୍ଡୀ ଉପଭୋକ୍ତା ସଂଖ୍ୟା: ୯୦୪୩୪୨୨୭୦ଏମଡିଏ୭ ନିଜ ବାସଭବନରେ ୩ କିଲୋୱାଟ ସାନ୍ସନ୍ ଲୋଡ୍ ବିଶିଷ୍ଟ ଏକ ଗ୍ରିଡ୍-ଟାଇ ସୋଲାର ସିଷ୍ଟମ ସ୍ଥାପନ କରିଛନ୍ତି। ସରକାରୀ ନିୟମାବଳୀ ମୁତାବକ, ତାଙ୍କ ଛାତ ଉପରେ ୫୩୫ ୱାଟ୍ କ୍ଷମତାର ୬ଟି ଟାଟା ପାୱାର୍ ସୋଲାର ପ୍ୟାନେଲ୍ ମୋଟ୍ ୩.୨୧ କିଲୋୱାଟସ୍ ସଫଳତାର ସହ ଲଗାଯାଇ ସରିଛି। ଗତ ୦୬ ମେ ୨୦୨୬ ରେ ପ୍ରୋଜେକ୍ଟ ଫିଲ୍ଡ ଅଧିକାରୀ ଏବଂ ଏଜେନ୍ସି 'ଶ୍ରୀ ଆଦିଶକ୍ତି ସୋଲାର ପ୍ରାଇଭେଟ୍ ଲିମିଟେଡ୍' ଦ୍ୱାରା ପ୍ରି-କମିଶନିଂ ଯାଞ୍ଚ ମଧ ଶେଷ ହୋଇଛି। ନିରୀକ୍ଷଣ ରିପୋର୍ଟରେ ପ୍ଲାଣ୍ଟ ସଂଯୋଗ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଏବଂ ସୁରକ୍ଷା ବ୍ୟବସ୍ଥା ଠିକ୍ ଥିବା ନେଇ ସ୍ପଷ୍ଟ ଉଲ୍ଲେଖ ରହିଛି। ଏଥିସହିତ ଭାରତ ସରକାରଙ୍କ ନିଶେ ପୋର୍ଟାଲ୍ ଦ୍ୱାରା ଘରୋଇ ଉପକରଣ ବ୍ୟବହାର ଡିସିଆର ସାର୍ଟିଫିକେଟ୍

## ମାସେ ହେଲା ପ୍ଲାଣ୍ଟ ପ୍ରସ୍ତୁତ; ମିଳୁନି ସଂଯୋଗ

ନମ୍ବର ୧୦୩୪-୨୧୭୯-୦୯୬୦-୭୩୨୯ ମଧ ପ୍ରଦାନ କରାଯାଇଛି। ଉପଭୋକ୍ତା ସମସ୍ତ ଅଫିସିଆଲ୍ ଦସ୍ତାବିଜ୍ ଓ ଆବେଦନ ପତ୍ର ଭବାନୀପାଟଣାସ୍ଥିତ ବିଦ୍ୟୁତ୍ ବିତରଣ କମ୍ପାନୀ କାର୍ଯ୍ୟାଳୟରେ ଦାଖଲ କରିସାରିଛନ୍ତି। ନିୟମ ଅନୁଯାୟୀ, ଯାଞ୍ଚ ସରିବାର କିଛି ଦିନ ମଧ୍ୟରେ ବିଦ୍ୟୁତ ବିଭାଗ ନେଟ୍-ମିଟର ଲଗାଇ ବିଦ୍ୟୁତ୍ ଉତ୍ପାଦନ ଆରମ୍ଭ କରିବା କଥା। ମାତ୍ର ବିଭାଗୀୟ ଅଧିକାରୀଙ୍କ ଅବହେଳା ଓ ଟାଳଟୁଳ ନୀତି ଯୋଗୁଁ ଆଜିକୁ ପ୍ରାୟ ମାସେ ହେବ ସୋଲାର ପ୍ଲାଣ୍ଟଟି କାର୍ଯ୍ୟକ୍ଷମ ନହୋଇ ସେମିତି ପଡ଼ିରହିଛି। ଏହା ଦ୍ୱାରା ଉପଭୋକ୍ତା ଅର୍ଥ ବିନିଯୋଗ କରି ମଧ ମାଗଣା ବିଜୁଳି ସେବାରୁ ବଞ୍ଚିତ ହେଉଛନ୍ତି। ଏହି ବିଷୟରେ ଉପଭୋକ୍ତା ତରଙ୍ଗ ଚଣ୍ଡୀ କ୍ଷୋଭର ସହ କହିଛନ୍ତି, 'ସରକାର ସୂର୍ଯ୍ୟ ଘର ଯୋଜନା ପାଇଁ ପ୍ରବଳ ପ୍ରଚାର କରୁଛନ୍ତି, କିନ୍ତୁ ବିଭାଗର କେତେକ ଅଧିକାରୀଙ୍କ ପାଇଁ ଏହି ଯୋଜନା ବାଟବଣା ହେଉଛି। ମୋର ସବୁ କାଗଜପତ୍ର ଓ ରିପୋର୍ଟ ଓକେ ଅଛି ଏବଂ ମୁଁ ସବୁ ଡକ୍ୟୁମେଣ୍ଟ ଅଫିସ୍‌ରେ ଦେଇଛି। ତଥାପି ବିଦ୍ୟୁତ ବିଭାଗ କୌଣସି ପଦକ୍ଷେପ ନେଉନାହିଁ।



## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିପାରେ। ସାହିତ୍ୟ ପ୍ରତି ରୁଚି ବଢ଼ିବ। ଲୋକସମ୍ପର୍କ ବୃଦ୍ଧି ପାଇବ।

**ବୃଷ:** ପୁରୁଣା ବନ୍ଧୁଙ୍କ ସହିତ ଭେଟ ହୋଇପାରେ। ଆୟ ବ୍ୟୟ ସମାନ ରହିବ। ଧାର୍ମିକ କାର୍ଯ୍ୟରେ ସାମିଲ ହୋଇପାରନ୍ତି। ବ୍ୟବସାୟକୁ ନେଇ ଚିନ୍ତାରେ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ।

**ମିଥୁନ:** ଦିନଟି ବ୍ୟସ୍ତ ଭିତରେ ଅତିବାହିତ ହେବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ। ନାଚ, ଗୀତରେ ପ୍ରଶଂସା ମିଳିବ।

**କର୍କଟ:** ଆଶା କରିଥିବା ଦିଗରୁ ଧନ ମିଳିପାରେ। ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଇଚ୍ଛା ମୁତାବକ କାମ କରିବେ।

**ସିଂହ:** ଯୋଜନା ଅନୁଯାୟୀ କାମ କରିବେ। ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ।

**କନ୍ୟା:** ମାନ ସମ୍ମାନ ବୃଦ୍ଧି ପାଇବ। ବ୍ୟବସାୟରେ ଲାଭ ମିଳିବ। ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ। ନୂଆ କାମ ଆରମ୍ଭ କରିବେ। ସାମାଜିକ କାର୍ଯ୍ୟରେ ସାମିଲ ରହିବେ।

**ତୁଳା:** ଅଚାନକ ଖୁସି ଖବର ମିଳିପାରେ। ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ। ପାରିବାରିକ ସମସ୍ୟାର ସମାଧାନ ହେବ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ନିଜ ଲୋକ ଶତ୍ରୁ ସାଜିବେ। ସଙ୍ଗୀତ ପ୍ରତି ରୁଚି ବଢ଼ିବ।

**ଧନୁ:** ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଗୁରୁଜନଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିପାରନ୍ତି। ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିପାରେ। ସନ୍ତାନ ସୁଖ ପ୍ରାପ୍ତ ହେବ। ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ। ନୂତନ ବ୍ୟବସାୟ ଆରମ୍ଭ କରିବାକୁ ଅନୁକୂଳ ସମୟ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ମଜାମସ୍ତିରେ ଦିନଟି ଅତିବାହିତ ହେବ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ। ବିଭିନ୍ନ କାରଣରୁ ମନ ଭଲ ରହି ନ ପାରେ। ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି।

## ଆଜିର ଇତିହାସ

- ୧୯୫୩- ବ୍ରିଟିଶ ରାଜଗାଦି ଆରୋହଣ କଲେ ମହାରାଣୀ ଏଲିଜାବେଥ ଦ୍ୱିତୀୟ।
- ୧୯୬୬-ଆମେରିକାର ପ୍ରଥମ ମହାକାଶଯାନ ଚନ୍ଦ୍ରପୃଷ୍ଠରେ ଅବତରଣ କଲା।
- ୧୯୮୮- ବଲିଉଡ୍‌ର ମହାନ୍ ଅଭିନେତା ରାଜ କପୁରଙ୍କ ଦେହାନ୍ତ।
- ୨୦୦୬- ଆମେରିକା କୁଖ୍ୟାତ୍ ଡନ୍ ଦାଉଦ୍ ଇବ୍ରାହିମ୍ ଓ ଏହାର ସଂଗଠନ ଉପରେ ପ୍ରତିବନ୍ଧକ ଲଗାଇଲା।

# ମହିଳା ଖାଆନ୍ତି ସାବୁନ ଓ ସର୍ଫ



ଆମେରିକାର ଫ୍ଲୋରିଡାରେ ରହୁଥିବା ଟେମ୍ପେଷ୍ଟ ହ୍ୟାଣ୍ଡରସନଙ୍କ ଅଜବ ଖାଦ୍ୟାଭ୍ୟାସ ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛି। ଟିଏଲ୍‌ସି ଟିଭି ନେଟ୍‌ୱର୍କର ଲୋକପ୍ରିୟ ଶୋ' 'ମାଇଁ ଷ୍ଟ୍ରେଞ୍ଜ ଆଡିକସନ୍'ରେ ସେ ତାଙ୍କର ଏଭଳି ଅଜବ ଖାଦ୍ୟାଭାସ ସମ୍ପର୍କରେ ଆଲୋଚନା କରିଛନ୍ତି। ତାଙ୍କର ଡିଟରଜେଣ୍ଟ ଏବଂ ସାବୁନ ଖାଇବା ଅଭ୍ୟାସ ରହିଛି। ଦିନରେ ସାତ ଥର ଡିଟରଜେଣ୍ଟ ଏବଂ ଗାଧୋଇବା ବେଳେ ସାବୁନ ଖାଇବା ଏବେ ତାଙ୍କର ଏକ ନିତିଦିନିଆ ଅଭ୍ୟାସ ପାଲଟିଛି। ପ୍ରାରମ୍ଭିକ ସମୟରେ ଗାଧୋଇବାବେଳେ ତାଙ୍କୁ ସାବୁନ ଫେଣ ଏବଂ ଏହାର ବାସ୍ନା ପସନ୍ଦ ଆସୁଥିଲା। ଧୀରେ ଧୀରେ ଏହା ତାଙ୍କର ଅଭ୍ୟାସରେ ପରିଣତ ହୋଇଗଲା। ତାଙ୍କୁ ବିଶେଷକରି ସବୁଜ ରଙ୍ଗର ସାବୁନ ପସନ୍ଦ ଥିଲା। ସେ ଗାଧୋଇବାବେଳେ ସାବୁନ ଫେଣ ତିଆରି କରି ତାକୁ ଚାଖିଲେ। ଏହାପରେ ସେ ସାବୁନର ଛୋଟ ଛୋଟ ଖଣ୍ଡ ଖାଇବା ଆରମ୍ଭ କଲେ। ସାବୁନ ଖାଇଲେ ତାଙ୍କୁ ଆତ୍ମସନ୍ତୋଷ ମିଳେ ବୋଲି ଟେମ୍ପେଷ୍ଟ କୁହନ୍ତି। ସେହିପରି ଗାଧୋଇବା ଠାରୁ ସାବୁନ ଖାଇବା ପରେ ସେ ନିଜକୁ ଅଧିକ ପରିଷ୍କାର ଅନୁଭବ କରୁଥିବା କହିଛନ୍ତି। ତେବେ ସେ କେବଳ ସାବୁନ ନୁହେଁ, ଡିଟରଜେଣ୍ଟ ପାଉଡର ବି ଖାଆନ୍ତି। ଏହି ଅଭ୍ୟାସ ତାଙ୍କର ଏତେ ବଢ଼ି ଯାଇଥିଲା ଯେ, ସପ୍ତାହରେ ସେ ଏକାଧିକ ସାବୁନ୍ ଖାଇ ଦିଅନ୍ତି। ତାଙ୍କର ଏପରି ଅଭ୍ୟାସ ଦେଖି ପରିବାର ଲୋକେ ଚିନ୍ତାପ୍ରକଟ କଲେ ଏବଂ ଡାକ୍ତରଙ୍କ ପାଖକୁ ନେଲେ। ସାବୁନ ଏବଂ ଡିଟରଜେଣ୍ଟ ଭଳି ରସାୟନ ପଦାର୍ଥ ଶରୀର ପାଇଁ କ୍ଷତିକାରକ ବୋଲି ଡାକ୍ତର କହିଲେ। ଏହାକୁ ଖାଇବା ଦ୍ୱାରା ଅନ୍ତନଳୀ, ଲିଭର ତଥା ଅନ୍ୟାନ୍ୟ ଅଙ୍ଗକୁ କ୍ଷତି ପହଞ୍ଚିଥାଏ। ପରେ ସେ 'ପିକା' ରୋଗରେ ପୀଡ଼ିତ ଥିବା ଡାକ୍ତର କହିଲେ। ଏହା ଏମିତି ଏକ ରୋଗ, ଯେଉଁଥିରେ ଲୋକେ ଅଖାଦ୍ୟକୁ ଖାଇବା ପାଇଁ ଆକର୍ଷିତ ହୋଇଥାନ୍ତି। ଏହି ରୋଗରେ ପୀଡ଼ିତ ଲୋକେ ମାଟି, ଚକ୍, କାଗଜ, ଧାତୁ, ବ୍ୟାଟେରି କିମ୍ବା ଅନ୍ୟାନ୍ୟ ଜିନିଷ ଖାଇବା ଆରମ୍ଭ କରନ୍ତି। ବିଶେଷଜ୍ଞଙ୍କ କହିବା କଥା, ଶରୀରରେ ପୋଷକ ତତ୍ତ୍ୱର ଅଭାବ ଏବଂ ମାନସିକ ଅଶାନ୍ତି ହେଉଛି ଏହା ପଛର କାରଣ। ଅବଶ୍ୟ ଟେମ୍ପେଷ୍ଟଙ୍କୁ ଏବେ ଏକ ବିଶେଷ ପ୍ରକାର ଥେରାପି ପ୍ରଦାନ କରାଯାଉଛି। ସାବୁନ ଓ ଡିଟରଜେଣ୍ଟ ଥିବା ସ୍ଥାନରୁ ଦୂରରେ ରହିବାକୁ ତାଙ୍କୁ ଡାକ୍ତର କହିଛନ୍ତି। ଏବେ ଯେତେବେଳେ ତାଙ୍କୁ ସାବୁନ ଖାଇବାକୁ ଇଚ୍ଛା ହେଉଛି, ସେ ଅନ୍ୟ ଜିନିଷରେ ମନୋନିବେଶ କରିବାକୁ ଚେଷ୍ଟା କରୁଥିବା ଟେମ୍ପେଷ୍ଟ କହିଛନ୍ତି। ସାମାଜିକ ଗଣମାଧ୍ୟମରେ ଏହାକୁ ନେଇ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ରଖିଛନ୍ତି।

# ବିଶ୍ୱର ସବୁଠୁ ବିଷାକ୍ତ ପକ୍ଷୀ



ଏମିତି ଏକ ପକ୍ଷୀ ଅଛି, ଯାହାକୁ ଛୁଇଁବାମାତ୍ରେ ମଣିଷର ଜୀବନ ମଧ୍ୟ ଯାଇପାରେ। ଏହି ବିଷାକ୍ତ ପକ୍ଷୀର ନାମ ହେଉଛି ହୁଡେଡ୍ ପିଟୋହୁଇ। ଏହା ଗୁଇନିଆ ପିଟୋହୁଇ ଭାବେ ମଧ୍ୟ ଜଣାଯାଏ। ନ୍ୟୁଗିନିର ଜଙ୍ଗଲରେ ଏହି ପକ୍ଷୀ ଦେଖାଯାଏ। ଏହାକୁ ବିଶ୍ୱର ସବୁଠାରୁ ବିଷାକ୍ତ ପକ୍ଷୀ ବୋଲି କୁହାଯାଏ। ଏକ ରିପୋର୍ଟ ଅନୁଯାୟୀ, ୧୯୮୦ରେ ପ୍ରଥମ ଥର ପାଇଁ କାଲିଫର୍ଣ୍ଣିଆ ଏକାଡେମୀ ଅଫ୍ ସାଇନ୍ସର ଇକୋଲଜିଷ୍ଟ ଜ୍ୟାକ୍ ଡମ୍ବାଚର୍ ଏହା ବିଷାକ୍ତ ବୋଲି ଆବିଷ୍କାର କଲେ। ସେ ନ୍ୟୁଗିନିରେ କାର୍ଯ୍ୟ କରିବା ସମୟରେ ପ୍ରଥମ ଥର ପାଇଁ ଏକ ହୁଡେଡ୍ ପିଟୋହୁଇ ପକ୍ଷୀକୁ ଧରିଥିଲେ। ପକ୍ଷୀକୁ ଧରିବାର କିଛି ସମୟ ମଧ୍ୟରେ ତାଙ୍କ ହାତ, ଆଖି ଏବଂ ପାଟିରେ ପ୍ରବଳ ପୋଡ଼ାଜଳା ହେବା ସହ ଝିମ୍‌ଝିମ୍ ହେବା, ବିନ୍ଧିବା ଭଳି ଅନୁଭବ କଲେ। ଯନ୍ତ୍ରଣା ଅସହ୍ୟ ହେବାରୁ ସେ ଚେତାଶୂନ୍ୟ ହୋଇ ପଡ଼ିଥିଲେ। ତୁରନ୍ତ ତାଙ୍କୁ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ଅନୁସନ୍ଧାନରୁ ଜଣାପଡ଼ିଲା ଯେ, ଏହି ପକ୍ଷୀର ଚର୍ମ ଏବଂ ଡେଣା ଅତ୍ୟନ୍ତ ବିଷାକ୍ତ ହୋଇଥାଏ। ହୁଡେଡ୍ ପିଟୋହୁଇ ଶରୀରରେ ବେଟ୍ରାକୋଟକ୍ସିନ୍ ନାମକ ବିଷାକ୍ତ ତତ୍ତ୍ୱ ମିଳିଥାଏ। ଏହି ତତ୍ତ୍ୱ କିଛି ବିଷାକ୍ତ ବେଙ୍ଗରୁ ମଧ୍ୟ ମିଳିଥାଏ। ଏହି ବିଷାକ୍ତ ତତ୍ତ୍ୱ ପକ୍ଷୀଟିକୁ ଶିକାରୀମାନଙ୍କ କବଳରୁ ରକ୍ଷା କରିଥାଏ। ଯଦି କେହି ପକ୍ଷୀକୁ ଖାଇବାକୁ ଚେଷ୍ଟା କରନ୍ତି ଏହା ତାଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇପାରେ। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଏହି ପକ୍ଷୀଟି ତା' ଶରୀରରେ ବିଷ ତିଆରି କରେ ନାହିଁ। ବୈଜ୍ଞାନିକଙ୍କ ମତରେ, ହୁଡେଡ୍ ପିଟୋହୁଇ ନିଜ ଖାଦ୍ୟରୁ ଏହି ବିଷ ସଂଗ୍ରହ କରିଥାଏ। ଏହା 'ମେଲିରିଡ୍ ବିଟଲ୍ସ' ନାମକ ବିଷାକ୍ତ ପୋକକୁ ଖାଇଥାଏ, ଯେଉଁଥିରେ 'ବ୍ୟାଟ୍ରାଚୋଟକ୍ସିନ୍' ନାମକ ବିଷ ରହିଥାଏ। ପରେ ଏହି ବିଷ ପକ୍ଷୀର ଚର୍ମ ଏବଂ ଡେଣାରେ ଜମା ହୋଇଯାଏ। ସେହିଭଳି ଏହି ପକ୍ଷୀର ଉଜ୍ଜ୍ୱଳ କଳା ଏବଂ ନାରଙ୍ଗୀ ରଙ୍ଗ ମଧ୍ୟ ଏକ ବିଶେଷ ଉଦ୍ଦେଶ୍ୟ ପୂରଣ କରିଥାଏ। ଏହାକୁ 'ଆପୋସେମେଟିଜମ୍' କୁହାଯାଏ, ଅର୍ଥାତ୍ ଏପରି ରଙ୍ଗ ଅନ୍ୟ ଜୀବମାନଙ୍କୁ ଚେତାବନୀ ଦେଇଥାଏ ଯେ, ଏହା ବିପଜ୍ଜନକ ହୋଇପାରେ। ଏହି କାରଣରୁ ସ୍ଥାନୀୟ ଲୋକେ ଏହି ପକ୍ଷୀଠାରୁ ଦୂରତା ବଜାୟ ରଖନ୍ତି। ବୈଜ୍ଞାନିକମାନେ ବିଶ୍ୱାସ କରନ୍ତି ଯେ, ସାରା ବିଶ୍ୱରେ ଏମିତି ପକ୍ଷୀ ବହୁତ କମ୍ ଅଛନ୍ତି ଯେଉଁମାନେ ଆତ୍ମରକ୍ଷା ପାଇଁ ବିଷର ବ୍ୟବହାର କରିଥାନ୍ତି।

# ଜୁନ୍ ୧୫ରେ 'ବଟୱାରା ୧୯୪୭'ର ଟିଜର୍



ବଲିଉଡ୍‌ର ଆକ୍ସନ୍ କିଙ୍ଗ୍ ସନ୍ନି ଦେଓଲ ପୁଣି ଥରେ ଏକ ଦମ୍‌ଦାର୍ ଆକ୍ସନ୍ ଫିଲ୍ମ ମାଧ୍ୟମରେ ପରଦାକୁ ଫେରୁଛନ୍ତି। ତାଙ୍କ ପାଖରେ ଏବେ ଅନେକ ବଡ଼ ଫିଲ୍ମ ଅଛି। ତନ୍ମଧ୍ୟରୁ ତିନୋଟି ଫିଲ୍ମ ଏହି ବର୍ଷ ହିଁ ରିଲିଜ୍ ହେବ। ଏହି ତାଲିକାରେ 'ବଟୱାରା ୧୯୪୭'ରହିଛି। ପୂର୍ବରୁ ଏହାର ଟାଇଟଲ୍ 'ଲାହୋର ୧୯୪୭' କୁହାଯାଉଥିଲା। ଏହା ଆସନ୍ତା ୧୩ ଅଗଷ୍ଟରେ ସିନେମା ହଲ୍‌ରେ ରିଲିଜ୍ ହେବ। ତେବେ ଜୁନ୍ ୧୫ରେ 'ବଟୱାରା ୧୯୪୭'ର ଟିଜର୍ ଆସିପାରେ ବୋଲି କୁହାଯାଉଛି। ଏହାର ପ୍ରଯୋଜନା ଦାୟିତ୍ୱରେ ଅମିର୍ ଖାନ୍ ଅଛନ୍ତି। ଏହାସହ ସେ ଏଥିରେ ଅତିଥି କଳାକାର ଭାବେ ମଧ୍ୟ ନଜର ଆସିବେ। 'ବଟୱାରା ୧୯୪୭' ରେ ସନ୍ନିଙ୍କ ସହ ପ୍ରୀତି ଜିନ୍‌ଟା ଲିଡ୍ ରୋଲରେ ନଜର ଆସିବେ। ସବାନା ଆଜ୍‌ମି, ଅଲ୍ଲୀ ଫଜଲଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଟିଜର୍‌ର ପ୍ରଚ୍ଛଦପଟରେ ଅମିର୍‌ଙ୍କ ସ୍ୱର ଶୁଣାଯିବ। ଏହାର ନିର୍ଦ୍ଦେଶନା ଦେଇଛନ୍ତି ରାଜକୁମାର ସନ୍ତୋଷୀ। ପୂର୍ବରୁ ରାଜ୍ କୁମାର ସନ୍ତୋଷୀ ଓ ସନ୍ନିଙ୍କ ଯୋଡ଼ି ବଲିଉଡ୍‌କୁ 'ଦାମିନୀ', 'ଘାୟଲ', 'ଘାତକ' ଭଳି ଫିଲ୍ମ ଦେଇଥିଲେ।

---

# ପ୍ରାକୃତିକ କୃଷିରୁ ବଦଳିଲା ଭାଗ୍ୟ



**ଚାଷ କାର୍ଯ୍ୟରେ ମାତ୍ରାଧିକ ରାସାୟନିକ ସାର ଓ କୀଟନାଶକ ମାଟିକୁ କ୍ଷତି ପହଞ୍ଚାଇବା ସହ ମନୁଷ୍ୟ ଶରୀରରେ ନାନା ପ୍ରକାର ରୋଗ ସୃଷ୍ଟି କରିଥାଏ। ଏହାକୁ ଗୁରୁତ୍ୱ ଦେଇ ଗୁଜୁରାଟ, ସୁରଟ ଜିଲ୍ଲା ସରସ ଗାଁ'ର କଲ୍‌ପେଶ ପଟେଲ ପ୍ରାକୃତିକ କୃଷି ମାଧ୍ୟମରେ ୫୦ରୁ ଅଧିକ ପ୍ରଜାତିର କଦଳୀ ଚାଷ କରୁଛନ୍ତି।**

କଲ୍‌ପେଶଙ୍କ ପିତା ରମଣଭାଇ ଜମିରେ ମାତ୍ରାଧିକ ରାସାୟନିକ ସାର ପ୍ରୟୋଗ କରୁଥିଲେ। ରାସାୟନିକ ଯୁକ୍ତ ଖାଦ୍ୟ ଖାଇ ସେ କର୍କଟରେ ପ୍ରାଣ ହରାଇବା ପରେ କଲ୍‌ପେଶ ପ୍ରାକୃତିକ କୃଷିକୁ ଆପଣାଇଥିଲେ। ଗୁଜୁରାଟ କୃଷି ବିଭାଗରୁ ତାଲିମ ନେଇ ସେ ପ୍ରାକୃତିକ ଉର୍ବରକ ପ୍ରସ୍ତୁତ କରିବା ଶିଖିଲେ। ଦୀର୍ଘ ୭ ବର୍ଷ ହେବ ସେ ପ୍ରାକୃତିକ ପଦ୍ଧତିରେ ଚାଷ କରି ଆସୁଛନ୍ତି। ସେ ଚାଷ ଜମିରେ ୫୦ରୁ ଅଧିକ କିସମ ଯଥା- ପୁଭନ, ଅର୍ଦ୍ଧପୁରୀ, ରାସ୍‌ଥାଲି, ନାଲି କଦଳୀ, ବ୍ଲୁ ଜାଭା, ବସ୍‌ରାଇ, ମହାଲକ୍ଷ୍ମୀ ଆଦି କିସମର କଦଳୀ ଚାଷ କରୁଛନ୍ତି। ଜମିରେ ଜୀବାମୃତ, ନିମ୍ବଖତ ପ୍ରୟୋଗ ଯୋଗୁଁ ଉତ୍ତମମାନର କଦଳୀ ଫଳୁଛି। ପ୍ରାକୃତିକ କୃଷି ପରିବେଶ ଅନୁକୂଳ, ଏହା ସହ କଦଳୀ ଉତ୍ପାଦନ ଭଲ ହୋଇଥାଏ ବୋଲି କୁହନ୍ତି କଲ୍‌ପେଶ। ଚାଷରୁ ସେ ବାର୍ଷିକ ୧୦ରୁ ୧୨ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଏହି ଚାଷରୁ ତାଙ୍କ ଭାଗ୍ୟ ବଦଳିଛି। ସେ କେବଳ କଦଳୀ ବିକ୍ରି ଉପରେ ନିର୍ଭର ନ କରି କଦଳୀରୁ ଚିପ୍‌ସ, ଫିଗ ବନାଇ ବିକ୍ରି କରିଥାନ୍ତି। ପ୍ରାକୃତିକ କୃଷି ପାଇଁ କଲ୍‌ପେଶ ଜାତୀୟସ୍ତରରେ ନାଁ କମାଇବା ସହ ପ୍ରଶଂସିତ ହୋଇଛନ୍ତି।




# ଜୈବିକ ଉପାୟରେ କୀଟ ନିୟନ୍ତ୍ରଣ



କମଳା ଚୋପା ପାକଶାଳା ବଗିଚା ପାଇଁ ବରଦାନ ସଦୃଶ। ଏଥିରେ ଯବକ୍ଷାରଜାନ, ପୋଟାସିୟମ ଓ ଫସ୍‌ଫରସ୍ ଆଦି ପୋଷକତତ୍ତ୍ୱ ଥିବାରୁ ଏହା ଗଛ ବୃଦ୍ଧିରେ ସାହାଯ୍ୟ କରେ। ଚୋପାରେ ଥିବା ପ୍ରାକୃତିକ ଅମ୍ଳ ଏବଂ ସୁଗନ୍ଧ ଫସଲରେ ରୋଗପୋକ ନିୟନ୍ତ୍ରଣ କରିପାରେ।

କମଳା ଚୋପାରେ ଲିମୋନିନ୍ ନାମକ ପ୍ରାକୃତିକ ତେଲ ଥାଏ। ଏହାର ସୁଗନ୍ଧ ପିମ୍ପୁଡ଼ି, ଜଉପୋକ, କବକ ଆଦି କୀଟକୁ ଫସଲରୁ ଦୂରେଇ ରଖେ। ତେଣୁ କମଳା ଚୋପାକୁ ପାଣିରେ ଫୁଟାଇ ଏହାକୁ ଥଣ୍ଡା କରି ଏହି ତରଳକୁ ଏକ ସ୍ପ୍ରେ ବୋତଲରେ ଭର୍ତ୍ତି କରି ପତ୍ର ସିଞ୍ଚନ ଏବଂ ମାଟିରେ ପ୍ରୟୋଗ କରି ପାରିବେ। ବଗିଚାର ମାଟି ଟାଣ ଥିଲେ ବା ଗଛକୁ ସଠିକ ପୋଷଣ ମିଳୁ ନ ଥିଲେ କମଳା ଚୋପାକୁ ଛୋଟ ଛୋଟ କାଟି କୁଣ୍ଡରେ ପ୍ରୟୋଗ କରିପାରିବେ। ଏହି ଖତ ବା ତରଳ ଔଷଧ ମଲ୍ଲୀ, ଗୋଲାପ ଏବଂ କଞ୍ଚାଲଙ୍କା ଗଛରେ ଫୁଲ ଏବଂ ଫଳ ଆସିବାରେ ସାହାଯ୍ୟ କରେ।

# ଖରାଦିନେ ମହୁମାଛିଙ୍କ ଯତ୍ନ



ଅଧିକାଂଶ ଚାଷୀ ମହୁମାଛି ପାଳନ କରି ଜୀବିକା ନିର୍ବାହ କରନ୍ତି। ଅନ୍ୟଋତୁ ପରି ମହୁମାଛି ପାଳନ ପାଇଁ ସମସ୍ୟା ଆଣେ ଖରାଦିନ। ଏହି ଦିନେ ତାପମାତ୍ରା ବୃଦ୍ଧି ମହୁ ଉତ୍ପାଦନ ଉପରେ ପ୍ରଭାବ ପକାଏ। ତେଣୁ ମହୁମାଛିଙ୍କର ସଠିକ୍ ଦେଖାଶୁଣା କରିବା ଏକାନ୍ତ ଆବଶ୍ୟକ।

ମହୁମାଛି ପରାଗରେଣୁ ଓ ମକରନ୍ଦ ସନ୍ଧାନରେ ସକାଳୁ ବାହାରନ୍ତି। ହେଲେ ଖରାଦିନେ ଅତ୍ୟଧିକ ତାପମାତ୍ରା ବୃଦ୍ଧି ପାଇଁ ମହୁମାଛି ମହୁବାକ୍ସରୁ ବାହାରକୁ ବାହାରନ୍ତି ନାହିଁ। ତେଣୁ ମହୁବାକ୍ସ ଉପରେ ତାପମାତ୍ରା ନିୟନ୍ତ୍ରଣ ପାଇଁ ଝୋଟ ଅଖାକୁ ଓଦା କରି ପକାଇବା ଆବଶ୍ୟକ। ଗଛ ତଳେ ମହୁମାଛି ବାକ୍ସ ରଖିବା ମଧ୍ୟ ସର୍ବୋତ୍ତମ। ପ୍ରାକୃତିକ ଛାଇ ଉପଲବ୍ଧ ନ ଥିଲେ, କୁଟାରୁ ଛାତ, ଅଖା କିମ୍ବା ଅସ୍ଥାୟୀ ଛାତ ବନାଇ ମହୁମାଛିଙ୍କୁ ସୁରକ୍ଷା ଦିଆଯାଇ ପାରିବ। ତୁତ୍ ପରି ଗଛ ଲଗାଇବା ଦ୍ୱାରା ଛାଇ ଏବଂ ମକରନ୍ଦ ଉପଲବ୍ଧ ହୋଇଥାଏ। ସେହିପରି ମହୁମାଛି ପାଳନ କରାଯାଉଥିବା ସ୍ଥାନକୁ ସଫା ରଖିବା ସହ ସଫା ପାଣି ରଖାଯିବା ଉଚିତ। ବାକ୍ସକୁ ଭଲଭାବେ ବାୟୁଚଳାଚଳ କରିବାକୁ ପ୍ରବେଶ ଦ୍ୱାର ଖୋଲା ରଖିବା ଆବଶ୍ୟକ।

# ବାଲ୍‌କୋନିରେ ଲିଚୁ



ସହରରେ ସ୍ୱଳ୍ପ ସ୍ଥାନରେ ଚାଷ କରିବା ଚ୍ୟାଲେଞ୍ଜ ହୋଇଥାଏ। ଏଥିପାଇଁ ଅଧିକାଂଶ ଛାତ କିମ୍ବା ବାଲ୍‌କୋନିରେ ପନିପରିବା ଓ ଫୁଲ ଗଛ ଲଗାଇଥାନ୍ତି। ତେବେ ବାଲ୍‌କୋନିରେ ବି ଲିଚୁ ଫଳି ପାରିବ।

ଲିଚୁ ଗଛ ଲଗାଇବା ପାଇଁ ୧୮ ରୁ ୨୪ ଇଞ୍ଚର ବଡ଼ କୁଣ୍ଡ ଆବଶ୍ୟକ। ପ୍ଲାଷ୍ଟିକ୍ ବଦଳରେ ମାଟି କିମ୍ବା ସିମେଣ୍ଟ କୁଣ୍ଡ ବ୍ୟବହାର ଦ୍ୱାରା ବାୟୁ ଚଳାଚଳ ଭଲ ହୁଏ। ଉର୍ବରଯୁକ୍ତ ଦୋରସା ମାଟି, ଜିଆଖତ, କୋକୋପିଟ୍‌କୁ ମିଶାଇ କୁଣ୍ଡ ପାଇଁ ମାଟି ପ୍ରସ୍ତୁତ କରାଯାଏ। ପଞ୍ଜୀକୃତ ନର୍ସରୀରୁ କଲମୀ ଲିଚୁ ଚାରା କିଣି ଗଛ ଲଗାଇ ହାଲୁକା ସିଞ୍ଚନ କରାଯାଏ। ଗଛକୁ ପ୍ରତିଦିନ ୫ରୁ ୬ଘଣ୍ଟା ସୂର୍ଯ୍ୟକିରଣ ଆବଶ୍ୟକ। ଖରାଦିନେ ସକାଳେ ହାଲୁକା ଜଳ ସେଚନ ଦ୍ୱାରା ମାଟିର ଆର୍ଦ୍ରତା ବଜାୟ ରୁହେ। ପ୍ରତି ୨ରୁ ୩ ମାସ ମଧ୍ୟରେ ଗଛ ମୂଳରେ ଜିଆଖତ ପ୍ରୟୋଗ କରିବା ସହ ପୋକ ରୋଗର ସମ୍ଭାବନା ଥିଲେ, ନିମ୍ବ ତେଲ ପ୍ରୟୋଗ କରିବା ଫଳପ୍ରଦ।

# ଏ ମାସର ଚାଷ

**ଜୁନ୍ ମାସରେ ଚାଷୀଭାଇ ଧାନ ଚାଷ ସହିତ ସବୁଜ ପନିପରିବା ଚାଷ କରି ପାରିବେ। ଏଥିପାଇଁ ଜମିକୁ ଲଙ୍ଗଳ, ଟ୍ରାକ୍ଟର କିମ୍ବା ପାୱାର ଟିଲରରେ ଚାଷ କରି ରୋଟାଭେଟର ଦ୍ୱାରା ସମତୁଲ କରି ଚାଷ କାର୍ଯ୍ୟ ଆରମ୍ଭ କରିବା ଆବଶ୍ୟକ।**

- ଧାନ ବିହନକୁ ବିଶୋଧନ କରି ତଳି ପକାଇ ପାରିବେ।
- ମକା ଓ ଲଘୁଶସ୍ୟ ଯଥା- ମାଣ୍ଡିଆ, ସୁଆଁ, ଗୁଲୁଚି ବୁଣିବା ଆବଶ୍ୟକ। ବର୍ତ୍ତମାନ ଖମ୍ବଆଳୁ ଲଗାଇବାର ଉପଯୁକ୍ତ ସମୟ।
- ଚିନାବାଦାମ ବିହନକୁ ବିଶୋଧନ କରି ଓ ଜୀବାଣୁ କଲଚର ଦ୍ୱାରା ଉପଚାର କରି ବୁଣି ପାରିବେ। ସେହିପରି ନଳିତା ବୁଣାବୁଣି କାର୍ଯ୍ୟ ଶେଷ କରିବା ଆବଶ୍ୟକ।
- ଜମିପ୍ରସ୍ତୁତ କରି ନିଗିଡ଼ା ଢିପ ଜମିମାନଙ୍କରେ ହରଡ଼, ମୁଗ, ବିରି କିମ୍ବା ଝୁଡ଼ଙ୍ଗ ବିହନ ଧାଡ଼ିରେ ବୁଣାଯାଏ। ଏହି ମାସ ଶେଷ ସୁଦ୍ଧା କପାବୁଣା ଶେଷ କରିପାରିବେ।
- ବର୍ଷାଦିନିଆ ପନିପରିବା ପାଇଁ ତଳିଘେରା ପ୍ରସ୍ତୁତି କରି ତଳି ପକାଇ ପାରିବେ। ଭେଣ୍ଡି, କଖାରୁ, କଲରା, ଜହ୍ନି, ଛଚିନ୍ଦ୍ରା, ଝୁଡଙ୍ଗ, ଶାଗ ଆଦି ପନିପରିବା ଓ ଫଳ ଚାରା ଲଗାଇବା ଆବଶ୍ୟକ।

# କୃଷି ପାଣିପାଗ

**ଏ ସପ୍ତାହ ପାଇଁ କେତେକ ପରାମର୍ଶ**

- କାଳବୈଶାଖୀ ବର୍ଷା ଓ ଝଟକା ପବନ ହେତୁ ଲତାଜାତୀୟ ପନିପରିବା ପ୍ରଭାବିତ ହେବାର ସମ୍ଭାବନା ଥିବାରୁ ଅମଳ ଉପଯୋଗୀ ପନିପରିବାକୁ ତୋଳି ଦିଅନ୍ତୁ। ଆମ୍ବ ଗଛର ଫଳକୁ ନେଟ୍ ଲଗାଇ ପବନରୁ ରକ୍ଷା କରନ୍ତୁ।
- ଅମଳ ହୋଇଥିବା ଧାନ କିସମ ଅନୁସାରେ ଅଲଗା ଅଲଗା କରି ବଜାରରେ ମିଳୁଥିବା ସୁପରଗ୍ରେନ୍ ବସ୍ତାରେ ଭର୍ତ୍ତି କରି ସାଇତି ରଖିଲେ ଏହାର ଗୁଣ, ରଙ୍ଗ, ବାସନା ଓ ସ୍ୱାଦ ବହୁତ ଦିନ ପର୍ଯ୍ୟନ୍ତ ସୁରକ୍ଷିତ ରହିବ।
- ଆଖୁ ଫସଲରେ ଘାସୁଆ ରୁଗୁଡ଼ିଆ ରୋଗର ନିୟନ୍ତ୍ରଣ ପାଇଁ ଆକ୍ରାନ୍ତ ଗଛକୁ ଓପାଡ଼ି ଦୂରରେ ପୋଡ଼ି ନଷ୍ଟ କରିଦିଅନ୍ତୁ। ଏହି ରୋଗର ବାହକ ଜଉ ପୋକର ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ ଥାୟୋମେଥୋକ୍ସାମ କିମ୍ବା ୫୦ ଗ୍ରାମ ଏସିଟାମିପ୍ରିଡ, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଗାଈଗୋରୁମାନଙ୍କୁ ପରିଷ୍କାର ଏବଂ ଉଚିତ ପରିମାଣର ପାଣି ଯୋଗାନ୍ତୁ। ବର୍ଷା ହେଉନଥିଲେ ଘାସ ଚରିବା ପାଇଁ ପଶୁମାନଙ୍କୁ କେବଳ ସକାଳ ଏବଂ ସନ୍ଧ୍ୟା ସମୟରେ ଛାଡ଼ନ୍ତୁ।

ସକାଳ THE SAKALA
www.sakalaepaper.com

# ଆଇପିଏଲ୍ ସୁପରଷ୍ଟାର ସୂର୍ଯ୍ୟବଂଶୀ







**ନୂଆଦିଲ୍ଲୀ,୧୬(ଏଜେନ୍ସି):** ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୫ ୱିକେଟରେ ଗୁଜରାଟ ଜାଏଣ୍ଟସକୁ ହରାଇ ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରେ କ୍ରମାଗତ ଦ୍ୱିତୀୟ ଟାଇଟଲ ହାସଲ କରିଛି। ପ୍ଲେ ଅଫ୍‌ରେ ପରାଜିତ ହୋଇ ପ୍ରତିଯୋଗିତାରୁ ରାଜସ୍ଥାନ ରୟାଲ୍ସ ପ୍ରତିଯୋଗିତାରୁ ବିଦାୟ ନେଇଛି। କିନ୍ତୁ ଏହି ଦଳର ଯୁବ ଖେଳାଳି ବୈଭବ ସୂର୍ଯ୍ୟବଂଶୀ ନିଜର ବ୍ୟାଟିଂ ଶୈଳୀ ବଳରେ ଅନ୍ୟ ସମସ୍ତ ଶ୍ରେଷ୍ଠ ପୁରସ୍କାର ହାସଲ କରିନେଇଛି। ଏହି ଟୁର୍ଣ୍ଣାମେଣ୍ଟରେ ସେ ସର୍ବଶ୍ରେଷ୍ଠ ଦୁଇ ପୁରସ୍କାର ମୋଷ୍ଟ ଭାଲ୍ୟୁଏବଲ (ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ) ଓ ଇମର୍ଜିଂ (ଶ୍ରେଷ୍ଠ ଉଦୀୟମାନ) ଖେଳାଳି ପୁରସ୍କାର ପାଇଛନ୍ତି। ଗୋଟିଏ ଟୁର୍ଣ୍ଣାମେଣ୍ଟରେ ଉଭୟ ପୁରସ୍କାର ଜିତିବାରେ ସୂର୍ଯ୍ୟବଂଶୀ ପ୍ରଥମ ଖେଳାଳି। ଏହାଛଡ଼ା ସେ ଟୁର୍ଣ୍ଣାମେଣ୍ଟର ସର୍ବାଧିକ ୭୭୬ ରନ୍ କରି ପର୍ପଲ କ୍ୟାପ୍, ସୁପର ଷ୍ଟ୍ରାଇକର ଅଫ୍ ଦ ଟୁର୍ଣ୍ଣାମେଣ୍ଟ (୨୩୭.୩୦) ଓ ୭୨ଟି ଛକା ମାରି ସୁପର ସିକ୍ସର୍ସ ଅଫ୍ ଦି ସିଜନ ପୁରସ୍କାର ହାସଲ କରିଛନ୍ତି। ଆଇପିଏଲ୍ ଇତିହାସରେ ଏକାଥରରେ ଏତେ ପୁରସ୍କାର କେହି କେବେ ଜିତି ନ ଥିଲେ। ସେ ତାଙ୍କ ବ୍ୟାଟିଂ ବଳରେ ଚଳିତ ଟୁର୍ଣ୍ଣାମେଣ୍ଟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଥିଲେ। ଏହି ସିଜନରେ ସେ କ୍ରିସ୍ ଗେଲଙ୍କ ସର୍ବାଧିକ ଛକା ମାରିବାର ରେକର୍ଡକୁ ମଧ୍ୟ ଅତିକ୍ରମ କରିଥିଲେ। ଏହି ପ୍ରଦର୍ଶନ ଲାଗି ତାଙ୍କୁ ଆଇପିଏଲ୍‌ରେ ୫ଟି ପୁରସ୍କାର ମିଳିଛି। ପୁରସ୍କାର ବାବଦରେ ୪୫ଲକ୍ଷ ଓ ଗୋଟିଏ ସୁପର ସ୍ପୋର୍ଟ୍ସ କାର ପାଇଛନ୍ତି ଏହି ଖେଳାଳି।

'ସୂର୍ଯ୍ୟବଂଶୀ ବଲ୍‌କୁ ଜୋରରେ ମାରୁନାହାନ୍ତି। କିନ୍ତୁ ଅନ୍ୟ ଖେଳାଳିଙ୍କ ଅପେକ୍ଷା ସେ ଶୀଘ୍ର ବଲ୍‌ରୁ ଲାଇନ୍ ଓ ଲେଙ୍ଗ୍‌ଥକୁ ପଢ଼ିପାରୁଛନ୍ତି। ମୁଁ ତାଙ୍କ ବ୍ୟାଟିଂକୁ ଦେଖିଛି ଓ ଉପଭୋଗ କରିଛି। ସେ ଟ୍ରୁଲି ସ୍ପେଶାଲ' ବୋଲି କ୍ରିକେଟରେ ଈଶ୍ୱର ସଚିନ ତେନ୍ଦୁଲକର କହନ୍ତି। ମାତ୍ର ୧୫ ବର୍ଷରେ ସେ ତାଙ୍କ ପ୍ରଦର୍ଶନ ବଳରେ କିଂବଦନ୍ତି ଖେଳାଳିଙ୍କଠାରୁ ଏହି ସମ୍ମାନ ପାଇଛନ୍ତି। ପ୍ରକୃତରେ ସେ ଜଣେ ଅନନ୍ୟ ପ୍ରତିଭାବାନ ଖେଳାଳି। ପୁରସ୍କାର ଗ୍ରହଣ ଉତ୍ସବରେ ଆଉଜଣେ କିଂବଦନ୍ତି ଖେଳାଳି ରବି ଶାସ୍ତ୍ରୀ ସାକ୍ଷାତକାର ସମୟରେ ପଚାରିଥିଲେ, ବୈଭବ ଆଜି ଓ ଏବେ କେତେ କ୍ଷୀର ପିଉଛ। ଏହାର ଉତ୍ତରରେ ବୈଭବ କହିଥିଲେ ଏବେ ମୁଁ କ୍ଷୀର ପିଇବା ଛାଡ଼ିଦେଇଛି। ଗତ ଟୁର୍ଣ୍ଣାମେଣ୍ଟର ଶେଷ ଭାଗରେ ଶତକ ସହ ସୂର୍ଯ୍ୟବଂଶୀଙ୍କ ଆବିର୍ଭାବ ହୋଇଥିଲା। ଏହି ସିଜନରେ ସେ ଜଣେ ପ୍ରତିଭାବାନ ତଥା ଶ୍ରେଷ୍ଠ ଖେଳାଳି ହେବାର ସଫଳତା ଅର୍ଜନ କରିଛନ୍ତି। ସେ ଯେଉଁ ରେକର୍ଡ କରିଯାଇଛନ୍ତି ତାହା ନିଶ୍ଚିତଭାବେ ଅନେକ ଦିନ ତିଷ୍ଠି ରହିବ। ସେ ନିଜେ କିମ୍ବା ଅନ୍ୟ କେହି ଏହି ରେକର୍ଡକୁ ଏତେଶୀଘ୍ର ଅତିକ୍ରମ କରିବା ଏତେଟା ସହଜ ନୁହେଁ। ମାତ୍ର ଦ୍ୱିତୀୟ ସିଜନରେ ଶ୍ରେଷ୍ଠତ୍ୱ ଜାହିର କରିଥିବା ଏହି ୧୫ ବର୍ଷୀୟ ଖେଳାଳି ଏଥର ଦୁଇଟି ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ଜୁନ୍ ୯ରୁ ଶ୍ରୀଲଙ୍କାରେ ଖେଳାଯିବାକୁ ଥିବା ତ୍ରିରାଷ୍ଟ୍ରୀୟ ଦିନିକିଆ 'ଏ' ଟୁର୍ଣ୍ଣାମେଣ୍ଟରେ ସେ ତିଳକ ବର୍ମାଙ୍କ ଅଧିନରେ ଖେଳିବେ। ଏହା ପରେ ସେପ୍ଟେମ୍ବର ମାସରେ ଜାପାନରେ ଏସିଆନ ଗେମ୍ସ ଖେଳାଯିବ। ତାଙ୍କୁ ଏହି ଟୁର୍ଣ୍ଣାମେଣ୍ଟ ଲାଗି ଘୋଷଣା କରାଯାଇଥିବା ୩୦ ଜଣିଆ ସମ୍ଭାବ୍ୟ ଦଳରେ ସ୍ଥାନ ଦିଆଯାଇଛି। ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ସେ ତାଙ୍କ ପ୍ରତିଭାର ଚମକ ପ୍ରଦର୍ଶନ କରିସାରିଛନ୍ତି। ଭାରତ ଲାଗି ବରିଷ୍ଠ ଟିମ୍‌ରେ ପ୍ରବେଶ କରିବା ଲାଗି ପ୍ରଦର୍ଶନ କରିବା ସକାଶେ ତାଙ୍କ ନିକଟରେ ବର୍ତ୍ତମାନ ଦୁଇଟି ଟୁର୍ଣ୍ଣାମେଣ୍ଟ ରହିଛି। ସ୍ଥିତି ଓ ଖେଳାଳି ଚୟନ ଯେପରି କରାଯାଇଛି ସେଥିରେ ତାଙ୍କୁ ଉଭୟ ଦଳର ଚୂଡାନ୍ତ ଏକାଦଶରେ ଖେଳିବାକୁ ନିଶ୍ଚିତ ସୁଯୋଗ ମିଳିବ। ଜୁନିଅର ବିଶ୍ୱକପ୍ ଓ ଆଇପିଏଲ୍‌ର ପ୍ରଦର୍ଶନକୁ ସେ ଏହି ଟୁର୍ଣ୍ଣାମେଣ୍ଟରେ କିପରି ରୂପାନ୍ତରିତ କରିବେ ତାହା ଦେଖିବାକୁ ବାକି ରହିଛି।

### କ'ଣ ପାଇଲେ ପୁରସ୍କାର

| ପୁରସ୍କାର | : | ଅର୍ଥରାଶି |
|---|---|---|
| ଏମ୍‌ଭି ପ୍ଲେୟର | : | ୧୫ ଲକ୍ଷ |
| ଇମର୍ଜିଂ ପ୍ଲେୟର | : | ୧୦ ଲକ୍ଷ |
| ପର୍ପଲ କ୍ୟାପ୍ | : | ୧୦ ଲକ୍ଷ |
| ସୁପର ସିକ୍ସେସ | : | ୧୦ ଲକ୍ଷ |
| ସୁପର ଷ୍ଟ୍ରାଇକର | : | ସିଏରା କାର |

### ଆଇପିଏଲ୍-୨୦୨୬
### ସୂର୍ଯ୍ୟବଂଶୀଙ୍କ ପ୍ରଦର୍ଶନ

| | | |
|---|---|---|
| ମ୍ୟାଚ୍ | : | ୧୬ |
| ରନ୍ | : | ୭୭୬ |
| ସର୍ବୋଚ୍ଚ | : | ୧୦୩ |
| ହାରାହାରି | : | ୪୮.୫୦ |
| ବଲ୍ ସାମ୍‌ନା | : | ୩୨୭ |
| ଷ୍ଟ୍ରାଇକ୍ ରେଟ୍ | : | ୨୩୭.୩୦ |
| ଶତକ | : | ଏକ |
| ଅର୍ଦ୍ଧଶତକ | : | ପାଞ୍ଚ |
| ଚୌକା | : | ୬୩ |
| ଛକା | : | ୭୨ |

## ୩.୧୦ କୋଟି ଆୟ

ଚଳିତ ସିଜନରେ ସବୁଠୁ ଚର୍ଚ୍ଚାରେ ରହିଥିଲେ ରାଜସ୍ଥାନ ରୟାଲ୍ସର ବୈଭବ ସୂର୍ଯ୍ୟବଂଶୀ। ୧୫ ବର୍ଷୀୟ ସୂର୍ଯ୍ୟବଂଶୀ ୧୬ଟି ମ୍ୟାଚରୁ ୪୮.୫୦ ହାରରେ ୭୭୬ ରନ କରିଥିଲେ। ପ୍ରଭାବୀ ପ୍ରଦର୍ଶନ କରି ସୂର୍ଯ୍ୟବଂଶୀ ସମସ୍ତ ପୁରସ୍କାର ପୋଛି ନେଇଛନ୍ତି। ଏଥର ଆଇପିଏଲ୍‌ରେ ସେ ମୋଟ୍ ୩.୧୦ କୋଟି ଟଙ୍କା ରୋଜଗାର କରିଛନ୍ତି। ଟୁର୍ଣ୍ଣାମେଣ୍ଟର ମୋଷ୍ଟ ଭାଲ୍ୟୁଏବଲ୍ ଖେଳାଳି (୧୫ ଲକ୍ଷ), ଅରେଞ୍ଜ କ୍ୟାପ୍ (୧୦ ଲକ୍ଷ), ସିଜନର ଶ୍ରେଷ୍ଠ ଉଦୀୟମାନ ଖେଳାଳି (୧୦ ଲକ୍ଷ), ସର୍ବାଧିକ ଛକା (୧୦ ଲକ୍ଷ) ମାରିବା ଲାଗି ସେ ପୁରସ୍କୃତ ହୋଇଥିଲେ। ସୁପରଷ୍ଟ୍ରାଇକର ଅଫ୍ ଦି ସିଜନ ଲାଗି ତାଙ୍କୁ ୧୦ ଲକ୍ଷ ଟଙ୍କା ସହ ୨୧ ଲକ୍ଷ ଟଙ୍କା ମୂଲ୍ୟର ଏକ ଟାଟା ସିଏରା କାର ମିଳିଥିଲା। ଏହାବାଦ୍ ସୂର୍ଯ୍ୟବଂଶୀ ୧୬ଟି ମ୍ୟାଚରୁ ପାଉଣା ବାବଦକୁ ଏକ କୋଟି ୨୦ ଲକ୍ଷ ଟଙ୍କା ରୋଜଗାର କରିଥିଲେ। ସେହିଭଳି ଫ୍ରାଞ୍ଚାଇଜଠାରୁ ସେ ରିଟେନସନ ବାବଦକୁ ୧.୧୦ କୋଟି ଟଙ୍କା ପାଇଛନ୍ତି। ଫଳରେ ଆଇପିଏଲ୍-୧୯ରେ ସୂର୍ଯ୍ୟବଂଶୀ ମୋଟ୍ ଉପରେ ୩.୧୦ କୋଟି ଟଙ୍କା ଆୟ କରିଛନ୍ତି।

## ୨୦୨୬ରେ ଭାରତର ଖେଳସୂଚୀ

| ତାରିଖ | ଫର୍ମାଟ | ଭେନ୍ୟୁ |
|---|---|---|
| **ବନାମ ଆଫଗାନିସ୍ତାନ (ଦେଶରେ)** | | |
| ଜୁନ୍ ୬ | ଏକମାତ୍ର ଟେଷ୍ଟ | ମୁଲାନପୁର |
| ଜୁନ୍ ୧୩ | ପ୍ରଥମ ଦିନିକିଆ | ଧର୍ମଶାଳା |
| ଜୁନ୍ ୧୭ | ଦ୍ୱିତୀୟ ଦିନିକିଆ | ଲକ୍ଷ୍ନୌ |
| ଜୁନ୍ ୨୦ | ତୃତୀୟ ଦିନିକିଆ | ଚେନ୍ନଇ |
| **ବନାମ ଆୟର୍ଲାଣ୍ଡ (ବିଦେଶରେ)** | | |
| ଜୁନ୍ ୨୬ | ପ୍ରଥମ ଟି-୨୦ | ବେଲଫାଷ୍ଟ |
| ଜୁନ୍ ୨୮ | ଦ୍ୱିତୀୟ ଟି-୨୦ | ବେଲଫାଷ୍ଟ |
| **ବନାମ ଇଂଲଣ୍ଡ (ବିଦେଶରେ)** | | |
| ଜୁଲାଇ ୧ | ପ୍ରଥମ ଟି-୨୦ | ରିଭରସାଇଡ୍ |
| ଜୁଲାଇ ୪ | ଦ୍ୱିତୀୟ ଟି-୨୦ | ଓଲ୍ଡଟ୍ରାଫୋର୍ଡ |
| ଜୁଲାଇ ୭ | ତୃତୀୟ ଟି-୨୦ | ଟ୍ରେଣ୍ଟବ୍ରିଜ୍ |
| ଜୁଲାଇ ୯ | ଚତୁର୍ଥ ଟି-୨୦ | ବ୍ରିଷ୍ଟଲ |
| ଜୁଲାଇ ୧୧ | ପଞ୍ଚମ ଟି-୨୦ | ରୋଜ୍ ବାଉଲ୍ |
| ଜୁଲାଇ ୧୪ | ପ୍ରଥମ ଦିନିକିଆ | ଏଜ୍‌ବାଷ୍ଟନ |
| ଜୁଲାଇ ୧୬ | ଦ୍ୱିତୀୟ ଦିନିକିଆ | କାର୍ଡିଫ୍ |
| ଜୁଲାଇ ୧୯ | ତୃତୀୟ ଦିନିକିଆ | ଲର୍ଡ୍ସ |
| **ବନାମ ଜିମ୍ବାୱେ (ବିଦେଶରେ)** | | |
| ଜୁଲାଇ ୨୩ | ପ୍ରଥମ ଟି-୨୦ | ହରାରେ |
| ଜୁଲାଇ ୨୫ | ଦ୍ୱିତୀୟ ଟି-୨୦ | ହରାରେ |
| ଜୁଲାଇ ୨୬ | ତୃତୀୟ ଟି-୨୦ | ହରାରେ |
| **ବନାମ ୱେଷ୍ଟଇଣ୍ଡିଜ୍ (ଦେଶରେ)** | | |
| ସେପ୍ଟେମ୍ବର ୨୭ | ପ୍ରଥମ ଦିନିକିଆ | ତ୍ରିଭାନ୍ଦ୍ରମ୍ |
| ସେପ୍ଟେମ୍ବର ୩୦ | ଦ୍ୱିତୀୟ ଦିନିକିଆ | ଗୁଆହାଟୀ |
| ଅକ୍ଟୋବର ୩ | ତୃତୀୟ ଦିନିକିଆ | ମୁଲାନପୁର |
| ଅକ୍ଟୋବର ୬ | ପ୍ରଥମ ଟି-୨୦ | ଲକ୍ଷ୍ନୌ |
| ଅକ୍ଟୋବର ୯ | ଦ୍ୱିତୀୟ ଟି-୨୦ | ରାଞ୍ଚି |
| ଅକ୍ଟୋବର ୧୧ | ତୃତୀୟ ଟି-୨୦ | ଇନ୍ଦୋର |
| ଅକ୍ଟୋବର ୧୪ | ଚତୁର୍ଥ ଟି-୨୦ | ହାଇଦରାବାଦ୍ |
| ଅକ୍ଟୋବର ୧୭ | ପଞ୍ଚମ ଟି-୨୦ | ବେଙ୍ଗାଲୁରୁ |
| **ବନାମ ଶ୍ରୀଲଙ୍କା (ଦେଶରେ)** | | |
| ଡିସେମ୍ବର ୧୩ | ପ୍ରଥମ ଦିନିକିଆ | ଦିଲ୍ଲୀ |
| ଡିସେମ୍ବର ୧୬ | ଦ୍ୱିତୀୟ ଦିନିକିଆ | ବେଙ୍ଗାଲୁରୁ |
| ଡିସେମ୍ବର ୧୯ | ତୃତୀୟ ଦିନିକିଆ | ଅହମ୍ମଦାବାଦ୍ |
| ଡିସେମ୍ବର ୨୨ | ପ୍ରଥମ ଟି-୨୦ | ରାଜକୋଟ |
| ଡିସେମ୍ବର ୨୪ | ଦ୍ୱିତୀୟ ଟି-୨୦ | କଟକ |
| ଡିସେମ୍ବର ୨୭ | ତୃତୀୟ ଟି-୨୦ | ପୁଣେ |

■ ଟେଷ୍ଟ ପାଇଁ ଆଇସିସିର ନିଷ୍ପତ୍ତି

## ଖରାପ ଆଲୋକରେ ବ୍ୟବହାର ହେବ ପିଙ୍କ ବଲ୍

**ଅହମ୍ମଦାବାଦ, ୧।୬ (ଏଜେନ୍ସି):** ଅହମ୍ମଦାବାଦରେ ଅନୁଷ୍ଠିତ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି)ର ବୋର୍ଡ ବୈଠକରେ ଟେଷ୍ଟ ମ୍ୟାଚକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ସାଧାରଣତଃ ଏକାଧିକ ଟେଷ୍ଟ ମ୍ୟାଚରେ କମ୍ ଆଲୋକ ଲାଗି ଦିବସର ଖେଳକୁ ଶୀଘ୍ର ବନ୍ଦ କରିଦିଆଯାଇଥାଏ। ମେଘୁଆ ପରିସ୍ଥିତି ଲାଗି ଖରାପ ଆଲୋକ କ୍ଷେତ୍ରରେ ଖେଳକୁ ସର୍ବାଧିକ ସମୟ କରିବା ପାଇଁ ଆଇସିସି ଟେଷ୍ଟରେ ଗୋଲାପୀ ବଲ୍ ବ୍ୟବହାର ପରୀକ୍ଷା କରିବାକୁ ରାଜି ହୋଇଛି। ଉଭୟ ଦଳର ଅଧିନାୟକ ଏଥିରେ ରାଜି ହେବା ଆବଶ୍ୟକ ବୋଲି ସୁପାରିଶକୁ ଆଇସିସି ଅନୁମୋଦନ କରିଛି।

## ଗୁଜରାଟ ଟିମ୍ ବସ୍‌ରେ ଲାଗିଲା ନିଆଁ

**ଅହମ୍ମଦାବାଦ, ୧।୬ (ଏଜେନ୍ସି):** ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଗୁଜରାଟ ଟାଇଟାନ୍ସ ଦ୍ୱିତୀୟଥର ଲାଗି ଆଇପିଏଲ୍ ଟ୍ରଫି ଜିତିବାରୁ ବଞ୍ଚିତ ହୋଇଛି। ଅହମ୍ମଦାବାଦରେ ଗତକାଲି ଖେଳାଯାଇଥିବା ଫାଇନାଲରେ ଆରସିବି ୫ ୱିକେଟରେ ଗୁଜରାଟକୁ ପରାସ୍ତ କରି କ୍ରମାଗତ ଦ୍ୱିତୀୟଥର ଚାମ୍ପିଅନ ହୋଇଥିଲା। ଫାଇନାଲରେ ପରାଜୟ ପରେ ମଧ୍ୟ ବିପର୍ଯ୍ୟୟ ଗୁଜରାଟ ଖେଳାଳିଙ୍କ ପିଛା ଛାଡ଼ି ନ ଥିଲା। ଖେଳାଳିମାନେ ଷ୍ଟାଡିୟମରୁ ଟିମ୍ ବସ ଯୋଗେ ହୋଟେଲକୁ ଫେରିବାକୁ ଯାଉଥିବାବେଳେ ଏକ ବଡ଼ ଅଘଟଣ ଘଟିଯାଇଥିଲା। ସର୍ଟ ସର୍କିଟ ଯୋଗୁ ଗୁଜରାଟର ଟିମ୍ ବସରେ ନିଆଁ ଲାଗିଯାଇଥିଲା। ସୌଭାଗ୍ୟବଶତଃ ଗୁଜରାଟର ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ସୁରକ୍ଷିତ ଭାବେ ବସରୁ ବାହାର କରାଯାଇଥିଲା। କିଛି ସମୟର ଅପେକ୍ଷା ପରେ ଆଉ ଏକ ବସର ବ୍ୟବସ୍ଥା ହୋଇଥିଲା। ଯେଉଁଥିରେ ସମସ୍ତ ଖେଳାଳି ହୋଟେଲକୁ ଫେରିଥିଲେ। ଗୁଜରାଟ ପାଇଁ ଗତ ୩ ଦିନ ବେଶ୍ ସ୍ମରଣୀୟ ରହିବ। କ୍ୱାଲିଫାୟର-୨ରେ ବିଜୟ ହାସଲ କରିବା ପରେ ଗୁଜରାଟ ଖେଳାଳିମାନେ ପ୍ରବଳ ବର୍ଷା ଓ ଖରାପ ପାଗ ଲାଗି ଦୁଇଦିନ କାଳ ଚଣ୍ଡିଗଡ଼ରେ ଅଟକି ରହିଥିଲେ। ପରେ ଏକ ଚାର୍ଟର ଫ୍ଲାଇଟ ଯୋଗେ ଶନିବାର ବିଳମ୍ବିତ ରାତିରେ ଗିଲ୍ ବାହିନୀ ଅହମ୍ମଦାବାଦରେ ଫାଇନାଲ ଖେଳିବାକୁ ପହଞ୍ଚିଥିଲା। ଫଳରେ ସେମାନଙ୍କୁ ଫାଇନାଲ୍ ପୂର୍ବରୁ ପ୍ରସ୍ତୁତି ଲାଗି ସମୟ ମିଳି ନ ଥିଲା।



## ଏସିଆ କପ ହକିରେ ଭାରତୀୟ ପୁରୁଷ ଦଳର ବିଜୟ

**ନୂଆଦିଲ୍ଲୀ,୧।୬(ଏଜେନ୍ସି):** ଦକ୍ଷିଣ କୋରିଆକୁ ୪-୧ ଗୋଲରେ ହରାଇ ଜାପାନରେ ଚାଲିଥିବା ୧୮ ବର୍ଷରୁ କମ୍ ଏସିଆ କପ୍ ହକିରେ ଭାରତୀୟ ପୁରୁଷ ଦଳ ଦ୍ୱିତୀୟ ବିଜୟ ହାସଲ କରିଛି। ଏହା ଫଳରେ ଗ୍ରୁପ୍‌ରେ ଅନ୍ୟ ପ୍ରତିଦ୍ୱନ୍ଦ୍ୱୀ ଜାପାନ ଓ ଦକ୍ଷିଣ କୋରିଆ ସହ ଭାରତର ପଏଣ୍ଟ ସଂଖ୍ୟା ସମାନ ରହିଛି। ଅନ୍ୟପକ୍ଷରେ ଆସନ୍ତାକାଲି ଝଡ଼ବାତ୍ୟା ହେବାର ଆଶଙ୍କା ଥିବାରୁ ମହିଳା ଦଳର ପରବର୍ତ୍ତୀ ମ୍ୟାଚ୍ ଜୁନ୍ ୩ରେ ଖେଳାଯିବ।

## ଭାରତୀୟ ଦର୍ଶକ ଆଶ୍ୱସ୍ତ; ଜି'ନେଟ୍‌ୱର୍କରେ ଫିଫା ବିଶ୍ୱକପ୍

**ଅହମ୍ମଦାବାଦ, ୧।୬ (ଏଜେନ୍ସି):** ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟିଛି। ବିଶ୍ୱ ଫୁଟବଲର ସର୍ବୋଚ୍ଚ ଟୁର୍ଣ୍ଣାମେଣ୍ଟ ଫିଫା ବିଶ୍ୱକପର ଆଗାମୀ ସଂସ୍କରଣ ଭାରତରେ ସିଧାପ୍ରସାରଣ ହେବା ଲାଗି ରାସ୍ତା ପରିଷ୍କାର ହୋଇଯାଇଛି। ଜୀ ନେଟୱର୍କକୁ ଫିଫା ବିଶ୍ୱକପ୍‌ର ସିଧାପ୍ରସାରଣ ଲାଗି ମିଡିଆ ରାଇଟ୍ସ ମିଳିଯାଇଛି। ଆଗାମୀ ୩୯ଟି ଫିଫା ଇଭେଣ୍ଟର ପ୍ରସାରଣ ଅଧିକାର ହାସଲ କରିଥିବା ନେଇ ଜୀ ଏଣ୍ଟରଟେନମେଣ୍ଟ ପକ୍ଷରୁ ସୋମବାର ଘୋଷଣା କରାଯାଇଛି। ଯେଉଁଥିରେ ଜୁନ ୧୧ରୁ ଆରମ୍ଭ ହେବାକୁ ଥିବା ପୁରୁଷ ଫିଫା ବିଶ୍ୱକପ୍ ସମେତ ୨୦୨୭ ଫିଫା ମହିଳା ବିଶ୍ୱକପ୍ ଓ ୨୦୩୦ ପୁରୁଷ ଫିଫା ବିଶ୍ୱକପ୍ ପ୍ରମୁଖ ରହିଛି। ଏହି ଚୁକ୍ତି ଅନୁସାରେ ଜୀ ୨୦୨୬ ରୁ ୨୦୩୪ ପର୍ଯ୍ୟନ୍ତ ଭାରତରେ ଫିଫାର ସମସ୍ତ ଟୁର୍ଣ୍ଣାମେଣ୍ଟ ପ୍ରସାରଣ କରିବ। ଏହି ସମସ୍ତ ଇଭେଣ୍ଟ ଜି'ର ୟୁନାଇଟ-୮ ସ୍ପୋର୍ଟ୍ସ ଚ୍ୟାନେଲଗୁଡ଼ିକରେ ପ୍ରଦର୍ଶିତ ହେବ। ସେହିଭଳି ଅନଲାଇନରେ ଜୀ୫'ରେ ଲାଇଭ ଷ୍ଟ୍ରିମିଂ ହେବ ବୋଲି ଜଣାପଡ଼ିଛି। ଯଦିଓ ବିଶ୍ୱକପ୍ ପ୍ରସାରଣ ପାଇଁ ହୋଇଥିବା ଚୁକ୍ତି ପରିମାଣର କୌଣସି ଅଫିସିଆଲ ଘୋଷଣା କରାଯାଇନାହିଁ, ତଥାପି ୩୦ରୁ ୩୫ ନିୟୁତ ଡଲାର (ପ୍ରାୟ ୩୨୦ କୋଟି ଟଙ୍କା) ମଧ୍ୟରେ ଏହି ପ୍ରସାରଣ ଚୁକ୍ତି ହୋଇଥିବା ରିପୋର୍ଟ ପ୍ରକାଶ ପାଇଛି।

## ଫ୍ରେଞ୍ଚ୍ ଓପନ୍: ରୁଡ୍, କିଜ୍ ବିଦା; କ୍ୱାର୍ଟରରେ ଡାଏନା

**ପ୍ୟାରିସ, ୧।୬ (ଏଜେନ୍ସି):** ଚଳିତ ଫ୍ରେଞ୍ଚ ଓପନ୍‌ର ୯ମ ଦିବସ ଖେଳ ସୋମବାର ଅନୁଷ୍ଠିତ ହୋଇଯାଇଛି। ପୁରୁଷ ସିଙ୍ଗଲ୍ସ ଇଟାଲୀର ଫ୍ଲାଭିଓ କୋବୋଲି, ବ୍ରାଜିଲର ଜୋଆଓ ଫୋନସେକା ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ୨୮ତମ ସିଡ୍ ଫୋନସେକା ପ୍ରି-କ୍ୱାର୍ଟରରେ ୭-୫, ୭-୬ (୧୦/୮), ୫-୭, ୬-୨ରେ ବିଶ୍ୱର ୧୫ତମ ମାନ୍ୟତା କାସ୍ପର ରୁଡ୍‌ଙ୍କୁ ହରାଇ ବିଦାୟର ରାସ୍ତା ଦେଖାଇଥିଲେ। ସେହିଭଳି ୧୦ମ ସିଡ୍ କୋବୋଲି ୬-୨, ୬-୩, ୬-୭ (୩/୭), ୭-୬ (୭/୫) ସେଟରେ ଅଣସିଡେଡ ଆମେରିକାର ଜାଚେରୀ ଭାଜଦାଙ୍କୁ ହରାଇ କ୍ୱାର୍ଟରରେ ସ୍ଥାନ ପକ୍କା କରିଛନ୍ତି। ଅପରପକ୍ଷରେ ମହିଳା ବିଭାଗରେ ପୋଲାଣ୍ଡର ମାଜା ଚୱାଲିସ୍କା, ୨୫ତମ ସିଡ୍ ରୁଷିଆର ଡାଏନା ସ୍ନାଇଡର, ରୁଷିଆର ଆନ୍ନା କାଲିସ୍କାୟା ମଧ୍ୟ କ୍ୱାର୍ଟର ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ରାଉଣ୍ଡ-୧୬ ତଥା ପ୍ରି-କ୍ୱାର୍ଟରରେ ଡାଏନା ୬-୩, ୩-୬, ୬-୦ ସେଟରେ ୧୯ତମ ସିଡ୍ ଆମେରିକାର ମାଡିସନ କିଜ୍‌ଙ୍କୁ ପରାସ୍ତ କରିଥିଲେ। ଉଲ୍ଲେଖନୀୟ ସଫଳତା ହାସଲ କରି ଭାରତର ଏନ ଶ୍ରୀରାମ ବାଲାଜୀ ଓ ତାଙ୍କ ବ୍ରାଜିଲ ପାର୍ଟନର ମାର୍ସେଲୋ ଡେମୋଲିନର ପୁରୁଷ ଡବଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏହି ଇଣ୍ଡୋ-ବ୍ରାଜିଲୀୟ ଯୋଡ଼ି ଏକ ଘଣ୍ଟା ୨୫ ମିନିଟରେ ଜର୍ମାନର କେଭିନ ଓ ଟିମ୍ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ତେବେ ମହିଳା ଅମ୍ପାୟରଙ୍କ ପ୍ରତି ଆପତ୍ତିଜନକ ମନ୍ତବ୍ୟ ଦେବା ପାରାଗୁଏ'ର ଆଡୋଲଫୋ ଡାନିଏଲଙ୍କ ପାଇଁ ମହଙ୍ଗା ପଡ଼ିଛି। ଫ୍ରେଞ୍ଚ ଓପନ୍ ଆୟୋଜକ ତାଙ୍କୁ ୭୧ ଲକ୍ଷ ଟଙ୍କା ଜରିମାନା କରିଛନ୍ତି।



## କାନାଡା କ୍ରିକେଟ୍‌କୁ ବାସନ୍ଦ କଲା ଆଇସିସି

**ଅହମ୍ମଦାବାଦ, ୧।୬ (ଏଜେନ୍ସି):** ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଆଇସିସି ଏକ ବଡ଼ ନିଷ୍ପତ୍ତିକ୍ରମେ କାନାଡା କ୍ରିକେଟ୍ ବୋର୍ଡର ସଦସ୍ୟତା ପଦକୁ ରଦ୍ଦ କରିଦେଇଛି। କାନାଡା କ୍ରିକେଟ୍ ଏହାର ସଦସ୍ୟତା ଦାୟିତ୍ୱ ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଛି। ମେ ୩୧ ତାରିଖରେ ଅହମ୍ମଦାବାଦରେ ଅନୁଷ୍ଠିତ ଆଇସିସି ବୋର୍ଡ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୋର୍ଡ ଉପରେ ନିଲମ୍ବନ ସତ୍ତ୍ୱେ ଏହାର ଖେଳାଳିମାନଙ୍କ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ। ସେମାନେ ପୂର୍ବଭଳି ଆଇସିସି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିପାରିବେ। ଏହି ନିଷ୍ପତ୍ତି ପ୍ରଶାସନିକ ସ୍ତରରେ ନିଆଯାଇଥିଲା। ତେଣୁ ଖେଳାଳିମାନେ ଆର୍ଥିକ ଭାବରେ ପ୍ରଭାବିତ ନ ହୁଅନ୍ତୁ ତାହା ନିଶ୍ଚିତ କରିବା ପାଇଁ, ଏକ ନିୟନ୍ତ୍ରିତ ବ୍ୟବସ୍ଥା ମାଧ୍ୟମରେ ପାଣ୍ଠି ବଣ୍ଟନ କରାଯିବ। କାନାଡା କ୍ରିକେଟ୍ ବୋର୍ଡର ପୁନଃସ୍ଥାପନ ପାଇଁ ଆଇସିସି କିଛି ସର୍ତ୍ତ ରଖିଛି।

### ଓସିଏ ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା ଦିନିକିଆ କ୍ରିକେଟ୍

## ଆରଏସ୍‌ପି-ଭୁବନେଶ୍ୱର-ଏ ଫାଇନାଲ୍ ଲଢ଼େଇ

**ଭୁବନେଶ୍ୱର, ୧।୬ (ସମିସ):** ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଯାଇଛି। ବୁଧବାର ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆର୍‌ଏସପି) ଓ ଭୁବନେଶ୍ୱର-ଏ ମଧ୍ୟରେ ଟାଇଟଲ୍ ପାଇଁ ଲଢ଼େଇ ହେବ। ସୋମବାର ଖେଳାଯାଇଥିବା ସେମିଫାଇନାଲରେ ଭୁବନେଶ୍ୱର-ଏ ୫ ୱିକେଟରେ ସୁନ୍ଦରଗଡ଼କୁ ଏବଂ ଆରଏସପି ୭ ୱିକେଟରେ କଟକ-ଏ'କୁ ପରାସ୍ତ କରିଥିଲା। ରେଭେନସା ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ସୁନ୍ଦରଗଡ଼ ୩୫ ଓଭରରେ ୧୬୭ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ସୁନ୍ଦରଗଡ଼ର ଧୀରଜ ମାଝୀ ୫୪ ରନର ପାଳି ଖେଳିଥିଲେ। ପ୍ରତିପକ୍ଷ ଭୁବନେଶ୍ୱର-ଏ ପକ୍ଷରୁ ସଫଳ ବୋଲର ଭାବେ ସୁବାଶିଷ ମଲ୍ଲିକ ୫ଟି ୱିକେଟ୍ ନେଇଥିଲେ। ଜବାବରେ ସିଦ୍ଧାର୍ଥ ବେହେରାଙ୍କ ୫୫ ରନ ବଳରେ ଭୁବନେଶ୍ୱର ଦଳ ୨୫.୧ ଓଭରରେ ୫ଟି ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ସେହିଭଳି ଡ୍ରିମ୍ସ ଗ୍ରାଉଣ୍ଡରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ବିପକ୍ଷରେ ପ୍ରଥମେ ବ୍ୟାଟିଂ କରି କଟକ-ଏ ୧୭୧ ରନରେ ସୀମିତ ରହିଥିଲା। ମହେଶ କୁମାର ସାହୁ ୪ଟି ୱିକେଟ୍ ନେଇଥିଲେ। ଜବାବରେ ଆରଏସ୍‌ପି ୩୧.୫ ଓଭରରେ ୩ଟି ୱିକେଟ୍ ବିନିମୟରେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିଯାଇଥିଲା। ବିଜୟୀ ଦଳ ପକ୍ଷରୁ ବିଷ୍ଣୁ ବେହେରା ଓ କୌସ୍ତିକ ମହାନ୍ତି ୫ଟି ଲେଖାଏ ୱିକେଟ୍ ନେଇଥିଲେ।





PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS